


ସୁଟିଂ ସେଟ୍‌ରୁ ଫଟୋ ଭାଇରାଲ୍

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-229 •BHUBANESWAR •FRIDAY •14 FEBRUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୨୯ •ଭୁବନେଶ୍ୱର •ଶୁକ୍ରବାର •୧୪ ଫେବୃଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦







## ବଢୁଛି ଦାଦନ

### 'ମନରେଗା' କାର୍ଯ୍ୟାନ୍ୱୟନରେ ସରକାର ବିଫଳ

# ଭୋକିଲାଙ୍କ ପେଟରେ ଲାତ

■ ଭୁବନେଶ୍ୱର, ୧୩।୨ (ସମିସ): ସ୍ୱଳ୍ପ ମଜୁରି ଓ ପର୍ଯ୍ୟାପ୍ତ କର୍ମନିଯୋଜନରେ ଅଭାବ ରାଜ୍ୟରେ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)କୁ ଲକ୍ଷ୍ୟଚ୍ୟୁତ କରିଛି। ଏହାର ପ୍ରଭାବ ପରୋକ୍ଷରେ ରାଜ୍ୟରେ ଦାଦନ ସମସ୍ୟା ବଢ଼ାଇବାରେ ସହାୟକ ହେଉଛି। ଅନ୍ୟ ରାଜ୍ୟର ମନରେଗା ଶ୍ରମିକଙ୍କ ତୁଳନାର ଓଡ଼ିଶାର ଶ୍ରମିକ କମ୍ ମଜୁରୀ ପାଉଛନ୍ତି। ତଥାପି ସେମାନଙ୍କୁ ସରକାର କାମ ଯୋଗାଇବାକୁ ସମର୍ଥ ହୋଇ ପାରିନାହାନ୍ତି। ଗତବର୍ଷ ମନରେଗାରେ ରାଜ୍ୟରେ ୧୭.୬୧ କୋଟି ଶ୍ରମଦିବସ ସୃଷ୍ଟି ହୋଇଥିବାବେଳେ ଚଳିତ ବର୍ଷ ଏହା ୧୦କୋଟି ବି ଅତିକ୍ରମ କରିପାରି ନାହିଁ। ସେହିପରି ଗତବର୍ଷ ରାଜ୍ୟର ୩.୩୯ ଲକ୍ଷ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବାବେଳେ ଚଳିତ ବର୍ଷ ୧.୪୯ ଲକ୍ଷ ପରିବାର ପାଇଛନ୍ତି ୧୦୦ ଦିନର କାମ। ଯାହା ଫଳରେ ଲୋକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି; ସର୍ଦ୍ଦାର ଓ ନିଯୁକ୍ତିଦାତାଙ୍କ ନିର୍ଯାତନା ସହି ନପାରି ପ୍ରାଣ ହରାଉଛନ୍ତି। ପ୍ରତିଦିନ ଓଡ଼ିଶାକୁ



**ଅନ୍ୟ ରାଜ୍ୟଠାରୁ ଓଡ଼ିଶାରେ ଶ୍ରମିକଙ୍କୁ କମ୍ ମଜୁରୀ**

**ନଥିରେ ଅଟକିଛି ୩୦୦ ଦିନ କାମ ପ୍ରତିଶ୍ରୁତି**

**କମିଲା କେନ୍ଦ୍ରୀୟ ଅନୁଦାନ, କମିଛି କର୍ମନିଯୁକ୍ତି**

**ଦାଦନ ଚାଲାଣରେ ଅଙ୍କୁଶ ଭାଷଣରେ ସୀମିତ**

ଅନ୍ୟ ରାଜ୍ୟରୁ ଦାଦନଙ୍କ ପୁଟୁଳିବନ୍ଧା ଶବ ଗାଁକୁ ଫେରୁଥିବା ଦେଖାଯାଉଛି।

ଦାଦନ ଚାଲାଣ ରୋକିବା ଦିଗରେ ସବୁଠାରୁ ବଡ଼ ମାଧ୍ୟମ କୁହାଯାଉ ଥିବା ମନରେଗାର କାର୍ଯ୍ୟାନ୍ୱୟନରେ ସରକାର ବିଫଳତା ଚିନ୍ତାର କାରଣ ସାଜିଛି। ଦାଦନ ଚାଲାଣ ରୋକିବା ପାଇଁ ନୂଆ ସରକାର ଟାସ୍କ ଫୋର୍ସ ଗଠନ କରିଥିବା ବେଳେ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱ ଦେଉଛନ୍ତି; କିନ୍ତୁ ଗରିବ ଲୋକଙ୍କୁ କିପରି କର୍ମନିଯୋଜନ ପ୍ରଦାନ କରିବେ ତାହା ଉପରେ ସରକାର ଗୁରୁତ୍ୱ ନ ଥିବା ଅଭିଯୋଗ ହୋଇଛି। ମନରେଗା ଶ୍ରମିକଙ୍କୁ ପଞ୍ଜାବରେ ୩୨୨ ଟଙ୍କା, ଆନ୍ଧ୍ରରେ ୩୦୦ ଟଙ୍କା, କର୍ଣ୍ଣାଟକରେ ୩୪୯ ଟଙ୍କା, କେରଳରେ ୩୪୬ ଟଙ୍କା, ଗୋଆରେ ୩୫୬ ଟଙ୍କା, ତାମିଲନାଡୁରେ ୩୧୯ ଟଙ୍କା, ତେଲେଙ୍ଗାନାରେ ୩୦୦ ଟଙ୍କା, ନିକୋବାରରେ ୩୪୭ ଟଙ୍କା, ହରିଆନାରେ ୩୭୪ ଟଙ୍କା, ମହାରାଷ୍ଟ୍ରରେ ୨୯୭ ଟଙ୍କା, ସିକ୍କିମ୍‌ରେ ୩୭୪ ଟଙ୍କା ମଜୁରୀ ମିଳୁଛି। ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫୧କୁ ବୃଦ୍ଧି କରିଥିଲେ ସୁଦ୍ଧା ଏବେ ▶ପୃଷ୍ଠା-୭

# ସଂସଦରେ 'ୱାକଫ୍' ଝଡ଼

### ରିପୋର୍ଟକୁ ଏକତରଫା ଦର୍ଶାଇ ବିରୋଧୀଙ୍କ କକ୍ଷତ୍ୟାଗ

■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ୱାକଫ୍ ସଂଶୋଧନ ବିଲ୍ ଉପରେ ଆସିଥିବା ଯୁଗ୍ମ ସଂସଦୀୟ କମିଟି(ଜେପିସି) ରିପୋର୍ଟ ଗୁରୁବାର ସଂସଦରେ ଉପସ୍ଥାପନ କରାଯିବା ପରେ ଏହାକୁ ବିରୋଧ କରି ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଛନ୍ତି। ବିଶେଷକରି ଏହି ବିଲ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯେଉଁ ପ୍ରସ୍ତାବ କିମ୍ବା ପରାମର୍ଶ ଦିଆଯାଇଥିଲା ସେଗୁଡ଼ିକୁ ଗ୍ରହଣ କରାଯାଇ ନଥିବାରୁ କଂଗ୍ରେସ, ଏମଆଇଏମଆଇଏମ ସମେତ ଅନ୍ୟ ବହୁ ବିରୋଧୀ ଦଳ ଏହି ରିପୋର୍ଟକୁ ବିରୋଧ କରିଛନ୍ତି। ଲୋକସଭା କାର୍ଯ୍ୟ ଆରମ୍ଭ ହେବା ପରେ ଜେପିସି ଅଧ୍ୟକ୍ଷ ତଥା ବିଜେପି ସାଂସଦ ଜଗଦମ୍ବିକା ପାଲ ଜେପିସି ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲେ। କିନ୍ତୁ ଏହାକୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଘୋର ବିରୋଧ କରାଯାଇ ନାରାବାଜି କରାଯାଇଥିଲା। ପରେ ପରେ ବିରୋଧୀ କକ୍ଷତ୍ୟାଗ କରିବା ପରେ ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ବିଜେପି ସାଂସଦ ମେଧା ବିଶ୍ରାମ କୁଲକର୍ଣ୍ଣି



**ବିରୋଧୀଙ୍କ ଦାବିକୁ ବିଚାର କରାଯାଇ ନାହିଁ**

**ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ**

ରାଜ୍ୟସଭାରେ ଏହି ରିପୋର୍ଟ ଉପସ୍ଥାପନ କରିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା ଆରମ୍ଭ କରିଦେଇଥିଲେ। ୱାକଫ୍ ସଂଶୋଧନ ବିଲକୁ ନେଇ ବିରୋଧୀ ସଦସ୍ୟମାନେ ଜେପିସିକୁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାର କୌଣସି ଅଂଶ ଏହି ରିପୋର୍ଟରେ ନାହିଁ ବୋଲି କହିଥିଲେ। ଏହି ରିପୋର୍ଟକୁ ଏକତରଫା ଭାବେ ପ୍ରସ୍ତୁତ କରାଯିବା ସହିତ ବିରୋଧୀଙ୍କ ମତାମତକୁ ଆଦୌ ଗ୍ରହଣ କରାଯାଇ ନାହିଁ ବୋଲି ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଥିଲେ। ବିରୋଧୀ ସଦସ୍ୟମାନେ ଦେଇଥିବା ମତାମତକୁ ହଟାଇ ଦେବା ସମ୍ପୂର୍ଣ୍ଣ ନିନ୍ଦନୀୟ ଏବଂ ଅଗଣତାନ୍ତ୍ରିକ ବୋଲି କହିଥିଲେ। ଏହାପରେ ଗୃହରେ ହୋହଲ୍ଲା ଲାଗି ରହିବାରୁ ରାଜ୍ୟସଭା ▶ପୃଷ୍ଠା-୭

### ରାଜ୍ୟପାଳଙ୍କ ଅଭିଭାଷଣରେ ପୂର୍ବ ସରକାରଙ୍କ ସଫଳତାର ଝଲକ

# ଭବିଷ୍ୟତ ଯୋଜନା ଅସ୍ପଷ୍ଟ

**ତାଳଚେର ଓ ଫୁଲବାଣୀରେ ମେଡିକାଲ କଲେଜ ନିର୍ମାଣ ଶେଷ**

**ଆଗାମୀ ବର୍ଷ ଶେଷ ହେବ ୨୩ଟି ଇନ୍‌ଷ୍ଟ୍ରିମକ ଷ୍ଟୋରେଜ ପ୍ରକଳ୍ପ**

**ଇ-ବସ୍ ଯୋଜନାରେ ବିଭିନ୍ନ ସହରରେ ଚାଲୁଛି ୪୦୦ ବସ୍**

**୨ ବର୍ଷରେ ବୟନ ଶିଳ୍ପରେ ୫୦ ହଜାର ନିଯୁକ୍ତି ଲାଗି ଯୋଜନା**

**୫ ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସରେ ୫୦ ହଜାର ନିଯୁକ୍ତି**

■ ଭୁବନେଶ୍ୱର, ୧୩।୨ (ସମିସ): ରାଜ୍ୟପାଳଙ୍କ ଅଭିଭାଷଣ ସହ ଆରମ୍ଭ ହୋଇଛି ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ। ରାଜ୍ୟପାଳ ଡ.ହରିବାବୁ କମ୍ଭମ୍‌ପାଟିଙ୍କ ଦୀର୍ଘ ଅଭିଭାଷଣରେ ଓଡ଼ିଶାର ବିକାଶର ଗାଥା ଓ ଜୟଯାତ୍ରା ପ୍ରତିଫଳିତ ହୋଇଥିଲେ ହେଁ ରାଜ୍ୟର ଭବିଷ୍ୟତ ଯାତ୍ରା ସମ୍ପୂର୍ଣ୍ଣ ରୂପେ ଅସ୍ପଷ୍ଟ ରହିଛି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶାର ସଫଳତା ରାଜ୍ୟପାଳଙ୍କ ଅଭିଭାଷଣରେ 'ମୋ ସରକାର'ର କାର୍ଯ୍ୟ ବୋଲି ଉଲ୍ଲେଖ କରାଯାଇଛି। ରାଜ୍ୟପାଳଙ୍କ ଏହି ଅଭିଭାଷଣ ରାଜ୍ୟର ବୁଦ୍ଧିଜୀବୀ ମହଲକୁ ନିରାଶ କରିଛି। ଅଭିଭାଷଣରେ ନା ଅଛି ନୂତନତ୍ୱ, ନା ଅଛି ଆଗାମୀ ଦିନ ପାଇଁ ନିର୍ଦ୍ଦିଷ୍ଟ ଯୋଜନା। ବିଶେଷକରି ଭିତ୍ତିଭୂମି ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ ପରି କ୍ଷେତ୍ର ପାଇଁ ସରକାରଙ୍କ ନିକଟରେ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ଅଭିଭାଷଣ ଇଙ୍ଗିତ କରିବାରେ ଅସଫଳ ▶ପୃଷ୍ଠା-୭



### 'ମୋ ସରକାର'ଙ୍କ ସଫଳତାର ଶ୍ରେୟ ନେବାକୁ ଉଦ୍ୟମ: ନବୀନ

■ ଭୁବନେଶ୍ୱର: ରାଜ୍ୟପାଳଙ୍କ ଅଭିଭାଷଣକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟପାଳଙ୍କ ଅବିଭାଷଣରେ ସରକାର କେବଳ ମୋ ସରକାର ସମୟରେ ବିଭିନ୍ନ ସଫଳତାର ଶ୍ରେୟ ନେବାକୁ ଉଦ୍ୟମ କରିଛନ୍ତି। ଯେଉଁ କ୍ଷେତ୍ରରେ ସରକାର ବିଫଳ ହେଇଛନ୍ତି, ସେନେଇ ଗୁରୁତ୍ୱ ଏବଂ ଧ୍ୟାନ କେନ୍ଦ୍ରୀୟ କରିବାର ଆବଶ୍ୟକତା ରହିଛି। ବିଶେଷକରି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଏବଂ ବେକାରୀ ସମସ୍ୟା ଉପରେ ସରକାର ଧ୍ୟାନ ଦେବା ଉଚିତ୍ ବୋଲି ନବୀନ କହିଛନ୍ତି।

# ସନାତନଙ୍କୁ ନବୀନଙ୍କ ତାଗିଦ୍

■ ଭୁବନେଶ୍ୱର, ୧୩।୨ (ସମିସ): ଗତକାଲି ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ଅନୁପସ୍ଥିତିକୁ ନେଇ ଚମ୍ପୂଆ ବିଧାୟକ ସନାତନ ମହାକୁଡଙ୍କୁ ତାଗିଦ କରିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଗତକାଲି ଅନୁଷ୍ଠିତ ବୈଠକରେ ସେ କାହିଁକି ଯୋଗ ଦେଲେ ନାହିଁ ବୋଲି ପ୍ରଶ୍ନ କରିବା ସହ ଦଳରେ ଶୃଙ୍ଖଳା ପ୍ରଥମ ବୋଲି ପରୋକ୍ଷରେ ସେ ସନାତନଙ୍କୁ ଚେତାଇ ଦେଇଛନ୍ତି । ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି ।



**ବିଧାୟକ ଦଳ ବୈଠକରେ ଥିଲେ ଅନୁପସ୍ଥିତ**

ବିଧାନସଭା ଅଧିବେଶନର ପ୍ରଥମ ଦିନରେ ଗୃହକୁ ପ୍ରବେଶ କରିବା ସମୟରେ ତାଙ୍କୁ ସ୍ୱାଗତ କରିବା ନିମନ୍ତେ ବିଜେଡିର ବିଧାୟକମାନେ ଅପେକ୍ଷା କରି ରହିଥିଲେ। ନବୀନ ଗାଡ଼ିରୁ ଓହ୍ଲାଇବା ପରେ ବିଧାୟକମାନେ ତାଙ୍କୁ ନମସ୍କାର କରି ଗୃହ ମଧ୍ୟକୁ ପାଛୋଟି ନେଇଥିଲେ। ପ୍ରତିନମସ୍କାର କରି ନବୀନ ଆଗକୁ ବଢୁଥିବାବେଳେ ବିଧାୟକ ସାରଦା ଜେନାଙ୍କ ପଛରେ ଠିଆ ହୋଇଥିବା ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଦେଖି ନବୀନ ଅଟକି ଯାଇଥିଲେ। ଗତକାଲି ବିଧାୟକ ଦଳ ବୈଠକରେ କାହିଁକି ସେ ଅନୁପସ୍ଥିତ ଥିଲେ ବୋଲି ପ୍ରଶ୍ନ ▶ପୃଷ୍ଠା-୭

# ମଣିପୁରରେ ରାଷ୍ଟ୍ରପତି ଶାସନ

■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ହିଂସା ଏବଂ ଅରାଜକତା କବଳିତ ମଣିପୁର ରାଜ୍ୟରେ ଗୁରୁବାର ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ରାଜ୍ୟର ସାଂପ୍ରତିକ ଆଇନ ଶୃଙ୍ଖଳା ବ୍ୟବସ୍ଥା ଏଭଳି ସ୍ଥିତିରେ ପହଞ୍ଚିଛି ଯେ ଏଠାରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଶାସନ ଚଳାଇବା କଷ୍ଟକର। ତେଣୁ ଶାସନ ଦାୟିତ୍ୱ ରାଷ୍ଟ୍ରପତି ନିଜ ହାତକୁ ନେବାକୁ ବାଧ ହୋଇଛନ୍ତି ବୋଲି ଗୁରୁବାର କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ସମ୍ବିଧାନର ଧାରା ୩୫୬ ଅନୁସାରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରିଯାଇଥିଲା ବେଳେ ଏଣିକି ରାଜ୍ୟପାଳଙ୍କ ହାତରେ ପ୍ରଶାସନିକ କ୍ଷମତା ନ୍ୟସ୍ତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ରବିବାର ମୁଖ୍ୟମନ୍ତ୍ରୀ ପଦରୁ ବୀରେନ ସିଂ ଇସ୍ତଫା ଦେଇଥିଲେ। ୨୦୨୩ରୁ ମଣିପୁରରେ ସୃଷ୍ଟି ହୋଇଥିବା ଜାତିଗତ ହିଂସା ବର୍ତ୍ତମାନ ସୁଦ୍ଧା ଚାଲିଥିବାରୁ ମୁଖ୍ୟମନ୍ତ୍ରୀ ବୀରେନଙ୍କ ବିରୋଧରେ ବଢୁଥିବା ଅସନ୍ତୋଷ ତୀବ୍ର ହେବା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ତାଙ୍କ ଇସ୍ତଫାର ୪ ଦିନ ପରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ବୀରେନଙ୍କ ଇସ୍ତଫା ପରେ ଅନ୍ୟ କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେବାକୁ ବିଜେପି ଗତ ୪ ଦିନ ହେଲା କସରତ ଚଳାଇଥିଲା। ହେଲେ ବିକଳ୍ପ ଖୋଜିବା ସମ୍ଭବ ନ ହେବାରୁ ରାଷ୍ଟ୍ରପତି ଶାସନ ଜାରି କରିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଇଛି।






### ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣତି

# ଭାରତରେ ଓଡ଼ିଶା ସର୍ବାଧିକ ପ୍ରଭାବିତ

■ ଭୁବନେଶ୍ୱର, ୧୩।୨ (ସମିସ): ଜଳବାୟୁ ପରିବର୍ତ୍ତନର ଭୟାବହତା ଏବେ ସାରା ବିଶ୍ୱକୁ ଚିନ୍ତାରେ ପକାଇଛି। ପ୍ରତିବର୍ଷ ପାଣିପାଗ ପରିବର୍ତ୍ତନ ଯୋଗୁଁ ହଜାର ହଜାର କୋଟିର କ୍ଷୟକ୍ଷତି ସାଙ୍ଗକୁ ବହୁ ଲୋକ ପ୍ରାଣ ହରାଉଛନ୍ତି। ସମଗ୍ର ବିଶ୍ୱରେ ଭାରତର ସ୍ଥିତି ଏ ଦୃଷ୍ଟିରୁ ସବୁଠୁ ଉଦ୍‌ବେଗଜନକ ଥିବାବେଳେ ଦେଶରେ ଓଡ଼ିଶାର ସ୍ଥିତି ଅଧିକ ଜଟିଳ ରହିଛି। ପରିବେଶ ଓ ମାନବିକ ଅଧିକାର ସଂସ୍ଥା 'ଜର୍ମାନ ୱାଚ୍' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଜଳବାୟୁ ପରିବର୍ତ୍ତନର ଭୟାବହତା ଓ ଏହାଦ୍ୱାରା ଭାରତରେ ବୃଦ୍ଧି ପାଉଥିବା ବିଷମ ଜଳବାୟୁ ଘଟଣାର ଅବତାରଣା କରାଯାଇ ଗତ ୩ ଦଶନ୍ଧି (୧୯୯୩-୨୦୨୨) ମଧ୍ୟରେ ୪୦୦ରୁ ଅଧିକ ଉଚ୍ଚପ୍ରଭାବୀ ପାଣିପାଗ ପରିବର୍ତ୍ତନ କଥା କୁହାଯାଇଛି। ଜଳବାୟୁ

**୩ ଦଶନ୍ଧିରେ ୪୦୦ ବିଷମ ପାଣିପାଗ ଘଟଣା**

**୮୦ ହଜାର ମୃତ, ୧୮୦ ବିଲିୟନ ଡଲାର କ୍ଷତି**

**'ଜର୍ମାନ୍ ୱାଚ୍'ରେ ମହାବାତ୍ୟା, ହୁଡ୍‌ହୁଡ୍, ଅମ୍ଫାନ୍ କଥା**

ପରିବର୍ତ୍ତନ ଜନିତ ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି ଓ ପ୍ରାୟ ୧୮୦ ବିଲିୟନ ଡଲାର୍ କ୍ଷତି ଘଟିଥିବା କଥା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୧୯୯୩-୨୦୨୨ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ଭାରତରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି। ଏଥିରେ ସବୁଠୁ ଅଧିକ କ୍ଷୟକ୍ଷତି ଘଟାଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ବିଷମ ଜଳବାୟୁ ଘଟଣା ଶ୍ରେଣୀଭୁକ୍ତ କରାଯାଇଛି। ଏହି ସମୟରେ ବିଶ୍ୱର ୧୦ ପ୍ରତିଶତ ଲୋକଙ୍କ ମୃତ୍ୟୁ ଘଟିଛି। ଭାରତ ମୁଖ୍ୟତଃ ବନ୍ୟା, ଗ୍ରୀଷ୍ମପ୍ରବାହ ଓ ଘୂର୍ଣ୍ଣିବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେଉଛି। ୧୯୯୩, ୧୯୯୮ ଏବଂ ୨୦୧୩ରେ ଦେଶରେ ଭୟଙ୍କର ବନ୍ୟା, ୨୦୦୨, ୨୦୦୩ ଏବଂ ୨୦୧୫ରେ ପ୍ରବଳ ଗ୍ରୀଷ୍ମ ଲହରୀକୁ ଏଥିରେ ସାମିଲ କରାଯାଇଛି। ଏହାସହିତ ୨୦୦୨ରେ ହୋଇଥିବା ଗୁଜରାଟ ଭୂକମ୍ପ ସହ ୧୯୯୯ ମହାବାତ୍ୟାରେ ପ୍ରଚଣ୍ଡ ଭାବରେ କ୍ଷତିଗ୍ରସ୍ତ ଓଡ଼ିଶାର ତଥ୍ୟ ପ୍ରଦାନ କରାଯାଇଛି। ୧୯୯୯ ମହାବାତ୍ୟା ଓଡ଼ିଶାକୁ ଛାରଖାର କରିଥିଲା। ସିଧାସଳଖ ଏହାଦ୍ୱାରା ଓଡ଼ିଶା ପ୍ରଭାବିତ ହୋଇଥିଲା। ▶ପୃଷ୍ଠା-୭

# ନିରାମିଷ ନୁହେଁ କ୍ଷୀର, ପନିର୍!

ଜଣେ ଭାରତୀୟ ଡାକ୍ତର କ୍ଷୀର ଓ ପନିର୍‌କୁ ଆମିଷ ଶ୍ରେଣୀରେ ରଖି ବିବାଦ ସୃଷ୍ଟି କରିଛନ୍ତି । ଡାକ୍ତର ସିଲଭିୟା କରପାଗମ ଦାବି କରିଛନ୍ତି ଯେ, କ୍ଷୀର ଓ ପନିର୍ ପ୍ରାଣୀ ସ୍ରୋତରୁ ଆସୁଛି । ତେଣୁ ଏହାକୁ ନିରାମିଷ ବୋଲି କହିବା ଠିକ୍ ହେବ ନାହିଁ । ତେବେ ତାଙ୍କର ଏହି ମନ୍ତବ୍ୟକୁ ଅନ୍ୟ ଜଣେ ଡାକ୍ତର ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଅବଶ୍ୟ ସମ୍ପୃକ୍ତ ଡାକ୍ତର ଜଣକ ଥାଳିର ଫଟୋ ସହିତ ସିଲଭିୟାଙ୍କ ମନ୍ତବ୍ୟକୁ ରଖିଛନ୍ତି । ଏହି ଫଟୋରେ ପନିର, ମୁଗ ଡାଲି, ସାଲାଡ, ଅଖରୋଟ୍ ବିନା ଚିନିର କ୍ଷୀରୀ ଆଦି ସାମିଲ ଥିଲା । ସେହିପରି ଏହି ପୋଷ୍ଟରେ ଦାବି କରାଯାଇଥିଲା ଯେ, ଏହି ଥାଳି ପ୍ରୋଟିନ, ଫ୍ୟାଟ୍ ଏବଂ ଫାଇବର୍‌ରେ ଭରପୂର । ଯେଉଁଭଳି ଚିକେନ୍, ମାଛ ଆଦି ପ୍ରାଣୀ ସ୍ରୋତରୁ ଆସିଥାଏ, ଠିକ୍ ସେମିତି କ୍ଷୀର ଓ ପନିର ମଧ୍ୟ ପ୍ରାଣୀ ଶ୍ରେଣୀ ଅନ୍ତର୍ଗତ । ତେବେ ତାଙ୍କର ଏହି କଥାକୁ ଲୋକମାନେ ବିରୋଧ କରିଛନ୍ତି । ବିଶେଷକରି ଶାକାହାରୀ ଲୋକେ ତାଙ୍କର ଏହି ମନ୍ତବ୍ୟକୁ ଗ୍ରହଣ କରିନାହାନ୍ତି । ଲୋକଙ୍କ କହିବା କଥା, ପନିର ଓ କ୍ଷୀର ହେଉଛି ଶାକାହାରୀ । କାରଣ ଏ ଲାଗି ପଶୁ ହତ୍ୟା କରିବାକୁ ପଡ଼ି ନ ଥାଏ । ସେହିପରି କ୍ଷୀର ଓ ଦହିରୁ ପ୍ରସ୍ତୁତ ଉତ୍ପାଦ ଶାକାହାର । ଅନ୍ୟପକ୍ଷରେ ଭାରତରେ ଶାକାହାରର ପରିଭାଷା ଅନ୍ୟ ଦେଶ ତୁଳନାରେ ଭିନ୍ନ । ଏଠାରେ ଶାକାହାରୀ ସାଧାରଣତଃ ଲ୍ୟାକ୍‌ଟୋ ଶାକାହାରୀ ହୋଇଥାନ୍ତି । ଯେଉଁମାନେ କି କ୍ଷୀର ଓ ଦହି ଉତ୍ପାଦ (ପନିର୍, ଘିଅ, ଦହି ଆଦି) ଖାଇଥାନ୍ତି । ଏପ୍ରକାର ଖାଦ୍ୟରେ ସେମାନେ ଅଣ୍ଡାକୁ ସାମିଲ କରି ନ ଥାନ୍ତି ।



# ପ୍ରେମ ପାଇଁ ଦିନଟିଏ



ଭାଲେଣ୍ଟାଇନ୍ସ ଡେ' । ପ୍ରତିଟି ପ୍ରେମୀ ଯୁଗଳଙ୍କ ପାଇଁ ଏହା ବହୁ ପ୍ରତୀକ୍ଷିତ ଦିନଟିଏ । ଏ ନେଇ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରି ରହିଥାଏ । ସାତ ଦରିଆଠାରୁ ବି ବଡ଼ ହୃଦୟର ଦରିଆ । ସେଥିପାଇଁ ତ ପ୍ରେମ ଆଉ ହୃଦୟର ସମ୍ପର୍କ ବହୁ ନିବିଡ଼ । ପ୍ରେମିକା ହେଉ ବା ପ୍ରେମିକ, ସେମାନଙ୍କ ରାଗ-ରୁଷା, ମାନ-ଅଭିମାନ ସବୁକୁ କାବୁଡ଼ି ଧରେ ହୃଦୟ । ବିନା ଫଗୁଣରେ ଦେହ ସାରା ଖେଳିଯାଏ ଏକ ନିଆରା ଶିହରଣ । ପ୍ରକୃତିର ସିନା ୬ ଋତୁ ହେଲେ ସେଥିରେ ପ୍ରେମର ଋତୁ ମିଶିଲା ପରେ ହୋଇଯାଏ ସାତ ଋତୁ ।

ଫେବୃୟାରୀ ୭ ରୋଜ୍ ଡେ'ରୁ ଆରମ୍ଭ ହୋଇଥିବା ପ୍ରେମ ସପ୍ତାହର ଅନ୍ତିମ ଦିନ ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ' । ସାତ ଜନ୍ମର ସାଥୀ ପାଲଟିବାକୁ ଥିବା ପ୍ରେମୀ ଯୁଗଳଙ୍କ ପାଇଁ ଆଜିର ଦିନ ଅତ୍ୟନ୍ତ ଖାସ୍ ରହିବ । ପ୍ରତିଶ୍ରୁତିର ସାକ୍ଷୀ ପାଲଟିବ ଭାଲେଣ୍ଟାଇନ୍ସ ଡେ' । ଏହିଦିନ ଯେତେ ପାଖେଇ ଆସେ ପ୍ରେମୀଟିଏ ମନେ ପକାଉଥାଏ ତା'ର ମନର ମଣିଷକୁ । କିଏ କୁହେ ପ୍ରେମ ଅଢ଼େଇ ଅକ୍ଷର ତ, ଆଉ କିଏ କୁହେ ପ୍ରେମ ପାଇଁ ଶବ୍ଦ ନାହିଁ । ପ୍ରେମ ବିଶ୍ୱାସ, ପ୍ରେମ ବନ୍ଧନ, ପ୍ରେମ ହୃଦୟର ଅଦେଖା ବସା । ପ୍ରେମର ପହିଲି ଛୁଆଁରେ ଆମୋଦିତ ହୋଇଯାଏ ଅମାନିଆ ମନ । ଦୁଇଟି ଶବ୍ଦର ଏହି ଅକ୍ଷର ଦୁଇଟି ଭିନ୍ନ ମଣିଷକୁ ଏକତ୍ର କରିଦିଏ । ଜାତି, ଧର୍ମ, ବର୍ଣ୍ଣ ସବୁରି ଉପରେ ଭଲ ପାଇବାର ପରିଭାଷା । କେବେ ଏହା ଗଗନ ପରି ଅସୀମ ତ ଆଉ କେବେ ସାଗର ପରି ଗଭୀର । ପ୍ରେମ ବିନା ଜୀବନ ରଙ୍ଗହୀନ । କେତେବେଳେ ଏହାର ଆଖିରେ ଆଖି ତ ଆଉ କେତେବେଳେ ଏହା ଇସାରାରୁ ଆରମ୍ଭ ହୋଇଥାଏ । ପ୍ରେମ ମାନବ ହୃଦୟକୁ ଭେଦାଭେଦ ଶୂନ୍ୟ କରେ, ସ୍ୱାର୍ଥ ବିବର୍ଜିତ କରେ, ଆତ୍ମ-ବିସ୍ମୃତ କରେ । ପ୍ରେମ ବିନା ପ୍ରକୃତ ମନୁଷ୍ୟତ୍ୱ ଅସମ୍ଭବ । ସମର୍ପିତ ଜୀବନର ଶୁଦ୍ଧ ପରିଭାଷା ହେଲା ପ୍ରେମ । ଇତିହାସ ହେଉ କି କିମ୍ବଦନ୍ତୀ । ସବୁଥିରେ ସ୍ୱତନ୍ତ୍ର ସ୍ଥାନ ପାଇଛି ପ୍ରେମ । କେଦାର-ଗୌରୀ ହୁଅନ୍ତୁ କି ହୀର-ରାଞ୍ଝା, ଲୈଲା-ମଜନୁ । ଏସବୁର ଉଦାହରଣ ପ୍ରେମୀଯୁଗଳଙ୍କ ପାଇଁ ପ୍ରେରଣା । ପ୍ରେମ ହେଉଛି ବିରାମ ଶୂନ୍ୟ କବିତା । ଯାହା କେବେ ସରେନି ବରଂ ପୂରଣ କରିଚାଲେ ହୃଦୟର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ । ଆଧୁନିକତାର ସ୍ପର୍ଶରେ ଭାଲେଣ୍ଟାଇନ୍ସ ଡେ'କୁ ନୂଆ ପରିଚୟ ଦେଇଛନ୍ତି ଆଜିର ଯୁବପିଢ଼ି । ନିଜର ମନର ମଣିଷ ଆଗରେ ହୃଦୟର କଥା କହି ଭାଲେଣ୍ଟାଇନ୍ସ ଡେ'କୁ ସ୍ୱତନ୍ତ୍ର କରିବା ପାଇଁ ଯୁବପିଢ଼ି କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ ।

ଭାଲେଣ୍ଟାଇନ୍ସ ଡେ'ରେ କୌଣସି ଦିବସର ନାଁ ନୁହେଁ, ବରଂ ରୋମ୍‌ର ଜଣେ ସନ୍ଥଙ୍କ ନାମ । ଖ୍ରୀଷ୍ଟାବ୍ଦ ୨୭୦ ପାଖାପାଖି ସମୟରେ ରୋମ୍‌ରେ କ୍ଲାଉଡିୟସ୍ ଦ୍ୱିତୀୟ ନାମକ ରାଜା ଶାସନ କରୁଥାନ୍ତି । ଆଉ ସେ ନିଜକୁ ବେଶ୍ ଶକ୍ତିଶାଳୀ କରିବାକୁ ଇଚ୍ଛା ରଖିଥିଲେ । ଏଥିପାଇଁ ସେ ତାଙ୍କ ଦେଶର ସୈନ୍ୟ ବାହିନୀରେ ଥିବା ପ୍ରତିଟି ପୁରୁଷଙ୍କ ବିବାହ ଉପରେ ରୋକ୍ ଲଗାଇ ଦେଇଥିଲେ । ପ୍ରେମ ଓ ବିବାହ କାରଣରୁ ଯୋଦ୍ଧାମାନେ ତାଙ୍କ ଲକ୍ଷ୍ୟ ପୂରଣ କରିପାରନ୍ତି ନାହିଁ ବୋଲି ସେ ଭାବୁଥିଲେ । ଏଥିପାଇଁ ରୋମାନ୍ ସୈନ୍ୟମାନେ ପ୍ରେମ କିମ୍ବା ବିବାହ କରିପାରିବେ ନାହିଁ ବୋଲି ସେ ନିର୍ଦ୍ଦେଶ ଜାରି କରିଥିଲେ । ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ସନ୍ଥ ରହୁଥିଲେ । ସେ ରାଜାଙ୍କ ନିର୍ଦ୍ଦେଶକୁ ବିରୋଧ କରି ପ୍ରଜା ଓ ସୈନ୍ୟମାନଙ୍କୁ ପ୍ରେମ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ଏପରିକି ସେ ଲୁଚିଲୁଚି ଅନେକ ବାହାଘର ମଧ୍ୟ କରାଇଥିଲେ । ଏହା ଜଣାପଡ଼ିବା ପରେ ରାଜାଙ୍କ କ୍ରୋଧର ଶିକାର ହୋଇଥିଲେ ସନ୍ଥ ଭାଲେଣ୍ଟାଇନ୍ । ତାଙ୍କୁ ବନ୍ଦୀ କରାଯାଇଥିଲା । ଖ୍ରୀଷ୍ଟାବ୍ଦ ୨୬୯ ରେ ଫେବୃଆରୀ ୧୪ ତାରିଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ନିର୍ବାପିତ ହୋଇଗଲା ପ୍ରେମର ପ୍ରକୃତ ପୂଜାରୀଙ୍କ ଜୀବନ ଦୀପ । ହେଲେ ପ୍ରେମର ବାଣୀ ଚାରିଆଡ଼େ ବିସ୍ତାରିତ ହୋଇଗଲା । କୁହାଯାଏ, ତାଙ୍କୁ ସ୍ମରଣ ପାଇଁ ଆରମ୍ଭ ହେଲା ପ୍ରେମର ପର୍ବ ଭାଲେଣ୍ଟାଇନ୍ସ ଡେ' । ଯାହା ଆଜି ବିଶ୍ୱର ବିଭିନ୍ନ ଦେଶରେ ପାଳନ କରାଯାଉଛି ।

## ଆଜିର ଇତିହାସ

- ୧୭୬୩- କାନାଡ଼ା ଫ୍ରାନ୍ସର ଏକ ପ୍ରାନ୍ତ ହେଲା ।
- ୧୯୨୦- ସିକାଗୋରେ ମହିଳା ମତଦାତା ଲିଗ୍ ସ୍ଥାପନା ।
- ୧୯୩୩- ବଲିଉଡ୍ ଅଭିନେତ୍ରୀ ମଧୁବାଲାଙ୍କ ଜନ୍ମ ।
- ୧୯୩୯- ଜର୍ମାନ୍ ଯୁଦ୍ଧପୋତ ବିସ୍‌ମାର୍କର ଆରମ୍ଭ ।
- ୨୦୦୫- ଭିଡିଓ ସେୟାରିଂ ୱେବସାଇଟ୍ ୟୁଟ୍ୟୁବ୍‌ର ଆରମ୍ଭ ହେଲା ।
- ୨୦୧୯- ଜାମ୍ମୁ କାଶ୍ମୀରର ସିଆର୍‌ପିଏଫ୍ କ୍ୟାମ୍ପରେ ଆତଙ୍କୀ ଆକ୍ରମଣ, ୪୦ ଯବାନ ସହିଦ ।

# ବିନା ସ୍ନାନରେ ୫ ବର୍ଷ



ବ୍ୟକ୍ତିଗତ ସ୍ୱଚ୍ଛତା କଥା ଉଠିଲେ ସର୍ବପ୍ରଥମେ ଗାଧୋଇବା କଥା ଆସେ । ହେଲେ ଆମେରିକାର ଜଣେ ଡାକ୍ତର ଏହି ଧାରଣାକୁ ଚ୍ୟାଲେଞ୍ଜ କରିଛନ୍ତି । ପ୍ରିଭେନଟିଭ୍ ମେଡିସିନ ଡାକ୍ତର ଜେମ୍ସ ହ୍ୟାମ୍‌ବ୍ଲିନ୍ ଦାବି କରିଛନ୍ତି ଯେ, ସେ ବିଗତ ୫ ବର୍ଷ ହେଲାଣି ଗାଧୋଇ ନାହାନ୍ତି । ଏହାସତ୍ତ୍ୱେ ତାଙ୍କ ଶରୀରରୁ ଦୁର୍ଗନ୍ଧ ବାହାରୁ ନାହିଁ । କେବଳ ସେତିକି ନୁହେଁ, ସେ ସାମ୍ପୁ, ସାବୁନ୍ ତଥା ଅନ୍ୟ ତ୍ୱଚାଜନିତ ଉତ୍ପାଦ ଶରୀର ପାଇଁ କ୍ଷତିକାରକ ବୋଲି ମଧ୍ୟ କହିଛନ୍ତି । ଗାଧୋଇବା ପ୍ରକୃତରେ ଶରୀର ପାଇଁ ଜରୁରୀ କି ନୁହେଁ ତାହା ଜାଣିବା ପାଇଁ ସେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନ ଗାଧୋଇ ରହିଥିବା କହିଛନ୍ତି । ନିକଟରେ ସେ ଏକ ପଡ୍‌କାଷ୍ଟରେ କହିଛନ୍ତି, ସେ ତାଙ୍କ ଶରୀରକୁ ପ୍ରାକୃତିକ ଉପାୟରେ ବାଲାନ୍ସ ହେବାକୁ ଦେଇଛନ୍ତି । ଶରୀରର ପ୍ରାକୃତିକ ଉପାୟରେ ସ୍ୱଚ୍ଛ ରହିବାର କ୍ଷମତା ରହିଛି । ଅବଶ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ନ ଗାଧୋଇବାରୁ ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁଥିଲା କିନ୍ତୁ କିଛି ସପ୍ତାହ ପରେ ଶରୀର ଏହାକୁ ନିୟନ୍ତ୍ରଣ କରି ନେଲା । ସେ କହନ୍ତି, ଶରୀରରେ ଥିବା ଜୀବାଣୁଗୁଡ଼ିକର ଏକ ନାଚୁ୍ୟରାଲ ଇକୋସିଷ୍ଟମ ଥାଏ । ଶରୀରରେ ବାରମ୍ବାର ସାବୁନ ଏବଂ ସାମ୍ପୁ ବ୍ୟବହାର କରିବା ଦ୍ୱାରା ତ୍ୱଚାର ପ୍ରାକୃତିକ ତୈଳ ଓ ଜୀବାଣୁଗୁଡ଼ିକ ନଷ୍ଟ ହୋଇଯାନ୍ତି । ଯଦ୍ୱାରା ତ୍ୱଚାକୁ ବାରମ୍ବାର ମଏଶ୍ଚରାଇଜର ଏବଂ ଅନ୍ୟ ଜିନିଷର ଆବଶ୍ୟକତା ପଡ଼ିଥାଏ । ତାଙ୍କ ମତରେ, ଲୋକେ ଭାବନ୍ତି ନ ଗାଧୋଇଲେ ଶରୀରରୁ ଦୁର୍ଗନ୍ଧ ଆସେ, କିନ୍ତୁ ଏଭଳି କିଛି ସପ୍ତାହ ପର୍ଯ୍ୟନ୍ତ ହୋଇଥାଏ । ପରେ ଧୀରେ ଧୀରେ ଶରୀର ବାଲାନ୍ସ କରି ନିଏ ଏବଂ ଦୁର୍ଗନ୍ଧ ଦୂର ହୁଏ । ତେବେ ସେ ଲୋକଙ୍କୁ ଗାଧୋଇବାକୁ ମନା କରି ନାହାନ୍ତି । କିନ୍ତୁ ଅଧିକ ଦିନ ନ ଗାଧୋଇଲେ ବି କିଛି ଅସୁବିଧା ନ ଥିବା ସେ କହିଛନ୍ତି । ସେହିପରି ତ୍ୱଚାରୁ ଝାଳ ବାହାରୁଥିଲେ, ଖାଲି ପାଣିରେ ଧୋଇ ହେବ । ଏଥିପାଇଁ ସାବୁନ ବ୍ୟବହାର କରିବା ଜରୁରି ନୁହେଁ । ଅନ୍ୟପକ୍ଷରେ ଜଣେ ଡାକ୍ତରଙ୍କ ଏଭଳି ମନ୍ତବ୍ୟ ଉପରେ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ନିଆରା ଉପହାର



ବାହାଘର ତଥା ଜନ୍ମଦିନରେ ସାଙ୍ଗସାଥୀମାନେ ଏମିତି କିଛି ଉପହାର ଦେଇଥାନ୍ତି, ଯାହା ଚର୍ଚ୍ଚାର ଖୋରାକ ଯୋଗାଇଥାଏ । ଏବେ ଜଣେ ଯୁବକଙ୍କୁ ତାଙ୍କ ବାହାଘର ଉପହାରରେ ନିଜ ମା'ଙ୍କ ପ୍ରତିମୂର୍ତ୍ତି ମିଳିଛି । ଯାହାକୁ ଦେଖି ବର, କନିଆଙ୍କ ସମେତ ବାହାଘରରେ ଯୋଗ ଦେଇଥିବା ସମସ୍ତ ଅତିଥି ଭାବବିହ୍ୱଳ ହୋଇଯାଇଥିଲେ । ତେବେ ବର ଜଣକ ନିଜ ମା'ଙ୍କୁ ହରାଇବା ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ତାଙ୍କର ଏହି ଅବସ୍ଥା ତାଙ୍କ ସାଙ୍ଗମାନେ ଦେଖିଥିଲେ । ସେଥିପାଇଁ ସେମାନେ ସାଙ୍ଗର ବାହାଘରରେ ୫ ଫୁଟ୍ ଉଚ୍ଚତାର ତାଙ୍କ ମା'ଙ୍କ ପ୍ରତିମୂର୍ତ୍ତିକୁ ଭେଟି ଦେବାକୁ ଭାବିଥିଲେ । ଏହି ପ୍ରତିମୂର୍ତ୍ତିଟିକୁ ଅବିକଳ ତାଙ୍କ ମା' ଭଳି ନିର୍ମାଣ କରାଯାଇଛି । ପ୍ରତିମୂର୍ତ୍ତିରୁ ପରଦା ଅନାବରଣ ହେବା ପରେ ଏହାକୁ ଦେଖି ସମସ୍ତେ ବିସ୍ମିତ ହୋଇଯାଇଥିଲେ । ବର ଓ ତାଙ୍କ ଭାଇ ମା'ଙ୍କ ପ୍ରତିମୂର୍ତ୍ତିକୁ ଆଲିଙ୍ଗନ କରିଥିଲେ । ଏଭଳି ଦୃଶ୍ୟ ମଣ୍ଡପରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କୁ ବେଶ୍ ଭାବବିହ୍ୱଳ କରିଦେଇଥିଲା । ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି ।



# 'ଧୁରନ୍ଧର' ସୁଟିଂ ସେଟ୍‌ରୁ ରଣବୀର-ଅକ୍ଷୟଙ୍କ ଫଟୋ ଭାଇରାଲ



ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ତାଙ୍କର ଆଗାମୀ ଫିଲ୍ମ 'ଧୁରନ୍ଧର' ସୁଟିଂରେ ବ୍ୟସ୍ତ ଅଛନ୍ତି । ଗତବର୍ଷ ଜୁଲାଇରେ ଫିଲ୍ମ ସମ୍ପର୍କରେ ଘୋଷଣା କରାଯାଇଥିଲା । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ଧର ରହିଛନ୍ତି । ଇତିମଧ୍ୟରେ ସୁଟିଂସେଟ୍‌ରୁ ରଣବୀର ଓ ଅକ୍ଷୟ ଖାନ୍ନାଙ୍କ କିଛି ଫଟୋ ଭାଇରାଲ ହୋଇଛି । ଫଟୋରେ ରଣବୀର ଏକ କାର୍ଗୋ ପ୍ୟାଣ୍ଟ ସହ ଗଞ୍ଜି ଓ ହୁଡି ପିନ୍ଧିଥିବାର ଦେଖାଯାଇଥିଲେ । ସେ ଲମ୍ବା କେଶ, ନିଶଦାଢ଼ି ସହ ସନ୍‌ଗ୍ଲାସ୍ ମଧ୍ୟ ପିନ୍ଧିଥିଲେ । ସେହିଭଳି ଅକ୍ଷୟ ଜିନ୍ସ ସହ କଳା କୁର୍ତ୍ତା ପିନ୍ଧିଥିଲେ । ଫିଲ୍ମରେ ରଣବୀର ଜଣେ 'ର' ଏଜେଣ୍ଟ ଭୂମିକାରେ ଦେଖାଯିବେ । ଏଥିରେ ରଣବୀର-ଅକ୍ଷୟଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ୟାମୀ ଗୌତମ, ଅର୍ଜୁନ୍ ରାମପାଲ ଆଦି ନଜର ଆସିବେ । ଏହାର ସୁଟିଂ ଏବେ ଫିଲ୍ମସ୍ତାନ ଷ୍ଟୁଡିଓରେ ଚାଲିଛି । ତେବେ ରଣବୀରଙ୍କ ଏହି ଫଟୋ ଭାଇରାଲ ହେବା ପରେ ସେ 'ପଦ୍ମାବତ୍'ର ଆଲ୍ଲାଉଦ୍ଦିନ୍ ଖିଲଜିଙ୍କ ଭଳି ଦେଖାଯାଉଛନ୍ତି ବୋଲି ପ୍ରଶଂସକମାନେ ମତ ଦେଇଛନ୍ତି ।

# କ୍ୟାବ୍ ଡ୍ରାଇଭରଙ୍କ ମହାନତା

## ଯାତ୍ରୀଙ୍କୁ ଦିଅନ୍ତି ମାଗଣା ପାଣି, ବହିପଢ଼ାର ସୁବିଧା

ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ରୋଚକୀୟ ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ । ଏହି କ୍ରମରେ ବେଙ୍ଗାଲୁରୁର ଜଣେ କ୍ୟାବ୍ ଚାଳକଙ୍କ ଭିଡିଓକୁ ସେୟାର୍ କରାଯାଇଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବାରେ ସଫଳ ହୋଇଛି । କାର୍ ଚାଳକ ରାକେଶ ଜଣେ ଭିନ୍ନକ୍ଷମ ବ୍ୟକ୍ତି । ସେ କଥାବାର୍ତ୍ତା କରିପାରନ୍ତି ନାହିଁ । ଯାତ୍ରୀଙ୍କ ସହ କଥା ନ କହିଲେ ବି ସେ ତାଙ୍କ କାର୍ଯ୍ୟ ଓ ଆଚରଣ ମାଧ୍ୟମରେ ମହାନତା ଦେଖାଇଛନ୍ତି । ବିମାନବନ୍ଦରକୁ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଯାତ୍ରା ଲାଗି ସେ ରିହାତି ସୁବିଧା ପ୍ରଦାନ କରିଥାନ୍ତି । କେବଳ ସେତିକି ନୁହେଁ, ଯାତ୍ରା ସମୟରେ ଯାତ୍ରୀ ଯେଭଳି ସହଜ ଅନୁଭବ କରିବେ, ସେ ନିଜ କାର୍ ମଧ୍ୟରେ ସମସ୍ତ ବ୍ୟବସ୍ଥା କରିଛନ୍ତି । ଯାତ୍ରୀଙ୍କୁ ରାକେଶ ମାଗଣା ପାଣି ବୋତଲ, ନାପ୍‌କିନ ଏବଂ ବହି ପଢ଼ାର ସୁବିଧା ମଧ୍ୟ ପ୍ରଦାନ କରନ୍ତି । ଚାଳକ ଜଣକ ନିଜ କାର୍ ସିଟ୍ ପଛରେ ଏକ କାଗଜ ଲଗାଇଛନ୍ତି । ଏଥିରେ ସେ କଥାକହିପାରୁ ନ ଥିବା ଉଲ୍ଲେଖ କରିଛନ୍ତି । ତା'ସହ ସେ ଏଥିରେ ଲେଖିଛନ୍ତି, 'ନାପ୍‌କିନ୍ ବ୍ୟବହାର କରିବା ସହ ବହି ପଢ଼ିପାରିବେ । ସିଲ୍ ବନ୍ଦ ପାଣି ବୋତଲ ଅଛି, ଚାହିଁଲେ ପିଇପାରିବେ ।' ଏହାବାଦ୍ ସେ ତାଙ୍କ ମୋବାଇଲ ନମ୍ବର ଦେଇ କେବଳ ଚାଟିଂ କରି ହେବ ବୋଲି ସେଥିରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଅଟୋ ଚାଳକଙ୍କ ଏହି ନିଃସ୍ୱାର୍ଥ ସେବା ଚାରିଆଡ଼ୁ ପ୍ରଶଂସା ସାଉଁଟୁଛି ।




## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ । ଚାକିରିରେ ସଫଳତା ମିଳିବ । ଅର୍ଥ ନିବେଶ କରିବା ପାଇଁ ଭଲ ସମୟ । ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ । ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ । ଧାର୍ମିକ ଯାତ୍ରା ଯୋଗ ଅଛି ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବନ୍ଧୁଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ରାଜନୀତିରେ ସକ୍ରିୟ ହେବେ । ଅତିଥି ସତ୍କାରରେ ସମୟ ବିତିବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ ।

**କର୍କଟ:** ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ । ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ । ମନ ଖୁସି ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଉଧାର ଟଙ୍କା ଫେରିପାଇବେ ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ । ସୁଖଦ ଯାତ୍ରା ଯୋଗ ଅଛି । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ବ୍ୟସ୍ତତା ଭିତରେ ସମୟ କଟିବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ଛାତ୍ରଛାତ୍ରୀ କର୍ମଚଞ୍ଚଳ ରହିବେ । ଘରକୁ ଅତିଥିଙ୍କ ଆଗମନ ହେବ । ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ । ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ । ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ ।

**ଧନୁ:** ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ । ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ । ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ । ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ସମାଜସେବାରେ ନିଜକୁ ନିୟୋଜିତ କରିବେ ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ । ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ । ଭାବିଚିନ୍ତି ଖର୍ଚ୍ଚ କରନ୍ତୁ । କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି । ନିଜ ଲୋକଙ୍କ ସହ ସମୟ ବିତାଇ ଖୁସି ହେବେ ।

**ମୀନ:** ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

# ଧାନ ସଂଗ୍ରହ: ଉପାନ୍ତରୁ ଉପକୂଳ ସବୁଠି ଅବ୍ୟବସ୍ଥା

**ନଭେମ୍ବର ମାସରୁ ରାଜ୍ୟରେ ଆରମ୍ଭ ହୋଇଥିବା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଅନେକ ଜିଲ୍ଲାରେ ଶେଷ ହୋଇଛି । ଅନ୍ୟ କିଛି ଜିଲ୍ଲାରେ କ୍ରୟ ପ୍ରକ୍ରିୟା ଅଘୋଷିତ ଭାବରେ ବନ୍ଦ । ମାତ୍ର ବିଡ଼ମ୍ବନା ହେଉଛି ଯାବତୀୟ ଅବ୍ୟବସ୍ଥାରେ ଚାଷୀ ଦହଗଞ୍ଜ ହୋଇଥିଲେ ହେଁ ସରକାର ପୁରା ନିରବ । ଯୋଗାଣ ବିଭାଗ, ସମବାୟ ବିଭାଗ, କୃଷି ବିଭାଗ ମଧ୍ୟରେ ସମନ୍ୱୟଅଭାବ ଚାଷୀଙ୍କୁ ହତାଶ କରିଛି । ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆଯାଇଥିବା ଘୋଷଣା କରି ସରକାର କେବଳ ଆମ୍ତୃପ୍ତି ଲାଭ କରୁଛନ୍ତି ସିନା, ବାସ୍ତବ ଚାଷୀମାନେ ଉପକୃତ ହୋଇ ପାରିନଥିବା ଅଭିଯୋଗ ହୋଇଛି ଓ ଭାଗ ଚାଷୀ କର୍ମକୁ ଆଦରି ମଥା କୋଡୁଛନ୍ତି ।**

## ବିକୁଛନ୍ତି ବେପାରୀ, ବଳି ପଡୁଛନ୍ତି ଚାଷୀ

### ଅବଧି ସରିବାକୁ ଦେଢ଼ ମାସ; ଅଧା ଚାଷୀ ବି ଧାନ ବିକିନାହାନ୍ତି

**କେନ୍ଦ୍ରାପଡ଼ା,୧୩।୨(ସମିସ):** ଧାନକିଣାକୁ ନେଇ ରାଜ୍ୟବ୍ୟାପୀ ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ସାମ୍ନାକୁ ଆସୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ସବୁ ସୀମା ସରହଦ ପାର୍ କରିଯାଇଛି । ଚାଷୀଙ୍କ ଟୋକନ୍‌ରେ ବେପାରୀ ଧାନ କିଣି ମାଲେମାଲ ହେବା, ପ୍ରକୃତ ଚାଷୀ ଏଯାଏ ଧାନ ବିକି ନପାରିବା, ମିଲର୍ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା, ବ୍ୟାପକ କଟନୀ-ଛଟନୀ ଭଳି ଯାବତୀୟ କେଳେଙ୍କାରୀ-ଦୁର୍ନୀତି-ଅବ୍ୟବସ୍ଥା ଜିଲ୍ଲାରେ ଦେଖିବାକୁ ମିଳିଛି । ଖାଲି ସେତିକି ନୁହେଁ, ଧାନ ବିକ୍ରି ଅବଧିକୁ ଆଉ ପାଖାପାଖି ଦେଢ଼ ମାସ ଥିବା ବେଳେ ଏଯାଏ ଅଧାରୁ ଅଧିକ ଚାଷୀ ସେମାନଙ୍କ ଧାନ ବିକିପାରିନାହାନ୍ତି । ଅପରପକ୍ଷେ, ସମୟମଧ୍ୟରେ ଧାର୍ଯ୍ୟ ଟାର୍ଗେଟ୍ ପୂରଣ ହେବ କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି ।

ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ବର୍ଷ ମୋଟ ୪୩ ହଜାର ୪୬୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାଁ ପଞ୍ଜୀକରଣ କରିଛନ୍ତି । ଏଥର ଜିଲ୍ଲାରୁ ୧୧୭ ପ୍ୟାକ୍ସ ମାଧ୍ୟମରେ ୮ ଲକ୍ଷ ୫୩ ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ସରକାର ଟାର୍ଗେଟ୍ ରଖିଛନ୍ତି । କିନ୍ତୁ ଏଯାଏ ମାତ୍ର ୧୪ ହଜାର ୮୨୪ଜଣ ଚାଷୀ ୫ଲକ୍ଷ ୭୪ହଜାର ୫୯୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ଅର୍ଥାତ୍ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ଅଧାରୁ ଢେର୍ ଅଧିକ ଚାଷୀ ଏଯାଏ ଧାନ ବିକି ନାହାନ୍ତି । ହାତରେ ଆଉ ପାଖାପାଖି ଦେଢ଼ ମାସ ଥିବା ବେଳେ ଏହି ଚାଷୀମାନେ କିପରି ଧାନ ବିକିବେ, ତାହା ତାଙ୍କୁ ଅଥୟ କଲାଣି ।



କେନ୍ଦ୍ରାପଡ଼ାଠାରୁ ଛୋଟ ବୌଦ୍ଧ ଜିଲ୍ଲାରେ ୩ଗୁଣା ଧାନ ସଂଗ୍ରହ ହେଲାଣି । କେନ୍ଦ୍ରାପଡ଼ାର ଜନସଂଖ୍ୟା ୧୪.୪ଲକ୍ଷ ଥିବା ବେଳେ ବୌଦ୍ଧର ୪.୪୧ଲକ୍ଷ । ସେଠାରେ ୪୨ହଜାର ୯୨୪ ପଞ୍ଜୀକରଣ କରିଥିବା ବେଳେ ୩୦ ହଜାର ୩୧୩ ଜଣ ଚାଷୀ ୧୪୧୧୦୦୯.୮୬ କୁଇଣ୍ଟାଲ ଧାନ ବିକି ସାରିଲେଣି । କିନ୍ତୁ ବ୍ୟାପକ ଅବ୍ୟବସ୍ଥା ଏବଂ ବେପାରୀ ଓ ମିଲର୍‌ଙ୍କ ଲାଭଖୋର୍ ମନୋବୃତ୍ତି ଯୋଗୁଁ ଧାନକିଣାରେ କେନ୍ଦ୍ରାପଡ଼ା ବହୁ ପଛରେ ପଡ଼ିଛି ।

ଅପରପକ୍ଷେ, କେନ୍ଦ୍ରାପଡ଼ାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ପ୍ରକୃତ ଚାଷୀଙ୍କ ଧାନ ବଦଳରେ ବ୍ୟବସାୟୀଙ୍କଠାରୁ ଧାନ କିଣାଯାଉଛି ବୋଲି କିଛି ଚାଷୀ ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା କଥା, ଅମଳ ବେଳେ ବେପାରୀମାନେ ବିଲ ମୁଣ୍ଡରୁ ବସ୍ତାବସ୍ତା ଧାନ ଶାଗମାଛ ଦରରେ ଉଠାଇନେଲେ । ମଣ୍ଡି ଖୋଲିବାରେ ବିଳମ୍ବ, ମଣ୍ଡିରୁ ଠିକଣା ସମୟରେ ଧାନ ନ ଉଠିବା ଦେଖି ଚାଷୀମାନେ କ୍ୱିଣ୍ଟାଲ ପିଛା ୧୬ଶହରୁ ୧୮ଶହ ଟଙ୍କା ନେଇ ବେପାରୀଙ୍କ ହାତକୁ ଟେକିଦେଲେ । ସାହୁକାରର ଋଣ ବୋଝରୁ ମୁକ୍ତି ପାଇଁ ବହୁ ଚାଷୀ ଏପରି କରିଛନ୍ତି । ଏବେ ସେହି ବେପାରୀମାନେ ଚାଷୀଙ୍କୁ କମିସନ୍‌ର ଲୋଭ ଦେଖାଇ ସେମାନଙ୍କ ଟୋକନ୍‌ରେ ଧାନ ବିକି ମାଲେମାଲ ହେଉଛନ୍ତି । କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା ଚାଷୀଙ୍କୁ କମିସନ୍ ଧରାଇ ସରକାରୀ ଦର ୩୧ଶହ ଟଙ୍କାରେ ଧାନ ବିକୁଛନ୍ତି । ଏଥିରେ କିଛି ସମବାୟ ସମ୍ପାଦକଙ୍କ ମଧ୍ୟ ବଡ଼ ଭୂମିକା ରହିଥିବା କୁହାଯାଉଛି ।

ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ କୁହନ୍ତି, ଚଳିତ ଥର ୮ ଲକ୍ଷ ୫୩ ହଜାର କୁଇଣ୍ଟାଲ ଟାର୍ଗେଟ୍ ଆସିଛି । ଆମ ପକ୍ଷରୁ ଆଉ ଅଧିକ ଧାନ କିଣିବାକୁ ଅନୁରୋଧ କରାଯାଇଛି । ଅଧିକ ଟାର୍ଗେଟ୍ ଆସିଲେ ଚାଷୀମାନଙ୍କ ଧାନ କିଣାଯିବ ବୋଲି ସେ କହିଛନ୍ତି ।

## ବୋନସ୍ ପ୍ରଲୋଭନ ସତ୍ତ୍ୱେ ପୂରଣ ହେଲାନି ଧାର୍ଯ୍ୟ ଲକ୍ଷ୍ୟ

### ମିଲରଙ୍କ ମନମାନି, କଟନିଛଟନି ମଧ୍ୟରେ ଧାନ ସଂଗ୍ରହ

**ଭବାନୀପାଟଣା,୧୩।୨(ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ସରିଛି । ଏଥର ଚାଷୀଙ୍କୁ ସରକାର ୮୦୦ ଟଙ୍କା ଇନ୍‌ପୁଟ ସବସିଡ଼ି ଦେବାକୁ ଘୋଷଣା ସତ୍ତ୍ୱେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରି ନାହିଁ । କଟନୀଛଟନୀ ହେବନି ବୋଲି ସରକାରଙ୍କ ଘୋଷଣା ପ୍ରତାରଣାରେ ପରିଣତ ହୋଇଛି । ମିଲରମାନେ ସରକାରଙ୍କ ନିର୍ଦ୍ଦେଶକୁ



ଖାତିର ନ କରି କଟନୀଛଟନୀ କରିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରେ ନଭେମ୍ବର ୨୯ ତାରିଖରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ବାସ୍ତବରେ ଏହା ଡ଼ିସେମ୍ବର ପ୍ରଥମ ସପ୍ତାହରୁ କାର୍ଯ୍ୟକାରୀ ହୋଇଛି । ଗତ ୧୧ ତାରିଖରେ ଜିଲ୍ଲାର ସବୁ ମଣ୍ଡି ବନ୍ଦ କରାଯାଇଛି । ଜିଲ୍ଲାରେ ୬୪ଲକ୍ଷ ୬ହଜାର ୧୯୧କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଥିଲେ ବି ୪ ଲକ୍ଷ କ୍ୱିଣ୍ଟାଲ କମ୍ ଅର୍ଥାତ୍ ୬୦ଲକ୍ଷ ୯୬ହଜାର ୮୦୭.୮୩ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇ ପାରିଛି ।

ଚାଷୀଙ୍କୁ ବହୁ ପୂର୍ବରୁ ଡବଲ ଇଞ୍ଜିନ ସରକାର ବୋନସ ଲୋଭ ଦେଖାଇ ଆସୁଥିଲେ । ଜିରୋ କଟନୀ ଛଟନୀ, ମଣ୍ଡିରେ ଦଲାଲଗିରି ଚାଲିବନି ବୋଲି କହିଥିଲେ; କିନ୍ତୁ ସବୁ ମିଛରେ ପରିଣତ ହୋଇଛି । ଦଲାଲ ଓ ଏଜେଣ୍ଟଙ୍କ ଜିଦ୍ ପାଇଁ ମଣ୍ଡି ସ୍ୱାଭାବିକ ହେବାରେ ୭ ଦିନ ବିଳମ୍ବ ଘଟିଲା । ୨୨୩ଟି ମଣ୍ଡି ଜରିଆରେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ଲକ୍ଷ ୯୬ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି ସତ; କିନ୍ତୁ ପୂର୍ବ ବର୍ଷ ତୁଳନାରେ ହିନସ୍ତା ବି ହୋଇଛନ୍ତି । ସବୁ ମଣ୍ଡିରେ ଦଲାଲ ଓ ମିଲର୍ସଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ କଟନୀ ଛଟନୀର ଗଣିତ କରି ୭ଦିନ ଧାନ ସଂଗ୍ରହ ବ୍ୟବସ୍ଥାକୁ ଗଡାଇ ଦେଲେ । ଶେଷରେ ସରକାରୀ ନୀତି ନିୟମକୁ ବେଖାତିର କରାଯାଇ ଧାନ କିଣା ହେଲା । ସ୍ଥିତି ଏତେ ସଙ୍ଗୀନ ଅବସ୍ଥାରେ ଗତି କରିଥିଲା ଯେ ସଦର ବିଧାୟକ ସାଗର ଚରଣ ଦାସ ଚାଷୀଙ୍କୁ ନୈତିକ ସମର୍ଥନ ଜଣାଇ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ବନ୍ଦ ଡାକରା ଦେବାପରେ ଚକ ଅଖ ଦୋକାନ ଓ ବନ୍ଦ କରାଗଲା । ମାତ୍ର ସରକାର ନିଧଡ଼କ, ପ୍ରଶାସନ ନିରବ । ପୂର୍ବବର୍ଷଠାରୁ ଅଧିକ ଧାନ କିଣାଯାଇଥିବା ଉଲ୍ଲେଖ କରି ଜିଲ୍ଲା ଯୋଗାଣ ବିଭାଗ ଆଶ୍ୱସ୍ତ ।

## ଏସ୍‌ଏଚ୍‌ଜିକୁ ରୁଗ୍‌ଣ କରିବାକୁ ଡବଲ ଇଞ୍ଜିନ୍ ଷଡ଼ଯନ୍ତ୍ର ସଫଳ

**ଭୁବନେଶ୍ୱର/ ଯାଜପୁର, ୧୩।୨(ସମିସ):** କ୍ଷମତାକୁ ଆସୁଆସୁ ମିଶନଶକ୍ତି ମହିଳାଙ୍କ ଏସ୍‌ଏଚ୍‌ଜିକୁ ବନ୍ଦ କରିବା ନିମନ୍ତେ ଡ଼ବଲ ଇଞ୍ଜିନ୍ ସରକାର ଆରମ୍ଭ କରିଥିବା ଅଭିଯାନ ଆପାତତଃ ସଫଳ ହୋଇଛି । ମିଶନଶକ୍ତି, ଏହାର ସଦସ୍ୟ, ସହଯୋଗ କରୁଥିବା ନିର୍ବାହୀ ସମସ୍ତଙ୍କ ଉପରେ ସରକାର ଦାଉ ସାଧିଛନ୍ତି । ନିର୍ବାହୀମାନଙ୍କୁ ପାରିଶ୍ରମିକ ବନ୍ଦ କରି ସେମାନଙ୍କୁ ଛଟେଇ କରାଯାଉଛି । ଏସ୍‌ଏଚ୍‌ଜି ପୁନର୍ଗଠନ ପାଇଁ କାମ ଆରମ୍ଭ କରି ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ଆଘାତ ଦିଆଯାଇଛି । ଅନ୍ୟପକ୍ଷରେ ଏବେ ସୁଧଫେରସ୍ତ ପ୍ରକ୍ରିୟା ବନ୍ଦ କରିବା ପରେ ଋଣ ଦେବାକୁ ବି ବ୍ୟାଙ୍କ ରାଜି ନୁହନ୍ତି । ସାରା ରାଜ୍ୟରେ ଏପରି ସମସ୍ୟା ମିଶନଶକ୍ତି ପାଇଁ ସମସ୍ୟା ସୃଷ୍ଟି କରିଛି । ବିଡ଼ମ୍ବନା ହେଉଛି ୭୦ଲକ୍ଷ ମହିଳାଙ୍କ ସହ ଜଡ଼ିତ ରାଜ୍ୟର ୭୦ ଲକ୍ଷ ପରିବାର ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ।

**■ ରାଜ୍ୟର ୭୦ ଲକ୍ଷ ପରିବାର ପ୍ରଭାବିତ**
**■ ଦୋହଲିଲାଣି ମହିଳାଙ୍କ ଆର୍ଥିକ ମେରୁଦଣ୍ଡ**
**■ ସୁଧ ଫେରସ୍ତ ବନ୍ଦ୍ ପାଇଁ ଋଣ ଲଗାଣ ଠପ୍**

ମହିଳା ସଶକ୍ତିକରଣକୁ ଶୀର୍ଷରେ ପହଞ୍ଚାଇବା ପାଇ ନବୀନ ସରକାର ସୁଧ ଛାଡ଼ ଯୋଜନା କରିଥିଲେ । ବିଗତ ବର୍ଷରେ ରାଜ୍ୟର ୪୦ ଲକ୍ଷ ମହିଳା ଏହାଦ୍ୱାରା ଉପକୃତ ହୋଇଥିଲେ । ମହିଳାଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବା ସହ ଗାଁ ଗଣ୍ଡାରେ ମହିଳା ସ୍ୱାବଲମ୍ବୀ ହୋଇ ପାରିଥିଲେ । ବିନା ସୁଧରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ୫ ଲକ୍ଷଟଙ୍କା ପର୍ଯ୍ୟନ୍ତ ଋଣ ଲଗାଣ ପାଇଁ ବିଜେଡି ସରକାର ସୁଧ ଫେରସ୍ତ ଯୋଜନା ପ୍ରଣୟନ କରିଥିଲେ । ବ୍ୟାଙ୍କରୁ ଏସ୍‌ଏଚ୍‌ଜି ଋଣ ଉଠାଣ ପରେ କିସ୍ତିୱାରୀ ପରିଶୋଧ କରୁଥିଲେ ଓ ରାଜ୍ୟ ସରକାର ବ୍ୟାଙ୍କ ଋଣ ବାବଦର ସୁଧଅର୍ଥକୁ ପ୍ରତ୍ୟକ୍ଷ ଭାବେ ଏସ୍‌ଏଚ୍‌ଜିଙ୍କୁ ଫେରସ୍ତ କରୁଥିଲେ । ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁ, ଏସ୍‌ଏଚ୍‌ଜିଙ୍କୁ ସରଳ ପ୍ରକ୍ରିୟାରେ ବ୍ୟାଙ୍କ ଋଣ ମିଳି ପାରୁଥିଲା ଓ ମହିଳାମାନେ ମଧ୍ୟ ସରକାରଙ୍କ ସୁଧ ଫେରସ୍ତ ଯୋଜନାରେ ଉପକୃତ ହୋଇ ସଠିକ୍ ସମୟରେ ବ୍ୟାଙ୍କ ଋଣ ଶୁଝି ପାରୁଥିଲେ ।


ମାତ୍ର ଏହି ସୁଧ ଫେରସ୍ତ ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ଏସ୍‌ଏଚ୍‌ଜି ଋଣଭାର ବୁଡ଼ି ରହିପୂର୍ବ ବର୍ଷର ଋଣ ଅର୍ଥକୁ ବ୍ୟାଙ୍କରେ ପରିଶୋଧ କରି ପାରୁ ନାହାନ୍ତି । କେବଳ ଯାଜପୁର ଜିଲ୍ଲାର ୨୦ ହଜାରରୁ ଅଧିକ ଏସ୍‌ଏଚ୍‌ଜି ଚଳିତ ଆର୍ଥିକ ବର୍ଷରେ ଋଣ ନେଣଦେଣ ପ୍ରକ୍ରିୟା ଠାରୁ ଦୂରେଇ ଯାଇଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଯାଜପୁର ଜିଲ୍ଲାର ୧୪ ହଜାର ୪୮୫ଟି ଏସ୍‌ଏଚ୍‌ଜି ୩ ଲକ୍ଷଟଙ୍କା ଲେଖାଏଁ ଋଣ ଉଠାଣ କରିବା ସହ ସମୂଳ ସୁଧ ଅର୍ଥ ବ୍ୟାଙ୍କକୁ ଫେରସ୍ତ କରିଥିଲେ । ଏହି ଋଣ ନେଣଦେଣ ବ୍ୟବସ୍ଥାରେ ଜିଲ୍ଲାର ଦେଢ଼ ଲକ୍ଷରୁ ଅଧିକ ମହିଳାଙ୍କୁ ୧୩ କୋଟି ୨୬ ଲକ୍ଷଟଙ୍କାର ସୁଧଅର୍ଥ ଫେରସ୍ତ କରାଯାଇଥିଲଶ ।

| ବ୍ଲକ୍ | ୨୦୨୪-୨୫ ଋଣ ଲଗାଣ ଲକ୍ଷ୍ୟ ଓ ସଫଳତା | | | ୨୦୨୩-୨୪ ବର୍ଷରେ ସୁଧଛାଡ଼ | |
|---|---|---|---|---|---|
| | ଏସ୍‌ଏଚ୍‌ଜି | ଋଣ ଲଗାଣ (କୋଟି) | ଲକ୍ଷ୍ୟ ସାଧନ(%) | ଏସ୍‌ଏଚ୍‌ଜି (ଉପକୃତ) | ସୁଧଛାଡ଼ (କୋଟି) |
| ବଡ଼ଚଣା | ୨୪୯୧ | ୧୩୩.୫୩ | ୨୭ | ୨୦୩୧ | ୧.୯୭ |
| ବରୀ | ୧୬୩୮ | ୯୦.୯୫ | ୩୫ | ୧୨୨୫ | ୧.୦୬ |
| ବିଂଝାରପୁର | ୧୯୫୫ | ୧୦୫.୭୮ | ୧୨ | ୧୨୬୮ | ୧.୧୬ |
| ଦାନଗଦୀ | ୧୩୮୨ | ୭୪.୦୯ | ୩୫ | ୧୦୯୭ | ୦.୮୫ |
| ଦଶରଥପୁର | ୨୦୧୮ | ୧୦୮.୮୨ | ୪୪ | ୧୩୫୨ | ୧.୩୨ |
| ଧର୍ମଶାଳା | ୨୫୯୩ | ୧୪୬.୭୯ | ୮୮ | ୨୩୪୭ | ୨.୦୬ |
| ଯାଜପୁର | ୨୧୨୦ | ୧୧୧.୭୯ | ୬୧ | ୧୨୦୮ | ୧୨.୫୨ |
| କୋରେଇ | ୧୮୦୨ | ୯୭.୪୯ | ୮୪ | ୮୧୭ | ୦.୭୨ |
| ରସୁଲପୁର | ୨୦୦୩ | ୧୦୮.୪୨ | ୨୨ | ୧୮୦୬ | ୧.୭୧ |
| ସୁକିନ୍ଦା | ୧୪୯୮ | ୭୯.୨୭ | ୫୨ | ୧୧୫୧ | ୦.୯୫ |
| ମୋଟ | ୧୯୫୦୦ | ୧୦୫୬.୯୫ | ୪୮ | ୧୪୪୮୫ | ୧୩.୨୬ |

ଚଳିତ ଆର୍ଥିକ ବର୍ଷ (୨୦୨୪-୨୫)ରେ ଯାଜପୁର ଜିଲ୍ଲାର ୧୯ ହଜାର ୫୦୦ ଏସ୍‌ଏଚ୍‌ଜିଙ୍କୁ ୧୦୫୬ କୋଟି ଟଙ୍କାର ଋଣ ଲଗାଣ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ । ମାତ୍ର ଏଯାଏ ଗୋଟିଏ ବି ଏସ୍‌ଏଚ୍‌ଜିଙ୍କୁ ସୁଧଛାଡ଼ ଅର୍ଥ ଫେରସ୍ତ ମିଳି ନାହିଁ । ଏହା ମହିଳା ସଶକ୍ତିକରଣ ଅଭିଯାନ ପ୍ରଭାବିତ କରିଛି । ଏସ୍‌ଏଚ୍‌ଜିଙ୍କୁ ରାଜ୍ୟ ସରକାର ସୁଧ ଫେରସ୍ତ କରି ପାରୁ ନଥିବାରୁ ମହିଳାଙ୍କୁ ବ୍ୟାଙ୍କ ଋଣ ଦେବା ପାଇଁ ଧରାଛୁଆଁ ଦେଉ ନାହାନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ଦ୍ୱାରା ସଂଚାଳିତ ମିଶନ ଶକ୍ତି କେହି ଏସ୍‌ଏଚ୍‌ଜିଙ୍କ ସାଥୀରେ ନାହାନ୍ତି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଯାଜପୁର ଜିଲ୍ଲାର ୧୯ ହଜାର ୫୦୦ ଏସ୍‌ଏଚ୍‌ଜିଙ୍କୁ ଋଣ ଲଗାଣ କରିବା ଲକ୍ଷ୍ୟରୁ ଅଧା ବି ପୂରଣ ହୋଇ ନାହିଁ । ନୈରାଶ୍ୟଜନକ ଋଣ ଲଗାଣ ବ୍ୟବସ୍ଥା ଜିଲ୍ଲାର ୨ ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । କେବଳ ଯାଜପୁର ନୁହେଁ, ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ସମାନ ଅବସ୍ଥା । ଏବେ ଯଦି ଏହି ବ୍ୟବସ୍ଥା ଜାରିରହେ, ତେବେ ୭୦ଲକ୍ଷ ସ୍ୱାବଲମ୍ବୀ ମହିଳାଙ୍କ ପରିବାର ଆର୍ଥିକ କ୍ଷତିଗ୍ରସ୍ତ ହେବା ଜଳଜଳ ଦିଶୁଛି ।

## ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ନବୀନ

**ଭୁବନେଶ୍ୱର, ୧୩।୨(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଓଲିଉଡ୍ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ



ପଚାରି ବୁଝିଛନ୍ତି । ଭିଡିଓ କଲ୍ ଜରିଆରେ ସେ ଆଜି ଶ୍ରୀ ମହାନ୍ତିଙ୍କ ପୁଅ ବାବୁଶାନଙ୍କ ସହ କଥା ହୋଇଥିଲେ । ଉତ୍ତମଙ୍କ ସ୍ୱାସ୍ଥ୍ୟାବସ୍ଥା କିଭଳି ରହିଛି ଏବଂ ଉନ୍ନତି ହେଉଛି କି ନାହିଁ; ସେ ସଂପର୍କରେ ବାବୁଶାନଙ୍କୁ ପଚାରିଥିଲେ ନବୀନ । ଏହାର ଉତ୍ତରରେ ବାବୁଶାନ କହିଥିଲେ ଯେ ଶ୍ରୀ ମହାନ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ସେ ଭେଣ୍ଟିଲେଟର୍‌ରେ ରହିଥିବା ବେଳେ ଧୀରେଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି । ଡାକ୍ତର ସ୍ମୃତି ମିଶ୍ର ଏବଂ ତାଙ୍କ ଟିମ୍ ଶ୍ରୀ ମହାନ୍ତିଙ୍କ ଚିକିତ୍ସା କରୁଛନ୍ତି ବୋଲି ବାବୁଶାନ୍ କହିଥିଲେ ।

ସୂଚନା ଅନୁସାରେ, ଏକ ଚଳଚ୍ଚିତ୍ରର ସୁଟିଂ ପାଇଁ ବାହାରକୁ ଯାଇଥିବା ବେଳେ ସେଠାରେ ଉତ୍ତମଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା । ତାଙ୍କୁ ପ୍ରଥମେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଅଧିକ ଚିକିତ୍ସା ପାଇଁ ଗତ ୮ ତାରିଖରେ ତାଙ୍କୁ ଗୁରୁଗ୍ରାମସ୍ଥିତ ଏକ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା । ବର୍ତ୍ତମାନ ସେଠାରେ ତାଙ୍କ ଚିକିତ୍ସା ଚାଲିଛି । ଶ୍ରୀ ମହାନ୍ତି ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ଅଛନ୍ତି ବୋଲି ଜଣାଯାଇଛି ।

## ଭରଣପୋଷଣ ମାମଲାରେ ସଂପତ୍ତି ତଥ୍ୟ ସଂକ୍ରାନ୍ତୀୟ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ: ହାଇକୋର୍ଟ

**କଟକ, ୧୩।୨(ସମିସ):** ଭରଣପୋଷଣ ପ୍ରସଙ୍ଗ ନେଇ ଦାୟର କରାଯାଉଥିବା ମାମଲାରେ ପକ୍ଷ ନିଜ ସଂପତ୍ତି ସଂପର୍କିତ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ରହିଥିବା ଏକ ମାର୍ଗଦର୍ଶିକା ବା ଗାଇଡଲାଇନକୁ ଭରଣପୋଷଣ ସଂପର୍କିତ ମାମଲାର ଶୁଣାଣି କରୁଥିବା ଅଦାଲତ ଅନୁପାଳନ କରିବା ଉପରେ ବୋଲି ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପରିବାର ଅଦାଲତଙ୍କ ଭରଣପୋଷଣ ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସୂଚନୋଯୋଗ୍ୟ, ସଂପତ୍ତି ସଂପର୍କିତ ସତ୍ୟପାଠ ଦାଖଲ ହୋଇ ନଥିବା ବେଳେ ଏକ ଭରଣପୋଷଣ ମାମଲାରେ ପତ୍ନୀ ଓ ନାବାଳକ ପୁଅକୁ ମାସିକ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ ପାଇଁ ଖୋର୍ଦ୍ଧା ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ ।

## ୬ ଫୁଟର ପଥର ବାଡ଼ ଡେଇଁଲା ଦନ୍ତା

### ରାଜପଥରେ ଯାତାୟାତ ଠପ୍, ବିଦ୍ୟୁତ ସେବା ବନ୍ଦ

**କାମାକ୍ଷାନଗର,୧୩।୨(ସମିସ):** କିଛି ଦିନର ବ୍ୟବଧାନ ପରେ କାମାକ୍ଷାନଗର ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଦେଖିବାକୁ ମିଳିଛି । ଘଣ୍ଟାଏରୁ ଅଧିକ ସମୟ ଧରି ଜାତୀୟ ରାଜପଥରେ ଅଟକିବା ସହ ଆତଙ୍କ ସୃଷ୍ଟି କରିଛି । ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କନ୍ଧବୋଲ ଜଙ୍ଗଲରୁ ଏକ ଦନ୍ତା କାମାକ୍ଷାନଗର ସହର ନିକଟରେ ଥିବା ରାଜକୁଳା କାଟେଣୀ ଗ୍ରାମ ମଧ୍ୟକୁ ଚାଲି ଆସିଥିଲା । ଗ୍ରାମ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି



ହାତୀଟି ରହିବାରୁ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଦନ୍ତାଟିକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲା । କିନ୍ତୁ ଦନ୍ତାଟି ଜଙ୍ଗଲକୁ ନଯାଇ କାମାକ୍ଷାନଗର -ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରାଠାରେ ଘଣ୍ଟାଏରୁ ଅଧିକ ସମୟଧରି ଛିଡ଼ା ହୋଇଥିଲା । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଯାତାୟାତ ଠପ୍ ହେବା ସହ ହାତୀ ଥିବା କାରଣରୁ ବିଦ୍ୟୁତ ସେବା ବନ୍ଦ କରାଯାଇଥିଲା । ଫଳରେ କାମାକ୍ଷାନଗର ସହର ନିକଟରେ ଥିବା ଜିରିଡାମାଳି, ମାଳପୁରା, ବାଇଶିଙ୍ଗା, ନୀଳମାଧବପୁର ପ୍ରଭୃତି ଗାଁ ଗୁଡିକ ତିନି ଘଣ୍ଟାରୁ ଅଧିକ ସମୟ ଧରି ଅନ୍ଧାରରେ ରହିଥିଲା । ବହୁ ନାକେଦମ୍ ହେବାପରେ ବନବିଭାଗ ଦନ୍ତାଟିକୁ ଜାତୀୟ ରାଜପଥରୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲା । ଦନ୍ତାଟି ରାଜପଥ ପାର୍ଶ୍ୱରେ ଥିବା ୬ ଫୁଟର ବ୍ୟାରିକେଡ୍‌କୁ ଡେଇଁ ସ୍ଥାନୀୟ କନ୍ଦରସିଙ୍ଗା ଗ୍ରାମ ଅଭିମୁଖେ ଚାଲିଯାଇଥିଲା ।



# ଆସୁଛି ଦଣ୍ଡଯାତ୍ରା; ଚଳଚଞ୍ଚଳ ଆଖଡ଼ା

ବ୍ରହ୍ମପୁର,୧୩।୨(ସମିସ)





ସମୃଦ୍ଧ ଲୋକକଳା ଓ ଲୋକ ସଂସ୍କୃତିର ମାଟି ଗଞ୍ଜାମ। ଏଠାକାର ପରମ୍ପରା ଓ ସଂସ୍କୃତି ବିଶ୍ୱବିଦିତ। କାଳକ୍ରମେ ଗଢ଼ି ଉଠିଥିବା ଏଠାକାର ଅଧ୍ୟାତ୍ମିକ ପରମ୍ପରା ଏହି ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ତନ୍ମଧ୍ୟରୁ ଦଣ୍ଡନାଟ ବା ଦଣ୍ଡଯାତ୍ରା ଅନ୍ୟତମ। ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ ହଟଯୋଗର ସମାହାର ହେଉଛି ଶିବଶକ୍ତି


## ପ୍ରସ୍ତୁତ ହେଉଛନ୍ତି ନାଟ୍ୟଦଳ

ଉପାସନାର ପ୍ରତୀକ ଗଞ୍ଜାମର ପାରମ୍ପରିକ ଦଣ୍ଡନାଟ। ଚୈତ୍ରମାସରେ ୨୧ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର। ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ଲିପ୍ତ ରହିଥାନ୍ତି। ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଆଦିମ ଯୁଗରୁ ପ୍ରଚଳିତ। ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି। ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଏହାର ଇତିହାସ ଅତୀ ପ୍ରାଚୀନ। ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏ ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି। ଦଣ୍ଡନାଚର ପ୍ରଚୀନତା ଓ କିମ୍ବଦନ୍ତୀ ମହାନ। ଏହାର ଇତିହାସକୁ ଅନୁଧ୍ୟାନ କଲେ ଅନେକ ତଥ୍ୟ ମିଳେ। ଦଣ୍ଡନାଚ ଗଞ୍ଜାମ ଜିଲ୍ଲାର ହଟଯୋଗର ଅଂଶ ବିଶେଷ। ଏହା ଏକ ପ୍ରାଚୀନ ଓ ପାରମ୍ପରିକ ନାଟ। ଏହା ଗଞ୍ଜାମ ଜିଲ୍ଲାର କାମନା ଦଣ୍ଡ ଭାବରେ ପରିଚିତ। ଏକ ଲୋକପର୍ବ ମଧ୍ୟ। ଲୋକନୃତ୍ୟ, ଧର୍ମିୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ ଏହି ନାଟର ସୃଷ୍ଟି କେବେ ଓ କିଭଳି ହୋଇଛି ତାହା ଏବେ ବି ରହସ୍ୟମୟ। ଏହା ବୈଶାଖ ମାସରେ ଆରମ୍ଭ ହୋଇ ଭିନ୍ନ ଭିନ୍ନ ଦଣ୍ଡକାଳୀ ମନ୍ଦର ତରଫରୁ ୨୧ଦିନ, ୧୫ଦିନ ଓ ୧୩ ଦିନ ପର୍ଯ୍ୟନ୍ତ ପାଳନ ହୁଏ। ମେରୁ ସଂକ୍ରାନ୍ତିରେ ଏହା ଉଦ୍‌ଯାପିତ ହୁଏ। ଦଣ୍ଡଯାତ୍ରା ଦିନ ମାନଙ୍କରେ ଦିନ ତମାମ ରୀତିନୀତି ଓ ପାରମ୍ପରିକ ସଂସ୍କୃତିର ଝଲକ ଦେଖିବାକୁ ମିଳେ। ଦେବୀ ଆରଧନା ଇତ୍ୟାଦି ଇତ୍ୟାଦି ହୋଇଥାଏ। ରାତିରେ ବିଭିନ୍ନ ନାଟ୍ୟ ଦଳମାନଙ୍କ ପକ୍ଷରୁ ଭିନ୍ନ ଭିନ୍ନ ପୌରାଣିକ ନାଟକ, ଅପେରା, ରାମାୟଣ, ଭାରତଲିଳା ଆଦି ପରିବେଷିତ ହୋଇଥାଏ। ଏହିକ୍ରମରେ ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଦଣ୍ଡକାଳୀ ମନ୍ଦିର ପକ୍ଷରୁ ଦଣ୍ଡନାଟ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ନାଟ୍ୟଦଳମାନେ ମଧ୍ୟ ସେମାନଙ୍କୁ ପ୍ରସ୍ତୁତ କରୁଛନ୍ତି। ନାଟ୍ୟଦଳ ଗୁଡ଼ିକ ଚଳିତବର୍ଷ ନୂଆ ଓ ଭିନ୍ନ ଧରଣର ନାଟକ ପରିବେଷଣ କରିବାକୁ ପ୍ରୟାସ କରିଛନ୍ତି। ଏନେଇ ପୁସ୍ତକ ପୂଜନ ପ୍ରାୟ ସରିଲାଣି। ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ସମସ୍ତ ନାଟ୍ୟଦଳ ପକ୍ଷରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି।

ମା' ଶ୍ୟାମକାଳୀ ଗଣନାଟ୍ୟ ସାହାଣି ଦିଗପହଣ୍ଡି ପକ୍ଷରୁ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶରେ କାହାକୁ କହିବି ଦୁଃଖ କାହାଣୀ ନାଟକ ଅଭ୍ୟାସ ଆରମ୍ଭ ହୋଇଛି। ସେହିଭଳି ଶ୍ରୀ ଶ୍ରୀ ମା' ଶ୍ୟାମ ଦଣ୍ଡକାଳୀ ସାନ କୁସୁମି ଦଳ ପକ୍ଷରୁ କହିବାକୁ ଲାଜ, ଶୁଣିଲେ ପାପ ପୁସ୍ତକ ପୂଜନ ହୋଇଛି। ଏହିପରି ଭାବେ ବିଭିନ୍ନ ନାଟ୍ୟଦଳ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କଲେଣି। ଗ୍ରାମ୍ୟ ଆଖଡ଼ା ମଧ୍ୟ ଚଳଚଞ୍ଚଳ ହେଲାଣି। ଦଣ୍ଡନାଟ ସମୟରେ ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ ସାଂସ୍କୃତିକମୟ ହେବ ନିଶ୍ଚୟ।

## ଚଳିତ ବର୍ଷ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା

ବ୍ରହ୍ମପୁର: ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ହୋଇଥାଏ ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରା। ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ ଯାତ୍ରା ସମୟରେ ସ୍ଥାୟୀ ମନ୍ଦିରରୁ ନିଜ ବାପ ଘରକୁ ଆସିଥାନ୍ତି। ଗତ ୨୦୨୩ ମସିହାରେ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ପୁଣି ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଠାକୁରାଣୀଙ୍କ ବାପ ଘରୁ ଅର୍ଥାତ୍ ଦେଶୀବେହେରାଙ୍କ ପକ୍ଷରୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଯାତ୍ରା ସମୟରେ ମାଙ୍କ ଘଟ ବିଜେ କରୁଥିବା ଅସ୍ଥାୟୀ ମଣ୍ଡପର ନିର୍ମାଣ ଦାୟିତ୍ୱ ବ୍ରହ୍ମପୁର ମହାନଗର ନିଗମର। ଏଣୁ ଯାତ୍ରା ଆୟୋଜନର ଏକ ମାସ ପୂର୍ବରୁ ଯାତ୍ରାର ମୁଖ୍ୟ ପରିଚାଳକ ତଥା ଦେଶୀବେହେରାଙ୍କ ପକ୍ଷରୁ ନିଗମ କର୍ତ୍ତୃପକ୍ଷଙ୍କୁ ଏନେଇ ଚିଠି ଲେଖି ଅବଗତ କରିସାରିଛନ୍ତି। ଚଳିତ ବର୍ଷ ଠାକୁରାଣୀ ଯାତ୍ରା ମାର୍ଚ୍ଚ ଶେଷ ଅଥବା ଏପ୍ରିଲ ପ୍ରଥମ ସପ୍ତାହରେ ଆରମ୍ଭ ହେବାର ସମ୍ଭାବନା ରହିଛି। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ପରିଚାଳକ ପି. ଦୁର୍ଗାପ୍ରସାଦ ଦେଶୀବେହେରା। ଶିବରାତ୍ରୀ ପରେ ସିଦ୍ଧାନ୍ତି ଏକ ବୈଠକରେ ଯାତ୍ରା ଆୟୋଜନ ନେଇ ଶୁଭମୂହୁର୍ତ୍ତ ଦେଖି ତାରିଖ ଘୋଷଣା କରିବେ। ତାହା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ଯାତ୍ରା ପାଇଁ ପ୍ରସ୍ତୁତିକୁ ଜୋରଦାର କରାଯିବ। ତେବେ ଯାତ୍ରା କେତେଦିନ ଧରି ଆୟୋଜନ କରାଯିବ ତାହା ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଉପରେ ନିର୍ଭର କରୁଛି।



● ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଠାକୁରାଣୀଙ୍କ ବାପଘରକୁ ବିଜେ

# ଘର କିଣାଇ ଦେବା ନାଁରେ ୧.୮ ଲକ୍ଷ ଠକେଇ

ବ୍ରହ୍ମପୁର,୧୩।୨(ସମିସ): ଘର କିଣାଇ ଦେବା ନାଁରେ ଜଣେ ଯୁବକଙ୍କଠାରୁ ୧ଲକ୍ଷ ୮୦ହଜାର ଟଙ୍କା ଠକେଇ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ସୂଚନା ପ୍ରକାରେ, ଲକ୍ଷ୍ମୀନଗର ସାହିର ଚନ୍ଦନ ସାହୁ(୨୫) ସହରରେ ଏକ ବାସଗୃହ କିଣିବାକୁ ଯୋଜନା କରିଥିଲେ।

ସେହିକ୍ରମରେ ବ୍ରହ୍ମାନଗର ୩ୟ ଲାଇନରେ ୟୁଜେ ହୋମ୍ସ ନାମକ ଏକ ସଂସ୍ଥା ଖୋଲିଥିବା ପଦ୍ମନ ଲେଙ୍କା ଓ ପ୍ରସନ୍ନ ଲେଙ୍କା ସହ ଯୋଗାଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଗଢ଼ି ଉଠିବାରୁ ପଦ୍ମନ ଓ ପ୍ରସନ୍ନ ଅନେକ ସମୟରେ ଚନ୍ଦନଙ୍କ ଘରକୁ ଯା'ଆସ କରି ପାରିବାରିକ ସମ୍ପର୍କ ବଢ଼ାଇଥିଲେ। କିଛି ଦିନ ପରେ ନେଳିଆବନ୍ଧ ସାହି ଠାରେ ଥିବା ଏକ ଘରକୁ କିଣାଇଦେବେ ବୋଲି ଉଭୟ ଚନନ୍ଦ ଓ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏପରିକି ଚନ୍ଦନଙ୍କୁ ନେଇ ଉକ୍ତ ଘର ଦେଖାଇଥିଲେ। ଏଥିପାଇଁ ଚନ୍ଦନ ୧ଲକ୍ଷ ୮୦ହଜାର ଟଙ୍କା ଅଗ୍ରୀମ ଭାବେ ଦେଇଥିଲେ। ହେଲେ ଟଙ୍କା ନେବାର ଅନେକ ଦିନ ପରେ ପଦ୍ମନ ଓ ପ୍ରସନ୍ନ ଘର କିଣାଇ ଦେଇନଥିଲେ। ବାରମ୍ବାର ଅନୁରୋଧ ପେର ମଧ୍ୟ ଉକ୍ତ ଘର ତାଙ୍କ ନାମରେ ପଞ୍ଜିକୃତ ନ ହେବାରୁ ଚନ୍ଦନ ଟଙ୍କା ମାଗିଥିଲେ। ହେଲେ ଉଭୟ ଟଙ୍କା ଫେରସ୍ତ କରିନଥିଲେ। ବର୍ତ୍ତମାନ ଉଭୟ ଫୋନ ଗ୍ରହଣ କରୁନଥିବା ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# ଫୋନ୍-ପେ' ରୁ ୫୫ ହଜାର ଠକେଇ

ବ୍ରହ୍ମପୁର,୧୩।୨(ସମିସ): ଜଣେ ବ୍ୟକ୍ତିଙ୍କ ଫୋନ-ପେରୁ ୫୫ହଜାର ଟଙ୍କା ଠକେଇ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଜ୍ୟୋତିନଗରରେ ରହୁଥିବା କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନିକଟକୁ କିଛି ଦିନ ତଳେ ଏକ ମେସେଜ ଆସିଥିଲା। ସେ ଉକ୍ତ ମେସେଜ ସହ ଆସିଥିବା ଲିଙ୍କକୁ କ୍ଲିକ କରିବା ପରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଫୋନ କରି ହିନ୍ଦୀରେ କଥା ହୋଇଥିଲା। ଏହାର କିଛି ସମୟ ପରେ କୈଳାସଙ୍କ ଫୋନ-ପେ ଆକାଉଣ୍ଟରୁ ୮ଥରରେ ୫୫ହଜାର ଟଙ୍କା କଟି ଯାଇଥିଲା।

ତେବେ କେଉଁ କାରଣରୁ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଗଲା ସେ ବିଷୟରେ କୌଣସି ପ୍ରକାର ସୂଚନା ମିଳିନଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିବା ଜଣାପଡିଛି।

# ଫେବୃଆରୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨ ମେଗା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୩।୨(ସମିସ): ଫେବୃଆରୀ ତୃତୀୟ ସପ୍ତାହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୁଇଟି ମେଗା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ସୂଚନା ଦେଇଛନ୍ତି। ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବା ବେଳେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର ମିଳିତ ସହଯୋଗରେ ପ୍ରତିଯୋଗିତା ଆୟୋଜନ କରାଯାଉଛି। ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ପୂର୍ବାଞ୍ଚଳର ଓଡ଼ିଶା ସମେତ ମଣିପୁର, ଛତିଶଗଡ଼, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟର ମୋଟ ୧୮ଟି ବିଶ୍ୱବିଦ୍ୟାଳୟରୁ ଖେଳାଳିମାନେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ମୋଟ ୨୫୦ରୁ ଅଧିକ ମହିଳା ହ୍ୟାଣ୍ଡବଲ ଖେଳାଳିଙ୍କ ସହିତ ପ୍ରାୟ ୪୦ଜଣ ଅଫିସିଆଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଆସନ୍ତା ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତି ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତାରେ ରାଜ୍ୟର ୧୮ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୬ଟି ବିଶ୍ୱବିଦ୍ୟାଳୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସମଗ୍ର ରାଜ୍ୟରୁ ମୋଟ ୬ଶହରୁ ୭ଶହ ପର୍ଯ୍ୟନ୍ତ ପ୍ରତିଯୋଗୀ ଓ ଅଧିକାରୀ ସାମିଲ ହେବେ। ପ୍ରତିଯୋଗୀ ଓ ଅଧିକାରୀଙ୍କ ରହିବା ପାଇଁ ଗୋପାଳପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବ୍ୟବସ୍ଥା କରାଯାଇଛି। ଜାତୀୟ ଶିକ୍ଷା ନିତି ଅନୁଯାୟୀ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତାରେ ବିଜେତାଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ସହିତ ଯଥାକ୍ରମେ ୩୦ହଜାର, ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରାୟ ୮୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ଓ ନୋଡାଲ ଅଧିକାରୀ ସଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ଆସନ୍ତା ଶିକ୍ଷାବର୍ଷରୁ ସଂସ୍କୃତ ପାଠ୍ୟକ୍ରମ

ବ୍ରହ୍ମପୁର,୧୩।୨(ସମିସ): ଡିଗ୍ରୀ ଶ୍ରେଣୀରେ ସଂସ୍କୃତ ପାଠ୍ୟକ୍ରମ ପ୍ରତି ପିଲାଙ୍କର ରହିଛି ଆଗ୍ରହ। ଯାହାକୁ ଦୃଷ୍ଟିରେ ରଖି ବିଭିନ୍ନ ମହାବିଦ୍ୟାଳୟ ପକ୍ଷରୁ ଅନୁମତି ପାଇଁ ଆବେଦନ କରାଯାଇଥିବା ଜଣାପଡିଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କଙ୍କରୋଡା ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଥିବା ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜଣାପଡିଛି। ପୂର୍ବରୁ ଏହି ନିର୍ଦ୍ଦେଶାଳୟ ଅଧିନରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାରାଜା ମହାବିଦ୍ୟାଳୟ ଓ ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବା ଡିଗ୍ରୀ ଶ୍ରେଣୀରେ ସଂସ୍କୃତ ପାଠ୍ୟକ୍ରମ ରହିଥିଲା। ବର୍ତ୍ତମାନ ଯଦି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ହାଇପାୱାର କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାର ଉପରୋକ୍ତ ୩ଟି ଶିକ୍ଷାନୁଷ୍ଠାନକୁ ଅନୁମତି ମିଳେ ତେବେ ମୋଟ ୫ଟି ମହାବିଦ୍ୟାଳୟରେ ସଂସ୍କୃତ ଭଳି ପୁରାତନ ଭାଷାର ପାଠ୍ୟକ୍ରମ (ସମ୍ମାନ) ସହ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ।

● ଗଞ୍ଜାମର ୩ ମହାବିଦ୍ୟାଳୟର ଆବେଦନ

# ବିଇଡି ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ମାର୍ଗଦର୍ଶିକା

ବ୍ରହ୍ମପୁର,୧୩।୨(ସମିସ): ବିଇଡି ଶିକ୍ଷାନୁଷ୍ଠାନ ଗୁଡିକରେ ଅଧ୍ୟାପକ ଅଭାବ ଭଳି ସମସ୍ୟାର ଦୂରୀକରଣ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଅତିଥି ଅଧ୍ୟାପକଙ୍କୁ ଠିକାରେ ନିଯୁକ୍ତି ଦେଇ ଅଧ୍ୟାପକ ଅଭାବକୁ ଦୂର କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ତେବେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ବେଳେ କିଛି ନିର୍ଦ୍ଦିଷ୍ଟ ନୀତିନିୟମକୁ ଅନୁପାଳନ କରିବା ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନଙ୍କୁ ପ୍ରେରଣ କରାଯାଇଛି। ବ୍ରହ୍ମପୁର ସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଗଞ୍ଜାମ ଓ କନ୍ଧମାଳରେ ମୋଟ ୪ଟି ସରକାରୀ ବିଇଡି କଲେଜ ରହିଛି। ସେଗୁଡିକରେ ଯଥାକ୍ରମେ ଭଞ୍ଜନଗର ବିଇଡି କଲେଜରେ ମୋଟ ୨୩ଟି ପଦବୀ ମଧ୍ୟରୁ ୯ଟି ପଦବୀ ଖାଲି ପଡିଥିବା ବେଳେ ବ୍ରହ୍ମପୁର ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଓ ଗବେଷଣା ଶିକ୍ଷାନୁଷ୍ଠାନରେ ୨୯ଟି ପଦବୀରୁ ୧୦ଟି ପଦବୀ ଖାଲି ପଡିଛି। ସେହିଭଳି କନ୍ଧମାଳ ଜିଲ୍ଲାର କଳିଙ୍ଗା ସ୍ଥିତ ଶିକ୍ଷାନୁଷ୍ଠାନରେ ୩୮ଟି ପଦବୀ ମଧ୍ୟରୁ ୧୮ଟି ଓ ଫୁଲବାଣୀରେ ୫୭ଟି ପଦବୀ ମଧ୍ୟରୁ ୨୮ଟି ପଦବୀ ଖାଲି ପଡିଛି।

# ଆକାଶବାଣୀ କେନ୍ଦ୍ରରେ ରେଡିଓ ଦିବସ



ବ୍ରହ୍ମପୁର,୧୩।୨(ସମିସ): ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପରିସରରେ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ ପାଳିତ ହୋଇଛି। ଏ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାକୃତିକ ଦୁଃରଦିନରେ ଯେତେବେଳେ ଅନ୍ୟ ସବୁ ସରବରାହ ସଂସ୍ଥା ନିଷ୍କ୍ରିୟ, କେବଳ ରେଡ଼ିଓ ହିଁ ସୂଚନା ପ୍ରଦାନର ଏକ ମାତ୍ର ଓ ପ୍ରଧାନ ଉତ୍ସ ହୋଇଥାଏ ବୋଲି କହିଥିଲେ। ସମ୍ପାଦକ ମହମଦ ଆସଲାମ ରେଡ଼ିଓର ଜନ୍ମ ଓ ଇତିବୃତ୍ତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକଙ୍କ ସମେତ ଅଜିତ କୁମାର ଦାସ, ପି. ରାମ ବାବୁ, ପ୍ରସନ୍ନ କୁମାର ଦାସ, ମନୋଜ କୁମାର ସାମଲ, ଲକ୍ଷ୍ମୀ ନାରାୟଣ ଦାସ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଆକାଶବାଣୀର କର୍ମକର୍ତ୍ତାଙ୍କୁ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଗଣିତ ବିଭାଗର ଅନ୍ତର୍ଜାତୀୟ ସମ୍ମିଳନୀ

ବ୍ରହ୍ମପୁର,୧୩।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଗଣିତ ବିଭାଗ ପକ୍ଷରୁ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମର ଆବାହକ ଡ଼.ରଘୁନାଥ ପାତ୍ର ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଡ଼. ପବିତ୍ର କୁମାର ଜେନା ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଇମ୍ଫାଲ ମଣିପୁର ବିଶ୍ୱବିଦ୍ୟାଳୟର ପ୍ରଫେସର କାଙ୍ଗୁଜମ ପ୍ରିଓ କୁମାର ସିଂ ଯୋଗଦେଇ ଶୀର୍ଷକ "ସୁଦ୍ଧ ଏବଂ ପ୍ରୟୋଗିକ ଗଣିତ" ଉପରେ ଆଲୋକପାତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଅଧ୍ୟକ୍ଷତା କରିବା ସହ ଗଣିତ ଗୋଟିଏ ଭିନ୍ନ ଭାଷା, ଗଣିତ ଦ୍ୱାରା ବୈଜ୍ଞାନିକମାନେ ବିଭିନ୍ନ ଆକଳନ କରି ତଥ୍ୟ ସଂଗ୍ରହ କରିଥାନ୍ତି। ତେଣୁ ଛାତ୍ରଛାତ୍ରୀ ଅଧିକ ଜ୍ଞାନ ଆହାରୋଣ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦ ବିଟ୍ସ ପିଲାନିର ପ୍ରଫେସର ବିଭୂଦତ୍ତ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଇଥିଓପିଆ ଆର୍ବା ମିଞ୍ଚ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବ୍ରତ କୁମାର ସାହୁ, ବିଭାଗର ଅବସରପ୍ରାପ୍ତ ପ୍ରଫେସର ଉମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଶୀର୍ଷକ ଉପରେ ନିଜ ନିଜ ମତ ପ୍ରକାଶ କରିଥିଲେ। ଏ ଅବସରରେ ବିଭାଗ "ସ୍ମରଣିକା' ଉନ୍ମୋଚିତ ହୋଇଥିଲା। ଶେଷରେ ବିଭାଗର ଡ଼.ମଦନ ମୋହନ ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ୧୩ଜଣ ବୈଜ୍ଞାନିକ ଯୋଗଦେଇ ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ।

# ପୁଣି ଭାଙ୍ଗିଦେଲେ 'ଏମ୍‌କେସିଜି' ପାଚେରି

## ଅମାନିଆଙ୍କ ପାଇଁ ବନ୍ଦ ହୋଇପାରୁନି ଗଳାବାଟ, କାର୍ଯ୍ୟାନୁଷ୍ଠାନ ଶୂନ

## ପାଚେରି ପାଇଁ ମଞ୍ଜୁର ହୋଇଥିଲା ୧. ୩୮ କୋଟି

ବ୍ରହ୍ମପୁର,୧୩।୨(ସମିସ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ଗଳାବାଟଗୁଡିକୁ ବନ୍ଦ ନେଇ କିଛି ମାସ ପୂର୍ବେ ଡ଼ାକ୍ତର ଛାତ୍ରଛାତ୍ରୀ ଓ ଜୁନିୟର ଡ଼ାକ୍ତରଙ୍କ ପକ୍ଷରୁ ଦାବି ହୋଇଥିଲା। ଏହି ଗଳାବାଟ ଦେଇ କ୍ୟାମ୍ପସକୁ ବାହାର ଲୋକଙ୍କ ସମେତ ଅସାମାଜିକ ଓ ନିଶାଡିଙ୍କ ଅନୁପ୍ରବେଶ ଜାରି ରହିଥିଲା। ଏପରିକି କ୍ୟାମ୍ପସକୁ ଆସି ଆଡ୍ଡା ଜମାଇବା ଫଳରେ ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀ ନିଜକୁ ଅସୁରକ୍ଷିତ ମଣୁଥିଲେ। ଫଳରେ ଏହାକୁ ବିରୋଧ କରି ଉଭୟ ସଂଘ ପକ୍ଷରୁ କ୍ୟାମ୍ପସରେ ସୁରକ୍ଷା ସମେତ କ୍ୟାମ୍ପସରେ ଥିବା ଗଳାବାଟଗୁଡିକୁ ବନ୍ଦ କରିବାକୁ ଦାବି କରିଥିଲେ। ଏହା ପରେ କ୍ୟାମ୍ପସରେ ସୁରକ୍ଷା ବାବଦକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୩କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହାପରେ ମେଡ଼ିକାଲ କ୍ୟାମ୍ପସ ପରିସରରେ ଥିବା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଥିବା ଗଳାବାଟଗୁଡିକୁ ଏମକେସିଜି ମେଡ଼ିକାଲ ପକ୍ଷରୁ ବନ୍ଦ କରାଯାଇଥିଲା। କିନ୍ତୁ ମାତ୍ର କିଛି ମାସର ବ୍ୟବଧାନରେ ମେଡ଼ିକାଲ କ୍ୟାମ୍ପସକୁ ପ୍ରବେଶ ପାଇଁ ପୁଣି ଗଳାବାଟ ଖୋଲାଯାଇଛି। ମେଡ଼ିକାଲ ପରିସରରେ ଥିବା ଏସବିଆଇ ବ୍ୟାଙ୍କ ଓ ଆଇଏମଏ ହାଉସ ମଧ୍ୟରେ ଥିବା ପାଚେରି ଭଙ୍ଗାଯାଇଥିବା ଦେଖିବାକୁ ମଳିଛି। ଏହା ସହ ମେଡ଼ିକାଲ ପରିସରରେ ଥିବା ଶୌଚାଳୟ ପଛ ଭାଗରେ ଥିବା ପାଚେରି ମଧ ଭଙ୍ଗା ଯାଇଥିବା ଲକ୍ଷ୍ୟ କରାଯାଇଛି। ଏହି ରାସ୍ତାଦେଇ ମେଡିକାଲ କର୍ମଚାରୀ ସମେତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମଧ୍ୟ ଯାତାୟତ କରୁଛନ୍ତି। ଏହା ସହ ଅସାମାଜିକ, ନିଶାଡ଼ିମାନେ କ୍ୟାମ୍ପସ ଭିତରକୁ ଅନାଧିକାର ପ୍ରବେଶ କରି ରାତ୍ରୀ ସମୟରେ ସେମାନଙ୍କ ଆଡ୍ଡାସ୍ଥଳୀ ରୂପେ ବ୍ୟବହାର କରିଥାନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ ଉଭୟ ସ୍ଥାନରେ ପାଚେରି ଭଙ୍ଗା ଯାଇଥିଲା। ଯାହା ଏମକେସିଜି ମେଡ଼ିକାଲ କଲେଜର ଡ଼ାକ୍ତର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ସେହିପରି ମଞ୍ଜୁର ଟଙ୍କା ମଧ୍ୟରୁ କ୍ୟାମ୍ପସର ବିଭିନ୍ନ ସ୍ଥାନରେ ଥିବା ଗଳାବାଟ ବନ୍ଦ ଓ ସୁଉଚ୍ଚ ପାଚେରି ନିର୍ମାଣ ପାଇଁ ୧କୋଟି ୩୮ଲକ୍ଷ ୯୭ହଜାର ୯୧୫ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ କିଛି ସ୍ଥାନରେ ସୁଉଚ୍ଚ ପାଚେରି ନିର୍ମାଣ କରାଯାଇଥିବା ବେଳେ ଅନ୍ୟ ସମସ୍ତ ସ୍ଥାନରେ ନିର୍ମାଣ ହୋଇନାହିଁ। ସେହିପରି ଗଳାବାଟ ବନ୍ଦ ନିମନ୍ତେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହା କ୍ୟାମ୍ପସର ଗଳାବାଟ ବନ୍ଦ କରାଯାଇ ପାରୁନାହିଁ। ବିଭିନ୍ନ ସମୟରେ କର୍ମଚାରୀମାନେ ଉକ୍ତ ଗଳାବାଟକୁ ବ୍ୟବହାର କରୁଥିବାବେଳେ କିଛି କର୍ମଚାରୀ ମେଡ଼ିକାଲର ପାଚେରୀ ଡେଇଁ ଯାତାୟତ କରୁଥିବା ଦେଖିବାକୁ ମଳିଛି। ତେଣୁ ଏଥିପ୍ରତି ମେଡ଼ିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।





ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସଂଗ୍ରାମ କେଶରୀ ମହାନ୍ତି
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୧୮.୦୪.୧୯୪୭
ତିରୋଧାନ: ୦୪.୦୨.୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ- ମମତା ମହାନ୍ତି, ବଡ ଝିଅ ଜ୍ୱାଇଁ - ଅର୍ଘ୍ୟରୂପା, ସୁଜିତ କୁମାର, ମଝିଆ ଝିଅ ଜ୍ୱାଇଁ - ବିଶ୍ୱରୂପା, ଲଳାଟେନ୍ଦୁ, ସାନଝିଅ ଓ ଜ୍ୱାଇଁ - ବର୍ଣ୍ଣରୂପା, ଲଡୁକେଶ୍ୱର ଏବଂ ଆତ୍ମୀୟ-ସ୍ୱଜନ

କଂଗ୍ରେସ ପାଇଲା ନୂଆ ମୁଖିଆ

# ସୁଯୋଗ ଯେତିକି, ଆହ୍ୱାନ ସେତିକି

■ ସମସ୍ତଙ୍କୁ ସାଙ୍ଗରେ ନେଇ ଦଳ ସଜାଡ଼ିବା ଚ୍ୟାଲେଞ୍ଜ
■ ପୁରୁଣା ନେତାଙ୍କ ଘର ବାହୁଡ଼ା ଉପରେ ରହିବ ନଜର
■ ଓଡ଼ିଶା ପ୍ରଭାରୀ ପରିବର୍ତ୍ତନ ନେଇ ମିଳିଲା ଆଭାସ
■ ୧୮ ରେ ଫେରିବେ ଭକ୍ତ, ଶୋଭାଯାତ୍ରା ପାଇଁ ସଜବାଜ

**ଭୁବନେଶ୍ୱର,୧୩।୨(ସମିସ):** ପ୍ରାୟ ୮ ମାସ ପରେ ରାଜ୍ୟ କଂଗ୍ରେସକୁ ମିଳିଛି ନୂଆ ମୁଖିଆ। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କ ଉପରେ ଏଆଇସିସି ଭରଷା ପ୍ରକଟ କରିଛି। ଭକ୍ତଙ୍କ ହାତରେ କଂଗ୍ରେସର କମାଣ ଦିଆଯିବା ପରେ ଗତ କିଛିମାସ ହେଲା ପ୍ରାୟ ସୁପ୍ତ ଥିବା କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଛି। ତେବେ ଏହି ଦାୟିତ୍ୱ ଭକ୍ତଙ୍କ ପାଇଁ ଯେତିକି ସୁଯୋଗ ଆଣିଛି, ସେତିକି ଆହ୍ୱାନ ବି ରଖିଛି। ଆମୂଳଚୁଳ ଅସଜଡ଼ା କଂଗ୍ରେସକୁ ସଂଗଠିତ କରିବା ତାଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି ଏବଂ ୨୪ ବର୍ଷ ପରେ ରାଜ୍ୟ ରାଜନୀତିର ପଟ୍ଟ ପରିବର୍ତ୍ତନ କଂଗ୍ରେସ ପାଇଁ ମଧ୍ୟ ଅନୁରୂପ ସୃଷ୍ଟି କରିଛି ।

ଅତୀତରେ କଂଗ୍ରେସ ସଭାପତି ନିଯୁକ୍ତିର ସହିତ ଦଳୀୟ କନ୍ଦଳ ଆରମ୍ଭ ନୂଆ କଥା ନୁହେଁ। ପ୍ରତ୍ୟେକ ସମୟରେ କଂଗ୍ରେସରେ ସମାନ୍ତରାଳ ସଙ୍ଗଠନ ଓ ପିସିସି ସଭାପତିଙ୍କ ଗୋଷ୍ଠୀ ରାଜନୀତି ରହିଥିବା ଦେଖାଯାଇଛି। ପିସିସି ସଭାପତିଙ୍କ ବିରୋଧରେ ଦିଲ୍ଲୀ ଦୌଡ଼ ଓଡ଼ିଶା କଂଗ୍ରେସ ଡିଏନ୍‌ଏରେ ଭରି ରହିଛି। ଏହି ପରିସ୍ଥିତିରେ ଭକ୍ତଙ୍କ ରଣନୀତି, ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ସମସ୍ତଙ୍କ ନଜର ରହିଛି। ସବୁ ଗୋଷ୍ଠୀକୁ ସାଙ୍ଗରେ ନେଇ ଚାଲିବା ଭକ୍ତଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ମଧ୍ୟ କୁହାଯାଇଛି । ପିସିସି ସଭାପତି ଦୌଡ଼ରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ଭଳି ଟାଣୁଆ ନେତାମାନେ ରହିଥିଲେ। ଭକ୍ତଙ୍କ ଦାୟିତ୍ୱ ଗ୍ରହଣ ପରେ ଏମାନଙ୍କ ଭୂମିକା କ'ଣ ରହିବ ତାହା ଉପରେ ମଧ୍ୟ ରାଜନୈତିକ ସମୀକ୍ଷକମାନେ ନଜର ରଖିଛନ୍ତି। ସେହିପରି ତୃଣମୂଳସ୍ତରରେ ଅସଜଡ଼ା କଂଗ୍ରେସ ସଙ୍ଗଠନକୁ ସଜାଡ଼ିବା ମଧ୍ୟ ଭକ୍ତଙ୍କ ପାଇଁ ଆଉ ଏକ ବଡ଼ ଆହ୍ୱାନ ହେବ। ବୁଥ୍ ସ୍ତରରେ ଉଭୟ ବିଜେଡି ଓ ବିଜେପି ନିଜର ସ୍ଥିତି ମଜଭୁତ ରଖିଥିବା ବେଳେ ବିଭିନ୍ନ ଜିଲ୍ଲାରେ କଂଗ୍ରେସ ବୁଥସ୍ତରରେ ବହୁ ଦୁର୍ବଳ ରହିଛି। ଯାହାର ପରିଣାମ ଗତ ନିର୍ବାଚନଗୁଡ଼ିକରେ ଦେଖିବାକୁ ମିଳିଛି । ଏହାକୁ ସୁଦୃଢ଼ କରିବାରେ ଭକ୍ତ ଯେତେ ସଫଳ ହେବେ, ନିର୍ବାଚନରେ ତାହାର ପ୍ରଭାବ ସେତେ ଦେଖିବାକୁ ମିଳିବ।

ଅନ୍ୟପକ୍ଷରେ ରାଜ୍ୟରେ ୨୪ ବର୍ଷ ପରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ଅତୀତରେ କଂଗ୍ରେସର ପାରମ୍ପରିକ ଭୋଟରେ ଏକ ବଡ଼ ଅଂଶ ବିଜେଡି ଓ ବିଜେପିକୁ ଯାଇଛି । ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ବ୍ୟର୍ଥ ହୋଇଥିବା ରାଜ୍ୟ ସରକାରଙ୍କ ବିରୋଧରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି । ଶାସକ ଦଳଠାରୁ ଲୋକମାନେ ମୁହଁ ଫେରାଇବା ଆରମ୍ଭ କରିଛନ୍ତି । ତେଣୁ ଏହି ଭୋଟରମାନଙ୍କୁ କଂଗ୍ରେସ ମୁହାଁ କରିବା ପାଇଁ ଭକ୍ତ କି ଯୋଜନା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଓଡ଼ିଶାରେ କଂଗ୍ରେସର ଭୋଟ ହାର ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇବାରେ ଲାଗିଛି। ୧୯୯୫ରେ ଦଳ ୩୯.୦୧ ପ୍ରତିଶତ ଭୋଟ ସହିତ ୮୦ଟି ଆସନରେ ବିଜୟୀ ହୋଇ ରାଜ୍ୟରେ ସରକାର ଗଢିଥିଲା। ସେବେଠାରୁ ଦଳ ଆଉ ଶାସନକୁ ଫେରି ପାରିନାହିଁ। ୨୦୦୦ ନିର୍ବାଚନରେ କଂଗ୍ରେସର ଭୋଟ ହାର ସାମାନ୍ୟ ହ୍ରାସ ପାଇଁ ୩୩.୮ ପ୍ରତିଶତକୁ ଆସିଥିଲା ହେଲେ ଆସନ ସଂଖ୍ୟା ୨୬ରେ ସୀମିତ ରହିଥିଲା। ୨୦୦୪ରେ ଭୋଟ ହାର ୩୪.୮ ରହିଥିବା ବେଳେ ୨୦୦୯ରେ ୨୯ ପ୍ରତିଶତକୁ ଖସିଥିଲା। ୨୦୨୪ରେ ଏହା ୧୩.୨୬%କୁ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ଗତ ୫ ବର୍ଷ ମଧ୍ୟରେ କଂଗ୍ରେସ ଦଳ ଛାଡ଼ି ଅନ୍ୟଦଳକୁ ଯାଇଥିବା ନେତାମାନଙ୍କୁ ଫେରାଇ ଆଣି ପାରିଲେ ଦଳରେ ଭକ୍ତଙ୍କ ଗ୍ରହଣୀୟତା ବଢ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି ।

ଅନ୍ୟପଟେ ପିସିସି ସଭାପତି ପରିବର୍ତ୍ତନ ପରେ ଓଡ଼ିଶା କଂଗ୍ରେସକୁ ନୂଆ ପ୍ରଭାରୀ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ନିର୍ବାଚନ ପରେ ପିସିସି ପ୍ରଭାରୀ ନିଲମ୍ବନ କରିଥିବା କଂଗ୍ରେସ ନେତା ମାନସ ଚୌଧୁରୀଙ୍କ ଉପରୁ ଭକ୍ତ ଦାସ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ମାନସଙ୍କୁ ଦଳକୁ ଫେରାଇ ଆଣିଥିବାରୁ ପ୍ରଭାରୀ ପରିବର୍ତ୍ତନ ନେଇ ପରୋକ୍ଷରେ ଆଭାସ ମିଳିଛି। ଆସନ୍ତା ୧୮ ତାରିଖରେ ଭକ୍ତ ଦାସ ଓଡ଼ିଶା ଫେରିବେ। ତେଣୁ ବିମାନ ବନ୍ଦରରୁ ତାଙ୍କୁ କିପରି ବିରାଟ ପଟୁଆରରେ କଂଗ୍ରେସ ଭବନକୁ ନିଆଯିବ ସେଥିପାଇଁ ଦଳର ଯୁବ ଓ ଛାତ୍ର ଗୋଷ୍ଠୀ ସକ୍ରିୟ ହୋଇପଡ଼ିଛନ୍ତି।

ଚନ୍ଦନ ଧୂଆ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ବ୍ୟକ୍ତିଗତ ଆକ୍ରୋଶରୁ ହତ୍ୟା; ୧୧ ଗିରଫ

**ସୁନ୍ଦରଗଡ଼, ୧୩।୨ (ସମିସ):** ବିଜାଡିହି ଜଙ୍ଗଲରେ ଘଟିଥିବା ଚନ୍ଦନ ଧୂଆ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଏହି ଘଟଣାରେ ମୋଟ ୧୧ଜଣଙ୍କୁ ଗିରଫ କରିଛି ଧରୁଆଡିହି ଥାନା ପୁଲିସ୍। ବ୍ୟକ୍ତିଗତ ଆକ୍ରୋଶରୁ ସଂଘବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ, ବିବେକ କୁଅଁର (୧୯), ଅରୁଣ ନାଏକ (୨୪), ପ୍ରକାଶ ବେହେରା ଓରଫ ଅଠାବୁ (୨୪), ସରୋଜ ନାଏକ (୨୫), ଚନ୍ଦନ କୁଅଁର (୨୧), ହରେକୃଷ୍ଣ ପାତ୍ର ଓରଫ୍ କାହ୍ନା (୨୩), ରାଜା ଧୂଆ, ଜୀବନ ପ୍ରଧାନ (୨୩), କୁନା ପାତ୍ର ଓରଫ ମୁନା (୨୧) ଏବଂ ଦୁଇଜଣ ୧୭ ବର୍ଷୀୟ ନାବାଳକ। ଏମାନେ ସମସ୍ତେ ମୃତକ ଚନ୍ଦନଙ୍କ ନିଜ ଗ୍ରାମ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ତପଗୁଞ୍ଜା ଗ୍ରାମର। ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ଆଜି ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଚନ୍ଦନ ସମ୍ବଲପୁରରେ ଏକ ଟେଣ୍ଟ ହାଉସ୍‌ରେ କାମ କରୁଥିଲେ। ବିଭିନ୍ନ ସମୟରେ ସେ ସାଙ୍ଗସାଥୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରି ଆସୁଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଗତ ମାସ ୧୮ ତାରିଖରେ ଅଭିଯୁକ୍ତ ଅରୁଣ, ଚନ୍ଦନ ଓ ହରେକୃଷ୍ଣଙ୍କ ସହ ଚନ୍ଦନ ବାମରା ମକର ଯାତ୍ରା ଦେଖିବାକୁ ଘରୁ ବାହାରିଥିଲେ। ଅଭିଯୁକ୍ତମାନେ ଏହାକୁ ସୁଯୋଗ ଭାବି ମକର ଯାତ୍ରାରେ ହତ୍ୟା କରିବାକୁ ଯୋଜନା କରିଥିଲେ। ସମସ୍ତ ଅଭିଯୁକ୍ତ ସେଠାରେ ଏକତ୍ରିତ ହୋଇ ଚନ୍ଦନଙ୍କ ସହ ମଦ ପିଇଥିଲେ। ଚନ୍ଦନ ଅତ୍ୟଧିକ ମଦ ପିଇ ଟଳମଳ ହେବା ଦେଖି ଅଭିଯୁକ୍ତମାନେ ତାଙ୍କୁ ବିଜାଡିହି ଜଙ୍ଗଲକୁ ନେଇ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ମକର ଯାତ୍ରାରୁ କିଣିଥିବା ୭ଟି ଛୁରିରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଚନ୍ଦନଙ୍କ ମୃତ୍ୟୁ ହେବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ।

ଅପରପକ୍ଷେ, ଦୀର୍ଘ ସମୟ ଧରି ଚନ୍ଦନ ଘରକୁ ନ ଫେରିବାରୁ ପରିବାର ଲୋକେ ଲଇକେରା ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦ ତାରିଖରେ ଧରୁଆଡିହି ପୁଲିସ୍ ଜଙ୍ଗଲରୁ ଚନ୍ଦନଙ୍କ ମୃତଦେହ ଉଦ୍ଧାର କରିଥିଲେ ବି ଚିହ୍ନଟ କରିପାରିନଥିଲା। ତାଙ୍କ ଛାତିରେ କେବଳ ୧୫ଟି କ୍ଷତ ଚିହ୍ନ ସହ ବେକ, ମୁଣ୍ଡ ପଛ ପଟ ଆଦି ବିଭିନ୍ନ ସ୍ଥାନରେ ଅନେକ କ୍ଷତ ଚିହ୍ନ ରହିଥିଲା। ପରେ ଏହା ଚନ୍ଦନଙ୍କ ଶବ ବୋଲି ପରିବାରଲୋକେ ଚିହ୍ନଟ କରିବା ପରେ ପୁଲିସ୍ ତଦନ୍ତକୁ ଜୋରଦାର୍ କରିଥିଲା। ତାଙ୍କ ସହ ମକର ଯାତ୍ରା ଦେଖିବାକୁ ୩ ଅଭିଯୁକ୍ତଙ୍କ ସମ୍ପର୍କରେ ପରିବାରଲୋକ ପୁଲିସ୍‌କୁ ସୂଚନା ଦେଇଥିଲେ। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରିବାରେ ସେମାନେ ପୁଲିସକୁ ଭୁଆଁବୁଲାଇ ଚାଲିଥିଲେ। ଯାତ୍ରାରେ କିଛି ଅଚିହ୍ନା ଯୁବକଙ୍କ ସହ ଚନ୍ଦନଙ୍କ ଝଗଡ଼ା ହୋଇଥିଲା। ସେମାନେ ତାଙ୍କୁ ଅପହରଣ କରି ନେଇଥିଲେ ବୋଲି ସେମାନେ ପୁଲିସ୍‌କୁ କହିଥିଲେ। ତେବେ ଡିଏସ୍‌ପି ଅମୃତ ନନ୍ଦିନୀ ମହାନ୍ତି ଛାନଭିନ୍ କରି ଉକ୍ତ ଅପହରଣ ନାଟକର ଅନ୍ତ ଘଟାଇଥିଲେ।

## ପତ୍ନୀହନ୍ତାକୁ ଆଜୀବନ

**ବାଲେଶ୍ୱର,୧୩।୨(ସମିସ):** ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (୩) ସଞ୍ଜୀବ ରଞ୍ଜନ ସାମନ୍ତ ଆଜି ଜଣେ ପତ୍ନୀହନ୍ତାକୁ ଆଜୀବନ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେ ହେଲା, ବାଲେଶ୍ୱର ଜିଲ୍ଲା ରାଜବରହମପୁର ଥାନା ଅନ୍ତର୍ଗତ ଯମୁନା ଗ୍ରାମର ଅନ୍ତର୍ଯ୍ୟାମୀ କବାଟ। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାନୁଯାୟୀ, ଅନ୍ତର୍ଯ୍ୟାମୀ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ପୁରୁଣା ବାରିପଦାର ଅଜିତ ମଲିକଙ୍କ ଝିଅ ପାର୍ବତୀଙ୍କୁ ବିବାହ କରିଥିଲା। ବିବାହ ପରେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଶାଶୂଘର ଲୋକ ପାର୍ବତୀଙ୍କ ଉପରେ ଚାପ ପକାଇ ଆସୁଥିଲେ। କିନ୍ତୁ ଏଥିରେ ରାଜି ନ ହେବାରୁ ସେମାନେ ପାର୍ବତୀଙ୍କୁ ନାନା ନିର୍ଯାତନା ଦେଉଥିଲେ। ୨୦୨୦ ଅକ୍ଟୋବର ୯ରେ ଏହି କଥାକୁ କେନ୍ଦ୍ର କରି ଶାଶୂଘର ଲୋକେ ପାର୍ବତୀଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲା। ତେବେ ଏହି ମାମଲାରେ ଶାଶୂ ପୁନିମଣି କବାଟ ଏବଂ ଶଶୁର ବୀରେନ୍ଦ୍ର କବାଟଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପ୍ରହଲ୍ଲାଦ ପତି ପରିଚାଳନା କରୁଥିଲେ।

# ବିଧାନସଭା ଆଗରେ ମିଶନଶକ୍ତି ମହିଳାଙ୍କ ରଣହୁଙ୍କାର



**ଭୁବନେଶ୍ୱର,୧୩।୨(ସମିସ):** ସ୍ଥାୟୀ ନିଯୁକ୍ତି ଦାବିରେ ଆଜି ବିଧାନସଭା ସମ୍ମୁଖରେ ହଜାର ହଜାର ମିଶନ ଶକ୍ତି ମହିଳା ରଣହୁଙ୍କାର ଦେଇଛନ୍ତି। ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତି ଅଧୀନରେ କାର୍ଯ୍ୟରତ ଇସି ସଦସ୍ୟମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଛନ୍ତି। ରିଷ୍ଟ୍ରକଚରିଂ ବ୍ୟବସ୍ଥା ବନ୍ଦ କରିବା ସହ ସ୍ଥାୟୀ ନିଯୁକ୍ତି କରିବା ପାଇଁ ସେମାନେ ଦାବି କରିଥିଲେ। ଏହାସହ ବକେୟା ଭତ୍ତା ପ୍ରଦାନ, ମିଶନଶକ୍ତି ଏବଂ ଜୀବିକା ମିଶନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୫ ବର୍ଷିଆ ଚୁକ୍ତି ବାତିଲ କରି ସ୍ଥାୟୀ କରିବା, ମିଶନ ଶକ୍ତି ବିଭାଗ ରାଜ୍ୟର ସମସ୍ତ ମହିଳାଙ୍କ ଜୀବିକା ଅର୍ଜନର ରାହାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବା, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟମାନଙ୍କୁ ମାସିକ ଏକ ହଜାର ଟଙ୍କା ହାରରେ ମହିଳା ସଶକ୍ତୀକରଣ ଭତ୍ତା ପ୍ରଦାନ କରିବାକୁ ମହିଳାମାନେ ଦାବି କରିଥିଲେ। ପୂର୍ବ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନର ବିଜେପି ସରକାର ଏହାକୁ କାହିଁକି ବନ୍ଦ କରିବା ପାଇଁ ଚାହୁଁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ।

## ଭିଜିଲାନ୍ସ ଜାଲରେ କୋଟିପତି ଏଡିଇଓ

**ଜୟପୁର/କୋଟପାଡ଼/ବୋରିଗୁମ୍ମା,୧୩।୨(ସମିସ):** ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଜୟପୁର ଭିଜିଲାନ୍ସ ଆଜି କୋଟପାଡ଼ ବ୍ଲକ ବଟାସନା ପଞ୍ଚାୟତର ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ) ପାର୍ଥସାରଥୀ ବିଶୋୟୀଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ବୋରିଗୁମ୍ମା ସହର ପାଇଲୁ ସାହିରେ ତାଙ୍କର ତିନି ମହଲା ବିଶିଷ୍ଟ ଗୋଟିଏ ଘର, ପତ୍ନୀଙ୍କ ନାମରେ କାଜୁ ପ୍ରକ୍ରିୟାକରଣ ଗୋଟିଏ କାରଖାନା, ନବରଙ୍ଗପୁର ସହର ଓ ବୋରିଗୁମ୍ମାରେ ଏକାଧିକ ପ୍ଲଟ୍ ରହିଛି। ସେହିପରି ତାଙ୍କ ବାସଭବନରୁ ନଗଦ



୨ଲକ୍ଷ ୪୫ ହଜାର ଟଙ୍କା ସମେତ ୨୮୫ ଗ୍ରାମ ସୁନା ଅଳଙ୍କାର, ୭୦୬ ଗ୍ରାମର ରୁପା ସାମଗ୍ରୀ, ଦୁଇଟି ସିମେଣ୍ଟ କଂକ୍ରିଟ ମିକ୍ସଚର ମେସିନ, ୨ଟି ଧାନ କଟା ମେସିନ, ୩ଟି ଟ୍ରାକ୍ଟର ଠାବ ହୋଇଛି। ତେବେ ଏ ସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ଭିଜିଲାନ୍ସକୁ ଉତ୍ତର ଦେଇନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ଆଜିର ଏହି ଚଢ଼ଉରେ ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ବାର୍‌ହା ଫାଶରେ ପଡ଼ି ବୃଦ୍ଧ ମୃତ

**ଖପ୍ରାଖୋଲ, ୧୩।୨(ସମିସ):** ବାର୍‌ହା ଫାଶରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହେବା ଆଜି ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ପୁଟୁକେଲଚୁଆଁ ଗାଁରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମୃତକ ହେଲେ, ଗ୍ରାମର ଭୁବନେଶ୍ୱର କୁଅଁର (୫୫)। ଭୁବନେଶ୍ୱର ଆଜି ସକାଳେ ଶୌଚ ପାଇଁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଏନେଇ ପରିବାରଲୋକ ଲାଠୋର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ପୁଲିସ୍ ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ମଧ୍ୟ ଜବତ କରିଥିବା ଥାନାଧିକାରୀ ରାକେଶ ବେହେରା କହିଛନ୍ତି।

# ଶିକ୍ଷକଙ୍କୁ ସରକାରଙ୍କ ଡର

ଆନ୍ଦୋଳନ ଅନୁମତି ନାକଚ

**ଭୁବନେଶ୍ୱର,୧୩।୨(ସମିସ):** ଶିକ୍ଷକ ଆନ୍ଦୋଳନ ପାଇଁ ଅନୁମତି ଦେଲେନି ସରକାର। ଆସନ୍ତାକାଲି ଅର୍ଥାତ ଶୁକ୍ରବାର ପ୍ରାଥମିକ ଶିକ୍ଷକମାନେ ମିଳିତ ଭାବେ ଆନ୍ଦୋଳନ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ଏହାର କିଛି ଘଣ୍ଟା ପୂର୍ବରୁ ଅର୍ଥାତ ଗୁରୁବାର ଅନୁମତି ମିଳିନି। ଧାରଣାସ୍ଥଳରେ ଜାଗା ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ବିର୍ଷିକ ପରୀକ୍ଷା ଚାଲୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି ଦୁଇଟି କାରଣ ଦର୍ଶାଇ ଅନୁମତିପତ୍ରକୁ ନାକଚ କରାଯାଇଛି।

ସୂଚନା ଅନୁଯାୟୀ, ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଓ ସରକାରୀ ପ୍ରାଥମିକ (ଲେଭେଲ-୫) ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବିରେ ଧାରଣା ଦେବାକୁ ଅନୁମତି ପାଇଁ ଆବେଦନ କରାଯାଇଥିଲା। ଉଭୟ ସଂଘର ପ୍ରାୟ ୨ ହଜାର ଲେଖାଏଁ ସଦସ୍ୟ ଆନ୍ଦୋଳନ କରିବାକୁ ଗତ ୫ ତାରିଖରୁ ଅନୁମତି ମାଗିଥିଲେ। ଅନୁମତି ମିଳି ନଥିବାରୁ ଶିକ୍ଷକମାନେ ସରକାରଙ୍କ ଉପରେ ଖପ୍ପା ହୋଇଛନ୍ତି। ଲୋକଙ୍କ ସରକାର ବୋଲି କହୁଥିବା ବେଳେ ଶିକ୍ଷକମାନଙ୍କୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଭାବେ ଆନ୍ଦୋଳନରୁ ଦୂରେଇ ରଖିବାକୁ ପ୍ରୟାସ କରିଥିବା ଅଭିଯୋଗ କରିଛନ୍ତି।

ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବ୍ଲକ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଧାରଣା ଦେବେ। ବିରୋଧୀ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଅବଗତ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେବେଠାରୁ ବ୍ଲକ୍ ଓ ଜିଲ୍ଲା ସ୍ତରରେ ଆନ୍ଦୋଳନ ଆରମ୍ଭ ହେବ, ସେନେଇ ଆସନ୍ତାକାଲି ବୈଠକ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୧୬ ତାରିଖରେ ମଧ୍ୟ ଏକାଧିକ ଶିକ୍ଷକ ସଂଗଠନ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ମଧ୍ୟ ଅନୁମତି ପାଇଁ ଆବେଦନ କରିଥିବାବେଳେ ଏଯାଏଁ ଅନୁମତି ମିଳି ନଥିବା ଜଣାପଡ଼ିଛି।

## ଟ୍ରକ୍ ପଛକୁ ପିଟିଲା ଆମ୍ବୁଲାନ୍ସ; ଗଂଜାମର ୨ ମୃତ

**ଯାଁଳା,୧୩।୨(ସମିସ):** ଇନ୍‌ଫୋସିଟି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ତଳଖେତା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗଞ୍ଜାମରୁ ଦୁର୍ଘଟଣାଗ୍ରସ୍ତ ଜଣେ ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ଗ୍ୟାସ୍ ଟ୍ରକ୍ ପଛରେ ଧକ୍କା ଦେବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ବଡ଼ମହୁରୀ ବାହିଲୋପଲ୍ଲିର କାଶୀ ସ୍ୱାଇଁ (୬୯) ଓ ଆକାଶ ବିଶୋଇ। ଆହତମାନେ ହେଲେ, ଆମ୍ବୁଲାନ୍ସ ଚାଳକଙ୍କ ସମେତ ଦିଲ୍ଲୀପ ସ୍ୱାଇଁ ଓ ଶିବ ପ୍ରସାଦ ବିଶୋଇ।

ସୂଚନା ଅନୁସାରେ, ବୁଧବାର ଗଞ୍ଜାମ ଦୁଡ଼ାମ୍ବଠାରେ କାଶୀ ସ୍ୱାଇଁ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଏକ ଆମ୍ବୁଲାନ୍ସ ଯୋଗେ କାଶୀଙ୍କୁ ତାଙ୍କ ସମ୍ପର୍କୀୟମାନେ ଭୁବନେଶ୍ୱର ନେଇ ଆସୁଥିଲେ। ଭୋର୍ ୪ଟା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ପଛରେ ଆମ୍ବୁଲାନ୍ସଟି ଗଙ୍ଗପଡ଼ା ପେଟ୍ରୋଲ ପମ୍ପ୍ ନିକଟରେ ଧକ୍କା ଦେଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଦେଖିବା ବେଳକୁ ଆମ୍ବୁଲାନ୍ସ ଚାଳକ ଓ ଆଗରେ ବସିଥିବା ଆକାଶ ବିଶୋଇ ଗାଡ଼ିରେ ଚାପି ହୋଇ ରହିଥିଲେ। କାଶୀ, ଦିଲ୍ଲୀପ ଓ ଶିବ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଗୁରୁତର ୫ ଜଣଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେଠାରେ କାଶୀ ଓ ଆକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

■ କୁମ୍ଭମେଳା ଯାଉଥିବା ବସ୍ ବିହାରରେ ଦୁର୍ଘଟଣାଗ୍ରସ୍ତ

## ବାଲେଶ୍ୱରର ୩୮ ଯାତ୍ରୀ ଆହତ

**ବାଲେଶ୍ୱର(ଉତ୍ତର)/ଭୋଗରାଇ,୧୩।୨(ସମିସ):** ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ଶ୍ରୀରାମଜୀ ନାମକ ଏକ ଘରୋଇ ବସ୍‌ରେ ୭୦ଜଣ ଯାତ୍ରୀ ପ୍ରୟାଗରାଜ ମହାକୁମ୍ଭ ମେଳାକୁ ବୁଡ଼ ପକାଇବା ପାଇଁ ଯାଉଥିବା ବେଳେ ଆଜି ଭୋର୍‌ରେ ବିହାର ରାଜ୍ୟ କାଇମୁର ଜିଲ୍ଲା ମୋହନିଆଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘନ କୁହୁଡ଼ି ଯୋଗୁଁ ରାସ୍ତାରେ ଯାଉଥିବା ଏକ ଟ୍ରେଲର ସହ ବସ୍‌ଟି ଧକ୍କା ହୋଇଥିଲା। ଏଥିରେ ବସ୍‌ରେ ଥିବା



୩୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ, ଭୋଗରାଇ ବ୍ଲକ୍ ନଗୁଆଁ ଗ୍ରାମର ରାଜକିଶୋର ସାହୁ, କୁକୁଡ଼ିଆ ଗାଁର ସୁବାସ ବେହେରା ଏବଂ ଫୁଲବଣୀ ଗାଁର ବାପି ସାସମଲ। ସମସ୍ତଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

■ ସମବାୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷଙ୍କ ନିଲମ୍ବନ ପ୍ରସଙ୍ଗ

# ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୩।୨(ସମିସ):** ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷଙ୍କ ନିଲମ୍ବନକୁ ଚାଲେଞ୍ଜ କରି ଦାୟର ମାମଲାରେ ଜଣକିଆ ବିଚାରପତିଙ୍କ ରାୟକୁ ବିରୋଧ କରି ହାଇକୋର୍ଟରେ ରିଟ ଆବେଦନ ଦାୟର ହୋଇଛି। ହାଇକୋର୍ଟ ଏହାକୁ ବିଚାର ପାଇଁ ଗ୍ରହଣ କରିବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱରଂଜନ ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣକିଆ ବିଚାରପତିଙ୍କ ନିର୍ଦ୍ଦେଶ ଆସିବା ପରେ ଗତ ଫେବୃଆରୀ ୫ତାରିଖରେ ନିଗମର ଜେନେରାଲ ମ୍ୟାନେଜର (ମହାପ୍ରବନ୍ଧକ)ଙ୍କ ତରଫରୁ ରାଜ୍ୟ ସମବାୟ ନିର୍ବାଚନ କମିସନଙ୍କୁ ଅଧ୍ୟକ୍ଷ ନିର୍ବାଚନ କରାଇବା ପାଇଁ ଚିଠି ଲେଖାଯାଇଥିବା ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଆବେଦନକାରୀ ଅବଗତ କରାଇଥିଲେ। ଏଣୁ ହାଇକୋର୍ଟ ଏହି ପ୍ରସଙ୍ଗରେ ସ୍ଥିତାବସ୍ଥା ଜାରି ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ପ୍ରାଥମିକ ସମିତି ତଥା କ୍ୟାପିଟାଲ ସମବାୟ ଗୃହନିର୍ମାଣ ସମିତିର ସଭାପତି ଭାବେ ଆବେଦନକାରୀ ନିର୍ବାଚିତ ହୋଇଥିଲେ। ପରେ ସେ ସର୍ବୋଚ୍ଚ ସମିତି ତଥା ଓଡ଼ିଶା ସମବାୟ ଗୃହନିର୍ମାଣ ନିଗମର ଅଧ୍ୟକ୍ଷ ନିର୍ବାଚିତ ମଧ୍ୟ ହୋଇଥିଲେ। ଗତ ୨୦୨୪, ଜୁଲାଇ ୩୧ରେ ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ପଦରୁ ଆବେଦନକାରୀଙ୍କୁ ନିଲମ୍ବନ କରାଯାଇଥିଲା। ଏନେଇ କୋ-ଅପରେଟିଭ୍ ସୋସାଇଟିଜ୍ ରେଜିଷ୍ଟ୍ରାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିସହ ନିଗମର ପରିଚାଳନା କମିଟିକୁ ମଧ୍ୟ ଏହି ସମାନ ନିର୍ଦ୍ଦେଶରେ ନିଲମ୍ବନ କରାଯାଇଥିଲା। ଆଇନ ଉଲ୍ଲଂଘନ କରି ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି ଦର୍ଶାଇ ଶ୍ରୀ ମହାନ୍ତି ହାଇକୋର୍ଟରେ ମାମଲା ଦାୟର କରିଥିଲେ।

ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା

# 'ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଆଦିବାସୀଙ୍କୁ ନିର୍ଯାତନା ଓଡ଼ିଶାକୁ ଅପମାନ'

ପୀଡ଼ିତାଙ୍କ ପରିବାରକୁ ଭେଟିଲେ ମହିଳା ବିଜେଡି ପ୍ରତିନିଧି

**କୋରାପୁଟ/ଲକ୍ଷ୍ମୀପୁର,୧୩।୨(ସମିସ):** ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ଆଦିବାସୀଙ୍କ ପ୍ରତି ନିର୍ଯାତନା ବଢ଼ିବା ଆମ ରାଜ୍ୟ ପାଇଁ ଘୋର ଅପମାନ। ରାଜ୍ୟରେ ପ୍ରତିଦିନ ଆଦିବାସୀ ଝିଅ ନିର୍ଯାତିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥାଇ ମଧ୍ୟ କାହିଁକି ଏମିତି ଘଟଣା ବାରମ୍ବାର ଘଟୁଛି? ମହିଳା ବିଜେଡିର ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଆଜି କୋରାପୁଟ ଲକ୍ଷ୍ମୀପୁରରୁ ରାଜ୍ୟ ସରକାରଙ୍କ ବିରୋଧରେ ଏଭଳି ବର୍ଷିଛନ୍ତି। ଲକ୍ଷ୍ମୀପୁର ଗଣଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଶ୍ରୀମତୀ ଛୁରିଆଙ୍କ ନେତୃତ୍ୱରେ ୭ଜଣିଆ ପ୍ରତିନିଧି ଦଳ ସେଠାକୁ ଯାଇଥିବା ବେଳେ ରାଜ୍ୟ ସରକାରଙ୍କ ବିରୋଧରେ ଏଭଳି ବିଷୋଦ୍‌ଗାର କରିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।



ଏହି ପ୍ରତିନିଧିଦଳ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ କେଉଁ ପରିସ୍ଥିତିରେ ଏଭଳି ଅମାନବୀୟ ଘଟଣା ଘଟିଲା, ସେ ସଂପର୍କରେ ଆଲୋଚନା କରିଥିଲେ। ପରେ ସେମାନେ କୋରାପୁଟଠାରେ ଅତିରିକ୍ତ ଏସ୍‌ପି ମନୋଜ ପୂଜାରୀଙ୍କୁ ଭେଟି ପୀଡ଼ିତାଙ୍କୁ ଶୀଘ୍ର ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ଶ୍ରୀମତୀ ଛୁରିଆ ମୋହନ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ପୀଡ଼ିତାଙ୍କ ପରିବାରକୁ ରାଜ୍ୟ ସରକାର କ'ଣ କ୍ଷତିପୂରଣ ଦେବେ, କାହିଁକି ଏପର୍ଯ୍ୟନ୍ତ କହିନାହାନ୍ତି ସେ ବୋଲି ପ୍ରଶ୍ନ କରିଥିଲେ। ଏହି ଲଜ୍ଜାଜନକ ଘଟଣାରେ ପୁଲିସ୍ ମାତ୍ର ୪ଜଣ ଅଭିଯୁକ୍ତଙ୍କୁ ଜେଲ ପଠାଇ ଚୁପ୍ ବସିଛି। କିନ୍ତୁ ଏଥିରେ ଆହୁରି ଏକାଧିକ ବ୍ୟକ୍ତି ସାମିଲ ଅଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ, ପୀଡ଼ିତାଙ୍କ ପରିବାରକୁ ସରକାର କି' ସୁରକ୍ଷା ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ, ଏଭଳି ଏକ ସ୍ପର୍ଶକାତର ଘଟଣାରେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଂପୃକ୍ତ ପୀଡ଼ିତା ପ୍ରତି ଟିକିଏ ସମବେଦନା ମଧ୍ୟ ଜଣାଇନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ।

ଏହି ପ୍ରତିନିଧି ଦଳରେ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଭୁ ଜାନିଙ୍କ ଉପସ୍ଥିତିରେ ଶ୍ରୀମତି ଛୁରିଆଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିଜେଡ଼ି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ବିଜେଡି ନେତ୍ରୀ କୌଶଲ୍ୟା ହିକକା, ଅନସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

ସକାଳ THE SAKALA



■ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା

# ମାଟ୍ରିକ୍ ପରୀକ୍ଷା ଦେବେ ଶେରଗଡ଼ ବ୍ଲକର ୧୬୩୪ ଛାତ୍ରଛାତ୍ରୀ

ଶେରଗଡ଼,୧୩।୨(ସମିସ): ଶେରଗଡ଼ ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଲାଗି ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ବ୍ଲକର ୮ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୬୩୪। ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି। ପରୀକ୍ଷାର୍ଥୀଙ୍କ ପାଇଁ ମୋଟ ୮ଟି ପରୀକ୍ଷା କେନ୍ଦ୍ର ସ୍ଥିର କରାଯାଇଛି। ପରୀକ୍ଷା ପ୍ରଶ୍ନ ପତ୍ର ରଖିବା ପାଇଁ ଶେରଗଡ ବ୍ଲକରେ ଗୋଟିଏ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ପ୍ରଶ୍ନ ପତ୍ର ପହଞ୍ଚାଇବା ଲାଗି ଟିମ ପ୍ରସ୍ତୁତ କରାଯାଇଛି। ସେହିପରି ପରିଚାଳନା ଓ ତଦାରଖ କରିବା ଲାଗି ଟିମ ଗଠନ କରାଯାଇଛି। ପରୀକ୍ଷା ଦେବାକୁ ଥିବା ମୋଟ ୧୬୩୪ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଶେରଗଡରେ ୨୭୬, ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡରେ ୨୩୬, କରଡାକଣା ଉଚ୍ଚ ବିଦ୍ୟାଳୟରେ ୨୩୭, ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ୨୪୧, ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୫୬, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ୧୬୧, ପିଉଳ ବାଳକ ଉଚ୍ଚ ବିଦ୍ୟାଳୟରେ ୧୭୦ ଏବଂ କୁରୁଳା ଉଚ୍ଚ ବିଦ୍ୟାଳୟରେ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠି ସୂଚନା ଦେଇଛନ୍ତି। ପରୀକ୍ଷାର ସୁପରିଚାଳନା ଲାଗି ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର ଭାବେ ଚୟନ କରାଯାଇଛି।

■ ଆସିକା ବ୍ଲକରେ ବଢୁଛି ଲିଙ୍ଗଗତ ତାରତମ୍ୟ

# ହଜାରେ ପୁଅରେ ୧୦୧୨ ଝିଅ

ଆସିକା,୧୪।୨(ସମିସ): ଆସିକା ବ୍ଲକ ଇଲାକାରେ ଗତ ଏକ ବର୍ଷ ମଧ୍ୟରେ ଜନ୍ମ ହୋଇଥିବା ଶିଶୁ କନ୍ୟା ଓ ଶିଶୁ ପୁତ୍ରଙ୍କ ଅନୁପାତରେ ଝିଅଙ୍କ ସଂଖ୍ୟାରେ ବୃଦ୍ଧି ହୋଇଛି। ଗଞ୍ଜାମ ଜିଲାପାଳଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ ଲିଙ୍ଗ ନିରୂପଣ ଉପରେ ଦୃଷ୍ଟି ଦେଇଥିବା ସହିତ ସ୍ୱତନ୍ତ୍ର ଯୋଜନା ନିରୀକ୍ଷଣରେ ଗର୍ଭବତୀଙ୍କ ତିନିଥର ଅଲଟ୍ରାସାଉଣ୍ଡ ନିକଟସ୍ଥ ସରକାରୀ ଓ ବେସରକାରୀ କେନ୍ଦ୍ରରେ କରାଯାଇଛି। ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ବିପିଏମ ସାଗରିକା ମିଶ୍ର ଓ ଅଧୀକ୍ଷକ ମଧୁସୂଦନ ବାରିକଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀଙ୍କ ଜରିଆରେ ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୁଣ ହତ୍ୟା ବନ୍ଦ ପାଇଁ ସଚେତନ କାର୍ଯ୍ୟ ଜାରି ରହିଛି। ଗୁରୁବାର ଜିଲାପାଳଙ୍କ ବୈଠକରେ ଆୟୋଜିତ ସମୀକ୍ଷା ବୈଠକରେ ଆସିକା ବ୍ଲକରେ ଶିଶୁକନ୍ୟାଙ୍କ ସଂଖ୍ୟା ବୃଦ୍ଧି ପାଇଁ ପୁରସ୍କୃତ ହୋଇଛି। ବିପିଏମ ସାଗରିକା ମିଶ୍ର ଓ ଅଧୀକ୍ଷକ ମଧୁସୂଦନ ବାରିକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ସିଡିଏମଓ ଡା ବିଜୟ କୁମାର ପଣ୍ଡାଙ୍କ ଠାରୁ ସିଲ ଓ ମାନପତ୍ର ଗ୍ରହଣ କରିଛନ୍ତି। ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଦିଲ୍ଲୀପ କୁମାର ପଣ୍ଡା ଶକ୍ତି କୁମାର ଦିଗାଲଙ୍କ ସହିତ ସ୍ୱାସ୍ଥ୍ୟ ଶିକ୍ଷା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ସିଟି ମହାବିଦ୍ୟାଳୟର ସମ୍ବର୍ଦ୍ଧନା ଉତ୍ସବ




ବ୍ରହ୍ମପୁର,୧୩।୨(ସମିସ): ଆମ୍ବପୁଆ ସ୍ଥିତ ସିଟି କଲେଜରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ.ଅନୀତା କୁମାରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗଦେଇ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ୩(ଓଡ଼ିଶା) ମେଡିକାଲ୍ ଏନସିସିର ଅଫିସର କମାଣ୍ଡିଙ୍ଗ ଲେଫ୍‌ନାଣ୍ଟ କର୍ଣ୍ଣେଲ ଡ. ତାପସ ରଂଜନ ବିଷୋୟୀ ଯୋଗଦେଇ କ୍ୟାଡେଟ୍‌ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରୁ ତିନିଜଣ ଛାତ୍ର ସାଧାରଣତନ୍ତ୍ର ଦିବସ ୨୦୨୫ରେ ଭାଗନେଇ ଦିଲ୍ଲୀରୁ ଫେରିବା ପରେ ସିନିଅର ଅଣ୍ଡର ଅଫିସର କମଲକାନ୍ତ ମହାପାତ୍ର, ଜୁନିଅର ଅଣ୍ଡର ଅଫିସର ଆଶିଷ ରଞ୍ଜନ ପରିଡା ଓ କର୍ପୋରାଲ୍ ଶୁଭମ୍ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ଏନସିସି ଅଫିସର ଲେଫ୍‌ନାଣ୍ଟ ମେଘନାଦ ପ୍ରଧାନ ରାଜ୍ୟସ୍ତରରେ ଶ୍ରେଷ୍ଠ ଏନସିସି ଅଫିସର୨୦୨୪-୨୫ ଭାବେ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଛାତ୍ରୀ ତଥା ଏନ୍.ସି.ସି କ୍ୟାଡେଟ ଜୁଲିକା ପ୍ରିୟଦର୍ଶନୀ ସେଠୀ ଏବଂ ସର୍ମିଷ୍ଠା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଓ ଶିଶୁ ବିଭାଗର ସମୀକ୍ଷା ବୈଠକ



ଛତ୍ରପୁର,୧୩।୨(ସମିସ): ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ମହିଳା ଏବଂ ଶିଶୁ ବିଭାଗର ମିଳିତ ଯୋଜନା ଗୁଡିକ ସଠିକ କାର୍ଯ୍ୟକାରୀକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଯୋଜନ ମାତୃ ନବଜାତ ଶିଶୁ ଏବଂ କିଶୋରୀ ସ୍ୱାସ୍ଥ୍ୟ ଓ ପୋଷଣ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲ। ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରି ସମସ୍ତ ବିଷୟରେ ସମୀକ୍ଷା କରିଥିଲେ। ଗାଁ କଲ୍ୟାଣ ସମିତି ସଠିକ ପରିଚାଳନା ହେଉଛି କି ନାହିଁ, ରକ୍ତ ହିନତା ଦୂରିକରଣ ନିମନ୍ତେ ଶିଶୁ ଓ କିଶୋରୀ ମାନଙ୍କ ଠାରୁ ଆରମ୍ଭ କରି ଗର୍ଭବତୀଙ୍କୁ ଶତପ୍ରତିଶତ ଆଇରନ ବଟିକା ମିଳୁଛି କି ନାହିଁ ଏବଂ ଗର୍ଭବତୀ ମହିଳା ମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି କି ନାହିଁ ଏହାର ଆଲୋଚନା କରାଯାଇଥିଲ। ସମସ୍ତ କାର୍ଯ୍ୟ ଗୁଡିକ ଶତପ୍ରତିଶତ କରିବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା, ଡାକ୍ତର ଭି.ସରୋଜିନୀ ଦେବୀ, ଡିପିଏମ ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲ୍ଲା ମାତୃ ଓ ଶିଶିର ଶକ୍ତି ଦିଗାଲଙ୍କ ସମେତ ସମସ୍ତ ବିଇଓ, ସିଡିପିଓ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଗଞ୍ଜାମ ସିନିଅର ଅନ୍ତଃକ୍ଲବ ସୁପର ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# 'ଅକ୍ସଫୋର୍ଡ କ୍ଲବ୍' ଓ 'ଅବଶିଷ୍ଟ ଗଞ୍ଜାମ-ବି' ବିଜୟୀ

ବ୍ରହ୍ମପୁର,୧୩।୨(ସମିସ):





ଓସିଏ ପକ୍ଷରୁ ଗଞ୍ଜାମ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗଞ୍ଜାମ ସିନିଅର ଅନ୍ତଃକ୍ଲବ ସୁପର ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୧ଶ ତଥା ଅନ୍ତିମ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହାତ୍ମାଗାନ୍ଧୀ

■ 'ସଂଗ୍ରାମ' ଓ 'ଶିବୁନ' ମ୍ୟାନ ଅଫ ଦ ମ୍ୟାଚ ବିବେଚିତ

■ କଳାହାଣ୍ଡି କପ୍ ପାଇଁ ୩୦ ଖେଳାଳି ବିଶିଷ୍ଟ କ୍ୟାମ୍ପରୁ ଚୟନ ହେବ ଗଞ୍ଜାମ ଦଳ

ଷ୍ଟାଡିୟମରେ 'ଅକ୍ସଫୋର୍ଡ କ୍ରିକେଟ କ୍ଲବ' ବନାମ 'ଅବଶିଷ୍ଟ ଗଞ୍ଜାମ-ଏ' ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଅକ୍ସଫୋର୍ଡ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୨ଓଭର ଖେଳି ୯ୱିକେଟ ବିନିମୟରେ ମୋଟ ୨୩୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ୟାମସୁନ୍ଦର ନାୟକ ବ୍ୟକ୍ତିଗତ ସର୍ବାଧିକ ୪୭, କେ. ରୋହିତ କୁମାର ୫୭ ଓ ରୋହିତ କୁଣ୍ଡୁ ୪୫ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଭିଶାଲ କପାଳ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିବା ବେଳେ ମନୋଜ ଦାଶ ୩ଟି ୱିକେଟ ଅକ୍ତିଆର କରିଥିଲେ। ୨୩୪ ରନର ପିଛା କରି ଦ୍ୱିତୀୟରେ ବ୍ୟାଟିଂ କରିଥିବା 'ଅବଶିଷ୍ଟ ଗଞ୍ଜାମ-ଏ' ଦଳ ୧୩.୩ଓଭରରେ ମାତ୍ର ୩୯ରନ୍ ସଂଗ୍ରହ କରି ଦଳର ୮ଟି ୱିକେଟ ହରାଇ ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ଭିଶାଲ କପାଳ ସର୍ବାଧିକ ୧୪ରନ୍ ସଂଗ୍ରହ କରିଥିଲେ। ମ୍ୟାଚକୁ ଅକ୍ସଫୋର୍ଡ ଦଳ୧୯୪ରନ୍‌ରେ ଏକ ସହଜସାଧ ବିଜୟ ହାସଲ କରିଥିଲା। ବିଜୟୀ ଅକ୍ସଫୋର୍ଡ ଦଳ ପକ୍ଷରୁ ସଂଗ୍ରାମ ବାଡତ୍ୟା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ସେହିଭଳି ଦଳ ପକ୍ଷରୁ ସୁବ୍ରତ ପଟ୍ଟନାୟକ ଓ ସୁରଜ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ବିଜୟୀ ଅକ୍ସଫୋର୍ଡ କ୍ଲବର ସଂଗ୍ରାମ ବାଡତ୍ୟାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇ ପୁରସ୍କୃତ କରାଯାଇଥିଲା। ଯଶବିନ୍ଦର ସିଂ ଓ ସୁଶାନ୍ତ ପଣ୍ଡା ଅମ୍ପାୟର ଭାବେ ଏବଂ ଏମ. ନବୀନ କୁମାର ସ୍କୋରର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିଭଳି ଆଙ୍କୁଶପୁର ସ୍ଥିତ ଏସଏମଆଇଟି ଖେଳପଡିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ 'ଲିଡ୍ସ ସ୍ପୋର୍ଟିଂ କ୍ଲବ' ଓ 'ଅବଶିଷ୍ଟ ଗଞ୍ଜାମ-ବି' ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଅବଶିଷ୍ଟ ଗଞ୍ଜାମ-ବି ଦଳ ପ୍ରଥମେ ବ୍ୟାଟିଂ କରି ୪୫.୨ଓଭର ଖେଳି ସମୁଦାୟ୨୧୫ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କେଦାର ପାତ୍ର ସର୍ବାଧିକ ବ୍ୟକ୍ତିଗତ ୪୦ରନ୍ ସଂଗ୍ରହ କରିଥିବା ବେଳେ ବାସୁଦେବ ସାହୁ ୨୯ ଓ ଅବିନାଶ ମହାରଣା ୨୮ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଲିଡ୍ସ ସ୍ପୋର୍ଟିଂ କ୍ଲବ ଅଂଶୁମାନ ସାମନ୍ତ ୯ଓଭର ବୋଲିଂ କରି ୪୪ରନ୍ ବିନିମୟରେ ବ୍ୟକ୍ତିଗତ ୫ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ଲିଡ୍ସ ଦଳ ୩୮.୨ଓଭର ଖେଳି ୧୬୦ରନ୍ ସଂଗ୍ରହ କରି ଦଳର ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ସାମନ୍ତ ବ୍ୟକ୍ତିଗତ ସର୍ବାଧିକ ୬୦ରନ୍ ସଂଗ୍ରହ କରିଥିଲେ। ସେହିଭଳି ସୁରଜ ପାହାନ ଓ ଚିନ୍ମୟ ନାୟକ ଉଭୟେ ବ୍ୟକ୍ତିଗତ ୨୦ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ 'ଅବଶିଷ୍ଟ ଗଞ୍ଜାମ-ବି' ଦଳର ବୋଲର ଖାଜା ମୁଜାଫର, ଚନ୍ଦନ ଗୌଡ ଓ ପି. ଆନନ୍ଦ ରାଓ ପ୍ରତ୍ୟେକେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିଜୟୀ 'ଅବଶିଷ୍ଟ ଗଞ୍ଜାମ-ବି' ଦଳ ମବ୍ୟାଚକୁ ୫୫ରନ୍‌ରେ ବିଜୟୀ ହୋଇଥିବା ବେଳେ ଦଳର ଶିବୁନ ନନ୍ଦଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଡି. ରଜନୀକାନ୍ତ ରେଡ୍ଡୀ ଓ ଅବଦୁଲ ରହିମ ଖାନ ଅମ୍ପାୟର ଭାବେ ଏବଂ ସତ୍ୟ ନାରାୟଣ ପରିଡା ସ୍କୋରର ଭାବେ ମ୍ୟାଚ ପରିଚାଳନା କରିଥିଲେ। ଏଥି ସହିତ ଅନ୍ତଃକ୍ଲବ ସୁପର ସିରିଜର ଲିଗ ପର୍ଯ୍ୟାୟ ଖେଳ ଶେଷ ହୋଇଯାଇଛି। ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ମୋଟ ୩୦ଜଣ ଖେଳାଳୀଙ୍କୁ ନେଇ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯିବ। ସେଥିରୁ ପୁଣି ପ୍ରଦର୍ଶନ ଅନୁଯାୟୀ ଆଗାମୀ ଦିନରେ ହେବାକୁ ଥିବା କଳାହାଣ୍ଡି କପ୍ କ୍ରିକେଟ ପାଇଁ ଚୂଡାନ୍ତ ଗଞ୍ଜାମ ଦଳ ଚୟନ କରାଯିବ ବୋଲି ଜଣାପଡିଛି।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣି

ପୁରୁଷୋତ୍ତମପୁର,୧୩।୨(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ମନରେଗା ଯୋଜନା ଓ ପଞ୍ଚଦଶ କେନ୍ଦ୍ରୀୟଅର୍ଥ କମିଶନ ଅନୁଦାନର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ରନାଥ ମଲାଣ, ଭାରପ୍ରାପ୍ତ ବିଡିଓ ନିରାକାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସାବତ ପ୍ରମୁଖ ମଞ୍ଚାସୀନ ଥିଲେ। ମନରେଗା ଯୋଜନା ଉପରେ ଜନ ଶୁଣାଣି ହୋଇଥିଲା। ମନରେଗା ଯୋଜନା ଅନ୍ତର୍ଗତ କାର୍ଯ୍ୟରେ ପୁରୁଷୋତ୍ତମପୁର ବ୍ଲକ ବହୁ ପଛରେ ପଡିଛି। ଗତ ୬ମାସ ସୋସିଆଲ ଅଡିଟ ରିପୋର୍ଟ ଅନୁସାରେ ୬ଲକ୍ଷ ୫୮ ହଜାର ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଜିଲ୍ଲାର ଟାର୍ଗେଟ ରହିଥିବାବେଳେ ମାତ୍ର ୧ ଲକ୍ଷ ୪୩ ହଜାର ୬୭୦ ଶ୍ରମ ଦିବସ ସୃଷ୍ଟି କରିପାରିଛି। ଯାହାକି ଲକ୍ଷ୍ୟ ଧାର୍ଯ୍ୟ ଠାରୁ ବହୁ ପଛରେ ପଡିଯାଇଛି। ସମ୍ପୃକ୍ତ ଶ୍ରମ ଦିବସ ମଧ୍ୟରେ ମାତ୍ର ୫୦ ଜଣ ଜବକାର୍ଡ ଧାରୀ ଶହେ ଦିନର କାମ ହାସଲ କରିପାରିଛନ୍ତି ବୋଲି ଏପିଓ ରିପୋର୍ଟ ଦର୍ଶାଇଛନ୍ତି। ଶିବିରରେ ପଞ୍ଚାୟତ ଜନପ୍ରତିନିଧି, କନିଷ୍ଠ ଯନ୍ତ୍ରୀ, ଗ୍ରାମ ସେବକ, ଏଡିଇଓ, ବ୍ଲକ ସାମାଜିକ ସମୀକ୍ଷକ, ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜନଗରରେ ବିଶ୍ୱ ରେଡିଓ ଦିବସ



ଭଞ୍ଜନଗର,୧୩।୨(ସମିସ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ଅଧିବେଶନରେ ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡିଓ ହିଁ ଖବର ଜାଣିବାରେ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୈଠକରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ ସଭାକୁ ସଂଯୋଜନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବାବୁଲା ପ୍ରଧାନ ରେଡ଼ିଓର ଇତିହାସ ସମ୍ପର୍କରେ କହିଥିଲେ। ଶୈକ୍ଷିକ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ଏନ୍‌ସିସି ଅଫିସର ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ, ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ବାସନ୍ତୀ ଜାନି ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ବ୍ଲକ୍ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୩।୨(ସମିସ): ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଭାବେ ସୁଜିତ କୁମାର ପାଢୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ହିଞ୍ଜିଳିକାଟୁ ବ୍ଲକର କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ। ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଭାବେ ଶ୍ରୀ ପାଢ଼ୀ ଦାୟିତ୍ୱ ଗ୍ରହଣ କଲା ପରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ବ୍ଲକର ଶିକ୍ଷା ବ୍ୟବସ୍ଥା ଯେପରି ସୁରୁଖୁରରେ ଚାଲି ପାରିବ ସେଥି ପ୍ରତି ଗୁରୁତ୍ୱ ଦେବେ ବୋଲି ଦାୟିତ୍ୱ ଗ୍ରହଣ ପରେ ସେ କହିଛନ୍ତି। ଉତ୍ତମ ଶିକ୍ଷାଦାନ ପାଇଁ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି ଏଣୁ ସମସ୍ତ ଭିତ୍ତିଭୂମି ଯେପରି ଠିକ୍ ରହିବ ସେ ଦିଗରେ ସେ ଗୁରୁତ୍ୱ ଦେବା ସହିତ ଯେପରି ଶିକ୍ଷାଦାନରେ କିଛି ବାଧା ସୃଷ୍ଟି ନ ହୁଏ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ମଧ୍ୟ ସେ କହିଛନ୍ତି।

## ପ୍ରେରଣା ତାଲିମ ଶିବିର ଉଦ୍‌ଯାପିତ



ଧରାକୋଟ,୧୩।୨(ସମିସ): ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସମ୍ବଳ ସଂଯୋଜକ ସୌରୀଶଙ୍କର ବେହେରା, ଏବିଇଓ ସୀମାଞ୍ଚଳ ବେହେରା, ବିଭୁତି ଭୁଷଣ ପାତ୍ରଙ୍କ ସହଯୋଗରେ ବରଡାବିଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାଞ୍ଚ ଦିନ ଧରି ଚାଲିଥିବା ପ୍ରେରଣା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଭୌତିକ ପରିବେଶରୁ ଆରମ୍ଭ କରି ଶିକ୍ଷାଦାନ ସହ ଶିକ୍ଷଣ ପ୍ରକ୍ରିୟାର ମାନ ନିର୍ଦ୍ଧାରଣ, ସାଂଗଠନିକ ପରିବେଶର ବିକାଶ, ଗୋଷ୍ଠୀ ସହ ସଂପୃକ୍ତ ମାନବୀୟ ପରିବେଶର ବିକାଶ ସମ୍ପର୍କରେ କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା। ସିଆରସିସି ଜଗନ୍ନାଥ ପଡ଼ିହାରି, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଶିକ୍ଷକ ଦେବାଶିଷ ବେହେରା, ଶିକ୍ଷୟିତ୍ରୀ ରଶ୍ମିତା ରାଉଳ ତାଲିମ ପ୍ରଦାନ କରିଥିଲେ। ସିଆରସିସି ଅରୁଣ କୁମାର ସେଠୀ ଏଥିରେ ସଂଯୋଜନା କରିଥିବାବେଳେ ସମସ୍ତ ସିଆରସିସି ସହଯୋଗ ପ୍ରଦାନ କରିଥିଲେ। ଏଥିରେ ଅଂଶ୍ରହଣ କରିଥିବା ସମସ୍ତ ନବ ନିଯୁକ୍ତ ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏଚପି ୩୨ଜିବି ମେମୋରୀ ବିଶିଷ୍ଟ ପେନ୍‌ଡ୍ରାଇଭ ପ୍ରଦାନ କରାଯାଇଥିଲା।

## ଗଞ୍ଜାମରେ ସମର୍ପଣ ଦିବସ

ଗଞ୍ଜାମ,୧୩।୨(ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସନ୍ତୋଷପୁର ମଣ୍ଡଳ ତରଫରୁ ୫୮ତମ ଶ୍ରାଦ୍ଧ ବାର୍ଷିକକୁ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ସହିଦ ଭଗତ ସିଂ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖ ନାରାୟଣ ଉଦ୍ୟାନରେ ଆୟୋଜିତ କାର୍ଯ୍ୟକ୍ରମ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଡ଼ଃ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବାଧାନରେ ଅନୁଷ୍ଠିତ ହୋଇଥିଲା। ସମିର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଦିନ ଦୟାଲଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖଣ୍ଡଦେଉଳି ଶକ୍ତି କେନ୍ଦ୍ର ସଭାପତି ଅରୁଣ ସ୍ୱାଇଁ, ସନ୍ତୋଷପୁର ମଣ୍ଡଳ ସାଧାରଣ ସମ୍ପାଦକ ଗଣେଶ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚସୀନ ହେବା ସହ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ସୃତିଚାରଣ କରିଥିଲେ। ପୋଇରାଣି, ୟୁଡ଼ିଏସପୁର, ଖଣ୍ଡଦେଉଳି, ସନ୍ତୋଷପୁର, ମଲାଡ଼, ରାଜପୁର, କରପଡା, ପାଲଙ୍ଗ ପ୍ରମୁଖ ପଞ୍ଚାୟତର ୮୦ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦକ୍ଷିଣପୁର ହାଇସ୍କୁଲର ବାର୍ଷିକ ଉତ୍ସବ



କୁକୁଡ଼ାଖଣ୍ଡି,୧୩।୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଏ ପୁଷ୍ପଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର, ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ ଓ ସମିତି ସଭ୍ୟା ରେବତୀ ବେହେରା ଏବଂ ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ, ସାରଥୀ ପାତ୍ର ଅନ୍ୟତମ ଅତିଥି ଗୁଣ୍ଡବନ୍ଧ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ସାହୁ, ପଦରବାଲି ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ର, ବାଳକୃଷ୍ଣପୁର ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ମଲ୍ଲିକ, ବାଘଝରୀ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଆଚାରୀ, ବିରିବାଡିଆ ପ୍ରଧାନ ଶିକ୍ଷୟିତ୍ରୀ ବି ସଙ୍ଗୀତ ପାତ୍ର ଏବଂ ମଦନ ମୋହନପୁର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଲକ୍ଷ୍ମୀ ନାରାୟଣ ବିଦ୍ୟା ପୀଠର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏ ପୁଷ୍ପଲତା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ଓ ରୁବୀତା ଦେବୀ ଏବଂ ମନୀଷା ବଡ଼ମୁଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତି ରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସଭାପତି ବାପିନି ଗୌଡ଼ଙ୍କ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବ୍ଲକ୍ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ସାନଖେମୁଣ୍ଡି,୧୩।୨(ସମିସ): ସାନଖେମୁଣ୍ଡି ବ୍ଲକ ଶିକ୍ଷାଧିକାରୀ ଭାବେ କୁରେସୁ ସେଠୀ ଯୋଗ ଦେଇଥିବା ବେଳେ ଶିକ୍ଷା ବିଭାଗ ଚଳଚଞ୍ଚଳ ହୋଇଉଠିଛି। ଶ୍ରୀ ସେଠୀ ପହଞ୍ଚିବା ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ କିରାଣି ପରମାନନ୍ଦ ବେହେରା, କନିଷ୍ଠ କିରାଣି ରଞ୍ଜନ ପଟ୍ଟନାୟକ, ଆକାଉଣ୍ଟେଣ୍ଟ ବିନାୟକ ତ୍ରିପାଠୀ, ମନୋଜ ମିଶ୍ର, ପ୍ରଶାନ୍ତ ଗୌଡ଼, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ପଣ୍ଡା, ଶୁକଦେବ ମଲ୍ଲିକ, ବିଆରସିସି ରିତାଞ୍ଜଳି ରଥ, ଶିକ୍ଷକ ପ୍ରଶାନ୍ତ ଗୌଡ଼, ଶଙ୍କର ସେଠି, ଅଶୋକ ମାଳିକ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମିଶି ସ୍ୱାଗତ କରିଥିଲେ।

ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସଙ୍କଟ

# ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା

ସାନଖେମୁଣ୍ଡି,୧୩।୨(ସମିସ):



ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଦେଖା ଦେଇଛି ପାନୀୟ ଜଳ ସଙ୍କଟ। ପିଇବା ପାଣି ନ ପାଇ ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଉଡ଼ିଆ ପଞ୍ଚାୟତରେ। କଉଡିଆ ଗ୍ରାମରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। କିଛି ବ୍ୟକ୍ତି ବେଆଇନ ଭାବେ ଘରେ ମୋଟର ଲଗାଇ ପାଣି ନେଉଥିବାରୁ ତଳ ମୁଣ୍ଡରେ ଥିବା ପରିବାର ଲୋକଙ୍କୁ ପାଣି ମିଳୁନି। ପ୍ରତିବାଦରେ ଗୁରୁବାର ଗ୍ରାମର ବହୁ ସଂଖ୍ୟକ ମହିଳା ହାଣ୍ଡି ମାଠିଆ ଧରି ଜଗନ୍ନାଥପୁର ଛକ-ହିଞ୍ଜିଳିକାଟୁ ମୁଖ୍ୟରାସ୍ତାକୁ ପୂର୍ବାହ୍ନ ପ୍ରାୟ ୧୦ଟାରୁ ଅପରାହ୍ନ ପ୍ରାୟ ୩ଟା ଯାଏ ରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ଥିଲା। ଖବରପାଇ ସାନଖେମୁଣ୍ଡି ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଉପମା ଘଡେଇ, ପାଟପୁର ଥାନା ଏସଆଇ ଶୁଭଲକ୍ଷ୍ମୀ କହଁର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଖୁବ୍‌ଶୀଘ୍ର ପ୍ରକଳ୍ପରୁ ନିୟମିତ ଭାବେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ଦୁଇ ସ୍କୁଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ଅଡୁଆ ବଢ଼ାଇଲେ ପୂର୍ବତନ ପୁଲିସ୍ ଅଧିକାରୀ

### ତଦନ୍ତରେ ଶିଥିଳତା ନେଇ ବର୍ଷିଲେ / ପୁଳାପୁଳା ପ୍ରମାଣ ଥାଇ ପୁଲିସ୍ ହାତ ଖାଲି କାହିଁକି?

ମାଲକାନଗିରି/କାଲିମେଳା,୧୩।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ୨ ସ୍କୁଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାକୁ ୫ ଦିନ ବିତିଲାଣି। ହେଲେ ଏଯାଏ ପୁଲିସ ହାତ ଖାଲି। ଏପରି ସ୍ଥିତିରେ ଆଜି ପୂର୍ବତନ ପୁଲିସ ଅଧିକାରୀ ତଥା ଜିଲ୍ଲାର ଜଣେ ବିଶିଷ୍ଟ ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ମୃତ ଦୁଇ ଛାତ୍ରୀଙ୍କ ପରିବାର, ଗ୍ରାମବାସୀଙ୍କୁ ଭେଟିବା ପରେ ତଦନ୍ତରେ ଶିଥିଳତା ଯୋଗୁଁ ସତ୍ୟ ସାମ୍ନାକୁ ଆସୁନାହିଁ ବୋଲି ଗୁରୁତର ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ସୁଦ୍ଧା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନଥିବା ବେଳେ ପୁଲିସ କେବଳ ନିଖୋଜ ଓ ଅପମୃତ୍ୟୁ ମାମଲା ରୁଜୁ କରି କାମ ସାରିଦେଇଛି। ସେ ଆଜି ଉଭୟ ମୃତ ଛାତ୍ରୀଙ୍କ ଘରକୁ ଯାଇଥିଲେ। ପରିବାରଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସେମାନେ ପଢୁଥିବା ବିଦ୍ୟାଳୟକୁ ଯାଇ ପଚାରି ବୁଝିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଲୋକଙ୍କଠାରୁ ମିଳିଥିବା ତଥ୍ୟକୁ ନେଇ ସେ ଚିନ୍ତା ପ୍ରକଟ କରିବା ସହ ଏହା ଏକ ରହସ୍ୟମୟ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଶ୍ରୀ ବୁରୁଦା ଅନୁମାନ କରିଛନ୍ତି।



ତାଙ୍କ କହିବା ଅନୁଯାୟୀ, ଦୁଇ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ସମୟର ଫଟୋଗୁଡ଼ିକୁ ଦେଖିଲେ ଏହା ହତ୍ୟାକାଣ୍ଡ ପରି ମନେ ହେଉଛି। ସେ ଜଣେ ପୂର୍ବତନ ପୁଲିସ ଅଧିକାରୀ ହୋଇଥିବା ବେଳେ ଏକାଧିକ ବ୍ୟକ୍ତି ଏହି ଜଘନ୍ୟ କାଣ୍ଡରେ ସମ୍ପୃକ୍ତ ଥିବା ଅନୁମାନ କରିଛନ୍ତି। ଛାତ୍ରୀଦ୍ୱୟଙ୍କ ମରଶରୀରର ପଞ୍ଚନାମା ସମୟରେ ଉପସ୍ଥିତ ବ୍ୟକ୍ତିମାନେ ଛାତ୍ରୀଦ୍ୱୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ଓ ଜଣେ ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଥିବା ତାଙ୍କୁ କହିଥିଲେ। ଘଟଣାର ସଠିକ ତଦନ୍ତ ହେଉନାହିଁ, ତଦନ୍ତ ହେଲେ ପୁଲିସ ବହୁତ ପ୍ରମାଣ ପାଇପାରିବ ବୋଲି ସେ କହିଛନ୍ତି। ନିଜେ ପୁଲିସ ଘଟଣାର ପ୍ରମାଣ ଖୋଜିବା ବଦଳରେ ଚାପି ଦେବାକୁ ଚେଷ୍ଟା କରୁଥିବା ଅନୁମାନ ହେଉଛି ବୋଲି ଶ୍ରୀ ବୁରୁଦା କହିଛନ୍ତି।

ଏହାସହ ମୃତଦେହ ନିକଟରୁ ଗୋଟିଏ ମୋବାଇଲ ଜବତ ହୋଇଥିବା ବେଳେ ତାହା ମଧ୍ୟରେ କୌଣସି ସିମ୍ ନଥିଲା। ଉକ୍ତ ମୋବାଇଲରୁ ମଧ୍ୟ ଅନେକ ପ୍ରମାଣ ମିଳିପାରିବ ବୋଲି ସେ କହିଛନ୍ତି। ଛାତ୍ରୀ ଦ୍ୱୟ ନିଖୋଜ ହେବା ପୂର୍ବରୁ ସହପାଠୀଙ୍କ ସହିତ ଭୋଜି କରିଥିଲେ। ସେହି ଭୋଜି ସମୟରେ କିଛି ଯୁବକ ମଧ୍ୟ ସେଠାକୁ ଆସିଥିବା ବେଳେ ସେଠାରେ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ କିଛି ଯୁବକ ଧମକ ଦେଇଥିବା ବେଳେ ଉକ୍ତ ଦିନ ସନ୍ଧ୍ୟା ସମୟରୁ ଦୁଇ ଛାତ୍ରୀ ନିଖୋଜ ହୋଇଥିଲେ ବୋଲି ମୃତ ଛାତ୍ରୀଦ୍ୱୟଙ୍କ ସାହାପାଠୀମାନେ ସ୍ଥାନୀୟ ଲୋକଙ୍କ ନିକଟରେ ପ୍ରକାଶ କରିଥିବା ଜଣାପଡିଛି। ତେବେ ଏତେ ସବୁ ପ୍ରମାଣ ଥାଇ ପୁଲିସ କିପରି ଘଟଣାର ଟେର୍ ପାଉନି ବୋଲି ସେ ପ୍ରଶ୍ନ କରିଛନ୍ତି।

ତାଙ୍କ ଗସ୍ତ ସମୟରେ ଆଦିବାସୀ ମହା ସମାଜର ସଭାପତି ବନ୍ଧୁ ମୁଦୁଲି ଏବଂ ସ୍ଥାନୀୟ କୋୟା ସମାଜର କିଛି ସଦସ୍ୟ ଓ ନେତୃବର୍ଗ ଉପସ୍ଥିତ ଥିଲେ। ତେବେ ଶ୍ରୀ ବୁରୁଦା କହିଛନ୍ତି ଯେ ଆସନ୍ତାକାଲି ଏନେଇ ପୁନଃ ଏକ ମାମଲା କରିବୁ ଏବଂ ଏସ୍‌ପିଙ୍କ ଦ୍ୱାରସ୍ଥ ହେବୁ। ଏହାର ୪୮ ଘଣ୍ଟା ମଧ୍ୟରେ ପୁଲିସ ଦୋଷୀଙ୍କୁ ଗିରଫ ନକଲେ, ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।

ଏନେଇ ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲଙ୍କୁ ଯୋଗଯୋଗ କରିବାରୁ ସେ କହିଛନ୍ତି ଯେ ଘଟଣାକୁ ନେଇ ପୁଲିସ ତତ୍ପର ରହିବା ସହ ତଦନ୍ତ ଜାରି ରଖିଛି। ଉଚ୍ଚପଦସ୍ଥ ଅଧିକାରୀ ଓ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟକୁ ଅପେକ୍ଷା ରହିଛି। ଏହା ଆସିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ। ପୀଡ଼ିତାଙ୍କ ପରିବାରକୁ ପୁଲିସ୍ ସଂପୂର୍ଣ୍ଣ ରୂପେ ନ୍ୟାୟପ୍ରଦାନ କରିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୋକିଲାଙ୍କ ପେଟରେ...

ବି ମନରେଗା ଶ୍ରମିକଙ୍କୁ ମାତ୍ର ୨୫୪ ଟଙ୍କା ମଜୁରୀ ପ୍ରଦାନ କରାଯାଉଛି।

ମନରେଗାରେ ଓଡିଶାର ଶ୍ରମିକମାନଙ୍କୁ ଦୈନିକ ୩୦୦ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ହୋଇଥିବା ନିଷ୍ପତ୍ତି ଫାଇଲ ଭିତରେ ଅଟକି ଯାଇଛି। ଯେଉଁଠି ମୋଟ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୫%ଙ୍କୁ ୧୦୦ ଦିନ କାମ ଯୋଗାଇ ଦିଆଯାଇ ପାରୁନାହିଁ, ସେଠାରେ ୩୦୦ ଦିନ କାମ ଯୋଗାଣ ତ ସ୍ୱପ୍ନ। ଅପରପକ୍ଷେ ଦଲାଲ ଏବଂ ଅଫିସରଙ୍କ ମଧୁଚନ୍ଦ୍ରିକା ଶ୍ରମିକମାନଙ୍କ ଉପରେ ବୋଝକୁ ଆହୁରି ବଢ଼ାଇ ଦେଇଛି। ଗତ ନଭେମ୍ବର ମାସରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଦାଦନପ୍ରବଣ ଅଞ୍ଚଳରେ ଲୋକଙ୍କୁ କ'ଣ କାମ ଦିଆଯିବ ତାହାର ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ଉପରେ ଛାଡ଼ି ଦିଆଯାଇଥିଲା। ହେଲେ ଆଜି ଯାଏଁ ଜିଲ୍ଲା ସ୍ତରରୁ କ'ଣ ପ୍ରସ୍ତାବ ଆସିଲା ତାହାର ଉତ୍ତର କାହା ପାଖରେ ନାହିଁ।

ଗଲା ନିର୍ବାଚନ ପୂର୍ବରୁ ବିରୋଧୀ ଆସନରେ ଥିବା ବେଳେ ବିଜେପି ରାଜ୍ୟ ସରକାରଙ୍କ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ତ୍ରୁଟିପୂର୍ଣ୍ଣ କହି ଦାଦନ ଚାଲାଣ ରୋକିବାରେ ସେଗୁଡିକ ଅସମର୍ଥ ବୋଲି କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିଲେ; କିନ୍ତୁ କ୍ଷମତାକୁ ଆସିବା ପରେ ସତେ ଯେପରି ସବୁ ଭୁଲି ଯାଇଛନ୍ତି। ଓଡ଼ିଶାର ୧୧ ଜିଲ୍ଲାର ୫୦ ବ୍ଲକ୍‌ରେ ଦାଦନ ସମସ୍ୟା ସବୁଠାରୁ ଅଧିକ। ଅଧିକ ରୋଜଗାର ଲୋଭ କିମ୍ବା ଋଣ ପରିଶୋଧ କରିବା ପାଇଁ ହେଉ ସେମାନେ ଦାଦନ ଖଟିବାକୁ ଯାଇ ସେମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଦାଦନ ଖଟିବାକୁ ଯାଉଥିବା ଲୋକଙ୍କୁ ବ୍ଲକ୍‌ସ୍ତରରେ ଚିହ୍ନଟ ପାଇଁ ମୁଖ୍ୟ ସଚିବଙ୍କ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଶ୍ରମ ବିଭାଗ ଶୋଇ ରହିଛି।

### ସଂସଦରେ 'ୱାକଫ୍'...

ଅଧ୍ୟକ୍ଷ ଜଗଦୀପ ଧନଖଡ଼ କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖିଥିଲେ। ପରେ ପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ବିରୋଧୀ ସଦସ୍ୟ ଜେପିସି ରିପୋର୍ଟରେ କରାଯାଇଥିବା ପରିବର୍ତ୍ତନକୁ ନେଇ ପୁଣି ହଙ୍ଗାମା କରିଥିଲେ। ତେବେ ବିରୋଧୀଙ୍କ ଅଭିଯୋଗକୁ ସଂସଦୀୟବ୍ୟାପାରମନ୍ତ୍ରୀକିରନରିଜିଜୁ ଖଣ୍ଡନ କରି ଏଭଳି କିଛି କରାଯାଇ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଲୋକସଭା ସାଂସଦ ଗୌରବ ଗୋଗଇ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଜେପିସିରେ ବିରୋଧୀ ସଦସ୍ୟମାନଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ବିଲ୍ ଉପରେ କରାଯାଇଥିବା ସଂଶୋଧନର ବିଭିନ୍ନ ଦିଗକୁ ତଜର୍ମା କରିବାକୁ ସମୟ ଦିଆଯାଇ ନାହିଁ। ଦିନକ ଭିତରେ ୬୫୫ ପୃଷ୍ଠା ସମ୍ବଳିତ ରିପୋର୍ଟ ପଢି ଏହାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା କାହାରି ପକ୍ଷରେ ସମ୍ଭବ ନୁହେଁ। କାହା ନିର୍ଦ୍ଦେଶରେ ଜେପିସି ଅଧ୍ୟକ୍ଷ ଶ୍ରୀପାଲ ଏକତରଫା ରିପୋର୍ଟ ପ୍ରସ୍ତୁତ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଏଆଇଏମଆଇଏମ ସାଂସଦ ଅସଦୁଦ୍ଦିନ ଓୱେସୀ ମଧ୍ୟ ଏହି ରିପୋର୍ଟକୁ ବିରୋଧ କରି ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ସମ୍ବିଧାନର ଧାରା ୧୪,୧୫ ଏବଂ ୨୯କୁ ଉଲ୍ଲଙ୍ଘନ କରୁଛି ବୋଲି କହିଥିଲେ।

### ଭବିଷ୍ୟତ ଯୋଜନା...

ହୋଇଛି। ରାଜ୍ୟପାଳଙ୍କ ଅଭିଭାଷଣରେ ଉଲ୍ଲିଖିତ ଅଧିକାଂଶ ଉପଲବ୍ଧି ବିଗତ ବିଜେଡି ସରକାର ସମୟରେ କାର୍ଯ୍ୟାନ୍ୱୟନ ହୋଇଛି। ଯାହାର ଶ୍ରେୟ ନେବାକୁ ବିଜେପି ସରକାର ଭରପୂର ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ କଟାକ୍ଷ କରିଛନ୍ତି।

ନିଜ ଅଭିଭାଷଣରେ ରାଜ୍ୟପାଳ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଶାସନ ଏବଂ ନିଷ୍ପତ୍ତି ସମ୍ପର୍କରେ ବିଶଦ ଭାବରେ ତଥ୍ୟ ରଖିଛନ୍ତି। ସୁଭଦ୍ରା, ସମୃଦ୍ଧ କୃଷକ ଯୋଜନା କାର୍ଯ୍ୟକାରିତା ସହ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲିବା ନିଷ୍ପତ୍ତି, ସର୍ବ ଭାରତୀୟ ଡିଜିପି/ଆଇଜିପି ସମ୍ମିଳନୀ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା; ମେକ୍ ଇନ୍ ଓଡ଼ିଶା କନକ୍ଲେଭର ସଫଳ ଆୟୋଜନକୁ ରାଜ୍ୟପାଳ ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ମୋ ସରକାର ଲକ୍ଷ୍ୟ ରଖିଛନ୍ତି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୋ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ୬୬ଟି ନିୟନ୍ତ୍ରିତ ବଜାର କମିଟିକୁ ଜାତୀୟ କୃଷି ବଜାର ସହିତ ସଂଯୁକ୍ତ କରାଯାଇଛି। ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର୍ ଯୋଜନାରେ ୭୨ଟି ପ୍ରକଳ୍ପ ମଧ୍ୟରୁ ୬ଟିର ନିର୍ମାଣ ଶେଷ ହୋଇଥିବା ବେଳେ ୨୦୨୫-୨୬ ସୁଦ୍ଧା ଆଉ ୨୩ଟି ପ୍ରକଳ୍ପର ନିର୍ମାଣ ଶେଷ ହେବାକୁ ଯାଉଛି। ହୀରାକୁଦ କମାଣ୍ଡ ଏରିଆରେ ୮୫୫ କୋଟି ଟଙ୍କା ବିନିଯୋଗରେ ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର କରୁଛନ୍ତି। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୨୦୯ଟି ଚେକଡ୍ୟାମର ନିର୍ମାଣ କାର୍ଯ୍ୟ ଜାରି ରହିଛି।

ପୁନଶ୍ଚ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲ କରିବାରେ ନାରୀ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଇଛନ୍ତି ରାଜ୍ୟପାଳ। ୮୦ ବର୍ଷ ଓ ଏହାଠାରୁ ଅଧିକ ବୟସର ହିତାଧିକାରୀ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତାର ପରିମାଣ ମାସିକ ୩୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ୨୭ଟି ଜିଲ୍ଲାର ୭୬୬୭ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ଜୀବିକା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ୭୩୫୮ ଟି ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ରକୁ ସୁଦୃଢ କରାଯାଇଛି। ତାଳଚେର ଓ ଫୁଲବାଣୀରେ ୨ଟି ନୂଆ ମେଡିକାଲ କଲେଜ ନିର୍ମାଣ ଶେଷ ହୋଇଛି। ଯାଜପୁରର ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩.୫୦ କୋଟି ଲୋକଙ୍କ ପାଇଁ ଏହି ସୁବିଧା ସମ୍ପ୍ରସାରିତ ହୋଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ୧୯୯ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ନବମ ଓ ଏକାଦଶ ଶ୍ରେଣୀର ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଶୁଭାରମ୍ଭ କରିଛନ୍ତି। ଡିସେମ୍ବର ସୁଦ୍ଧା ପ୍ରାୟ ୪.୨୦ ଲକ୍ଷ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି। ଭୁବନେଶ୍ୱରରେ ୧୫୦ଟି ଇ - ବସ ଏବଂ ୮ଟି ଅତିରିକ୍ତ ସହରକୁ ମୋ ବସ ସେବା ବିସ୍ତାର କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଇ - ବସ ସେବା ଯୋଜନା ଅଧିନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ ଇ-ବସ ନିୟୋଜିତ କରାଯିବ। ୨୦୨୪-୨୫ ରେ ୧୪୩୯ କିଲୋମିଟର ଗାଁ ରାସ୍ତା ନିର୍ମାଣ ହୋଇଛି। ଆସନ୍ତା ୨ ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସରେ ୫୦ ହଜାର ନିଯୁକ୍ତି ସୃଷ୍ଟି ପାଇଁ ମୋ ସରକାର ପଦକ୍ଷେପ ନେଉଛନ୍ତି। ୫ ବର୍ଷରେ ମଧ୍ୟରେ ୧.୫ ଲକ୍ଷ ଏବଂ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବବୋଲି ରାଜ୍ୟପାଳ କହିଛନ୍ତି।

### ସନାତନଙ୍କୁ ନବୀନଙ୍କ...

କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନବୀନଙ୍କ ଅତର୍କିତ ପ୍ରଶ୍ନରେ ସନାତନ ହଡ଼ବଡ଼େଇ ଯାଇଥିଲେ ଓ ଅସ୍ୱସ୍ତି ଅନୁଭବ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ସେ ବିଧାୟକ ଦଳ ବୈଠକରେ ଯୋଗ ଦେଇ ପାରି ନ ଥିଲେ ବୋଲି ସନାତନ କହିଥିଲେ। ମାତ୍ର ସନାତନଙ୍କ ଉତ୍ତର ନବୀନଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା ଓ ସେ ଚାଲି ଯାଇଥିଲେ। ମାତ୍ର ନବୀନଙ୍କ ଏହି ତାଗିଦ୍ ଅନ୍ୟ ବିଧାୟକ ଓ ରାଜ୍ୟର ସାଧାରଣ ଲୋକଙ୍କୁ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ରାଜ୍ୟସ୍ୱାର୍ଥ ପ୍ରତି ନବୀନ ପ୍ରତି ମୂହୂର୍ତ୍ତରେ ସଜାଗ ରହିଥିବା ବେଳେ ନିଜ ଦଳୀୟ ବିଧାୟକଙ୍କୁ ମଧ୍ୟ ଅନୁଶାସନ ଏବଂ ବିରୋଧୀ ବିଧାୟକଙ୍କ ଭୂମିକାକୁ ସୂଚାରୁ ରୂପେ ପାଳନ କରିବାକୁ ପ୍ରବର୍ତ୍ତାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ନବୀନଙ୍କ ପ୍ରଶ୍ନକୁ ନେଇ ଦିବସବ୍ୟାପୀ ଚର୍ଚ୍ଚା, ଆଲୋଚନା ଜାରି ରହିଥିବା ବେଳେ ରାଜନୈତିକ ମହଲରେ ଏନେଇ ମତପ୍ରକାଶ ପାଇଛି। ନବୀନ ଦଳୀୟ ବ୍ୟାପାରରେ ବିଶେଷ ସକ୍ରିୟତାର ସହ ମୁଣ୍ଡ ଖେଳାନ୍ତିନି ବୋଲି ସାଧାରଣରେ ଏକ ଧାରଣା ରହି ଆସିଛି। ମାତ୍ର ବିଧାୟକ ଦଳ ବୈଠକରେ ସନାତନଙ୍କ ଅନୁପସ୍ଥିତ ରହିବା ଏବଂ ନବୀନ ତାଙ୍କୁ ଏନେଇ ପ୍ରଶ୍ନ କରିବା ସମସ୍ତ ଧାରଣାକୁ ଭୁଲ୍ ପ୍ରମାଣିତ କରିଛି। ଦଳର ନେତା ଭାବେ ସେ ନିଜ ଦଳର ବିଧାୟକଙ୍କୁ ଆକଟ କରିଛନ୍ତି। ବିଧାନସଭାରେ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରିବା ପାଇଁ ବିଧାୟକ ଦଳ ବୈଠକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିଧାୟକ ଏଥିରେ ଅନୁପସ୍ଥିତ ରହିବାକୁ ନେଇ ନବୀନ ସହଜରେ ଗ୍ରହଣ କରିପାରିନଥିବା ସାଧାରଣରେ ମତପ୍ରକାଶ ପାଇଛି। ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଦଳର ମୁରବୀ ଭାବେ ସମସ୍ତଙ୍କୁ ପ୍ରଶ୍ନ କରିବା ନେତାଙ୍କ ଦାୟିତ୍ୱ ଅଟେ। ସେହି ଦାୟିତ୍ୱ ପାଳନ କରିବାକୁ ଯାଇ ନବୀନ ସନାତନଙ୍କୁ ଅନୁପସ୍ଥିତ ରହିବା ନେଇ ପ୍ରଶ୍ନ କରିଛନ୍ତି। ମୁଁ ମଧ୍ୟ କେତେଥର ଆଗରୁ ବୈଠକରେ ଅନୁପସ୍ଥିତ ଥିବାବେଳେ ମୋତେ ମଧ୍ୟ ପ୍ରଶ୍ନ କରାଯାଇଛି। ଏଥିରେ କୌଣସି ଅସ୍ୱାଭାବିକତା ନାହିଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

### ଭାରତରେ ଓଡ଼ିଶା...

ଏହା ସହ ୨୦୧୪ ଏବଂ ୨୦୨୦ରେ ଆସିଥିବା ଘୂର୍ଣ୍ଣିବାତ୍ୟା ହୁଡହୁଡ ଏବଂ ଆମ୍ଫାନର କ୍ଷୟକ୍ଷତିକୁ ମଧ୍ୟ ଜର୍ମାନ୍ ୱାଚ୍ ଉଲ୍ଲେଖ କରିଛି। ହୁଡ୍‌ହୁଡ୍ ଓ ଅମ୍ଫାନ ଓଡ଼ିଶାରେ ସ୍ଥଳଭାଗ ଅତିକ୍ରମ କରି ନ ଥିଲେ ମଧ୍ୟ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଥିଲା। ଅନ୍ୟପକ୍ଷରେ୨୦୧୩ରେ ଉତ୍ତରାଖଣ୍ଡ ବନ୍ୟା, ୧୯୯୮, ୨୦୦୨, ୨୦୦୩ ଏବଂ ୨୦୧୫ରେ ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହିତ ତୀବ୍ର ଗ୍ରୀଷ୍ମ ଲହରୀ ଜନିତ ମୃତ୍ୟୁ ଓ କ୍ଷତି ଏଥିରେ ଉଲ୍ଲେଖ ରହିଛି।

ଜଳବାୟୁ ସଙ୍କଟ କ୍ରମଶଃ ଏକ ବୈଶ୍ୱିକ ବିପଦରେ ପରିଣତ ହେବାକୁ ଯାଉଛି। ଏହାକୁ ମିଳିତ ଭାବେ ସମାଧାନ କରା ନ ଗଲେ ଆଗାମୀ ଦିନରେ ଏହାର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ବୋଲି ସଂସ୍ଥା ଚେତାବନୀ ଦେଇଛି। ଅନ୍ୟପଟେ ଗତ ବର୍ଷ ରାଜ୍ୟରେ ପାଖାପାଖି ୨୦ ଦିନ ପର୍ଯ୍ୟନ୍ତ ଲଗାତାର ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହୋଇଥିଲା। ଏହାସହ ରାଉରକେଲାରେ ଶତାଧିକ ଲୋକ ଅଂଶୁଘାତ ଯୋଗୁଁ ପ୍ରାଣ ହରାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏଭଳି ଘଟଣାମାନ ଆଗକୁ ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ଲୋକମାନେ ଉଭୟ ଆର୍ଥିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହାସହିତ ଓଡ଼ିଶା ସରକାରଙ୍କ ପାଇଁ ମଧ୍ୟ ଏହି ଆହ୍ୱାନ ବଢ଼ିବାରେ ଲାଗିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟ କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଆସୁଛି। ଯାହାର ପରିମାଣ ପ୍ରାୟ ୮୦ ହଜାର କୋଟି ଟଙ୍କା ହେବ। ସେହିପରି ଏବର୍ଷ ଶୀତର ପ୍ରଭାବ ଯଥେଷ୍ଟ କମ୍ ରହିଥିବା ବେଳେ ମାଘ ମାସରୁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ଯଦି ଏହି ସ୍ଥିତି ଆଗକୁ ଜାରି ରହେ ତେବେ ପ୍ରାୟ ୫ ମାସ ପର୍ଯ୍ୟନ୍ତ ଲୋକେ ଖରା ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।


**KIDNEY REQUIRED**

A+ ଓ 0+ କିଡନୀ ଆବଶ୍ୟକ
A+ ଓ 0+ kidney required.
କେହି ସହୃଦୟ ବ୍ୟକ୍ତି ଦାନ କଲେ ଆମେ ଚିରୋପକୃତ ହେବୁ। ଯୋଗାଯୋଗ:
**8455924189**

**GANDHI MEMORIAL HIGHER SECONDARY SCHOOL**
At- Gobindpur, Po- Gobindpur, Kutchery, Aul, Dist.- Kendrapara
Email Id: gmhss1992@gmail.com

**WALK-IN-INTERVIEW**

Gandhi Memorial H.S. School, Gobindpur, Aul, Kendrapara invites applications for the recruitment of
**(1) Lect. in Psychology and Education** having 55% marks in Post Graduation.
**(2) Demonstrator** having graduation with Education and
**(3) Data Entry operator (D.E.O.)** having graduation with PGDCA.

**Walk-in-interview: 23.02.2025 (Sunday)**

Scrutinisation of Certificates and viva-voce 11.00 AM to 01.00 PM. Interested candidates are requested to attend the interview with all the original testimonials from matriculation to P.G. with a set of xerox copy and a recent passport size photograph. **Salary is negotiable.**

Principal, Gandhi Memorial H.S. School,
Gobindpur, Aul, Kendrapara
**Contact: 9437853753, 7025606862**

**OFFICE OF THE HEAD MASTER**
**KASTURBA GANDHI BALIKA VIDYALAYA, SINAPALI**
**SAMAGRA SHIKSHA, NUAPADA**
**NO. 22 / DATE 13.02.2025**
**SHORT TENDER CALLNOTICE**

Sealed Tender are invited from the intending Registered and reputed Firms/ Suppliers having valid GST registration for supply of Grocery items to KGBV Hostel of Sinapali Block, Nuapada District. The tender notice along with detailed terms and conditions and the list of items/ materials to be supplied can be downloaded from the official website of Nuapada district www.nuapada.odisha.gov.in and OSEPA website www.osepa.odisha.gov.in from dt:13.02.2025 to 21.02.2025. The sealed Tender papers completed in all respects along with requisite Earnest Money and tender paper cost in shape of Bank Draft/ Bankers Cheque drawn in favour of KASTRUBA GANDHI BALIKA VIDYALAYA, Sinapali payable at Sinapali must be submitted to KGBV, Sinapali on or before 21.02.2025 by 5 P.M through Regd./ Speed post only. The details regarding submission of EMD, tender paper cost and address for submission of Tender paper are available in enclosed Tender documents. The Tender will be opened on Dt 03.03.2025. at 04 P.M in the office of the H.M, KGBV, Sinapali

The undersigned reserve the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Head Master
KGVB, Sinapali

**AFFIDAVIT**
By virtue of an Affidavit in the court of the Executive Magistrate Binjharpur on dtd 04.02.2025, I Tikina Mallick, D/o Rajendra Mallick of At/po- Aunri, PO- Alkunda, Dist- Jajpur, declare that Tikina Mallick. D/o Rajendra Mallick and Prabhati Malik, D/o- Rajendra Malik is one and same person. My D.O.B is 10.04.97 in all purposes.

**AFFIDAVIT**
By virtue of an Affidavit in the court of the Executive Magistrate Jajpur on 17.01.2025 No. 414, I Sitakanta Routray S/o Shashadhar Routray of Vill-Birajapur, PO- Rambag, Ps/ Dist- Jajpur state that my name is Wrongly mentioned in old voter card OR/04/025/ 162629 Seetakanta Routray instead of Sitakanta Routray. Both seetakanta and Sitakanta is one and same person for all purposes.

**AFFIDAVIT**
I, Noorus Saher, W/o.- Md Samsul Hussain, resident of Plot No. 485/1023, Kokila Vihar, Pokhariput, VTC- Aerodrome Area, P.O.- Aerodrome Area, Bhubaneswar, Dist- Khordha, Pin- 751020, Odisha declare by this affidavit No.135 dtd.- 07.02.2025 that now onwards I shall be known as **NURUS SAHER** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Jajpur, Affidavit No - 511, Date - 13.02.25, I Sunil Pal ,S/o: Abhimanyu Pal, Address- At-Soti, Hatasahi, Panikoili, Jajpur - 755043, Declare that I have changed my name From Sunil Pal to Jitendra Pal. Henceforth, I Shall be known as Jitendra Pal for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Niali, Cuttack on dtd. 10.2.2025. I Tapaswini Bhoi on behalf of my minor son Smuti Ranjan Bhoi, At-Pubakhand, Ps.- Niali, Dist.- Cuttack have changed my minor son's name from Smruti Ranjan Bhoi to Smuti Ranjan Bhoi. Henceforth my minor son shall be known as Smuti Ranjan Bhoi for all purposes.

**AFFIDAVIT**
I, BISWAMITRA DANDASENA(65), S/o- Meghanad Dandasena, resident of AT/PO/PS - Saintala, Dist- Balangir, Odisha declare by this affidavit No.93 dt. 13/02/2025 that BISWAMITRA DANDASENA and BISWANATH DANDASENA are same and one person.

**AFFIDAVIT**
By virtue of an affidavit in the Court of the Executive Magistrate, Banarpal, Angul vide affidavit no. 88 on 12.02.2025, I Beni Devi have Changed my name from Bini Dehuri to Beni Devi. Henceforth I shall be known as BENI DEVI instead of BINI DEHURI for all purposes.
Sd/- Beni Devi

**AFFIDAVIT**
By virtue of an affidavit before the Notary Public, Rairakhol on dtd. 02/11/2024. I, Madan Kisan, resident of Vill- Panchakhandasahi, Rairakhol, PO/PS- Rairakhol, Dist- Sambalpur, Odisha have changed my son's name & date of birth from Prasanta Kisan (31/03/2006) To Siddhanta Kisan (15/08/2008). Henceforth, he shall be known as Siddhanta Kisan (DOB: 15/08/2008) for all future purposes.

**AFFIDAVIT**
By virtue of an Affidavit in the court of the Executive Magistrate Jajpur on 12.02.2025 No. 1287, I Manoranjan Sahoo S/o Dinabandhu sahoo of Vill- Belarpur, PO- Debidwar, PS- Jajpur, Dist- Jajpur, Odisha state that my name is wrongly mentioned in Aadhar card 213836589272 Manoranjan Sahu instead of Manoranjan Sahoo. I Shall be known as Manoranjan Sahoo for all purposes.

**AFFIDAVIT**
I, Payal Mukherjee, W/o.: Dipanjan Dey, Resident of D1-304, Permanent Campus Argul, IIT Bhubaneswar, P.S.: Jatni, Dist.: Khorda, PIN- 752050, Odisha, declare by this affidavit No.: 08, dated-12/02/2025, that now onwards I shall be known as **PAYAL MUKHERJI DEY** for all future purposes.

**AFFIDAVIT**
I, Biplaba Kumar Nayak, S/o.: Balaram Nayak, resident of Taras, Vtc: Taras, PO.: Taras, District.: Kendrapara, PIN-754220, State: Odisha.DeclarebythisaffidavitNo.:93, dtd. 21/01/2025 that now onwards I shall be known as **BIPLAB NAYAK** for all future purposes

**AFFIDAVIT**
I, Tukuna Harijan, S/o- Bhaskar Khura, resident of Chitrakote, Po- Anchal Gumma, Ps- Tentulikhunti, Pin- 764049, Dist- Nabarangapur, Odisha declare by this affidavit No. 156, dated- 12/02/2025 that now onwards I shall be known as **TUKUNA KHURA** for all future purposes.

**AFFIDAVIT**
I, Bijayalaxmi Dash, W/o- Ashwini Kumar Dash, Resident of Sector 6 CDA Cuttack, Pin- 753014 Odisha declare by this affidavit No:45 dated 13/02/2025 that now onwards I shall be known as **BIJOYALAXMI DASH** for all future purposes.

**AFFIDAVIT**
I, Bhaskar Harijan, S/o- Sadan Khura, resident of Chitrakote, Christian Sahi, Anchala Guma, Pin-764049, Dist- Nabarangapur, Odisha declare by this affidavit No. 158, dated- 12/02/2025 that now onwards I shall be known as **BHASKAR KHURA** for all future purposes.


**AFFIDAVIT**
I, Adhira Biswas, S/o- Abhinas Biswas, resident of Reclamation Colony, Malkangiri, Pin- 764045, Dist- Malkangiri, Odisha declare by this affidavit No. 159, dated- 12/02/2025 that now onwards I shall be known as **ADHIR BISWAS** for all future purposes.

**AFFIDAVIT**
I, Nilabati Harijan, W/o- Bhaskar Khura resident of Chitrakote, Christian Sahi, Anchala Guma, Pin-764049, Dist- Nabarangapur, Odisha declare by this affidavit No. 155, dated- 12/02/2025 that now onwards I shall be known as **LILABATI KHURA** for all future purposes.

**AFFIDAVIT**
I, Sujeet Beura, S/o- Sarat Chandra Beura, resident of GKV-16, Gatikrushna Villa, Brahmeswarpatna, Tankapani Road, Pin- 751019, Dist- Khordha, Odisha declare by this affidavit No. 157, dated- 12/02/2025 that now onwards I shall be known as **SUJEET KUMAR BEURA** for all future purposes.

**AFFIDAVIT**
I, Ballabha Nayak, S/o- Sari Nayak, resident of Nuagarh, Paradeep, Jagatsinghpur, Pin- 754141, Odisha declared by this affidavit No. 376, dtd- 12/02/2025 that now onwards I shall be known as **BALARAM NAYAK** for all future purposes.

# ସମ୍ପାଦକୀୟ



ବିରୋଧ ଓ ସମାଲୋଚନା କରିବାର ଅଧିକାର ହିଁ ଗଣମାଧ୍ୟମର ବାସ୍ତବ ସ୍ୱାଧୀନତା ।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ମାଗଣାଜୀବୀଙ୍କ ସମାଜ

ସାମାଜିକ-ଆର୍ଥିକ ବୈଷମ୍ୟ ଦୂର କରି ଏକ ସମାବେଶୀ ରାଷ୍ଟ୍ରଗଠନର ମହତ୍ ଲକ୍ଷ୍ୟରେ ଆମ ବିଜ୍ଞ ସମ୍ବିଧାନ ପ୍ରଣେତାମାନେ ଯେଉଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ ତାହା କାଳକ୍ରମେ କ୍ଷମତାସର୍ବସ୍ୱ ନିର୍ବାଚନୀ ରାଜନୀତିର ଅସ୍ତ୍ର ଭାବେ ସାମାଜିକ ଗୋଷ୍ଠୀବାଦକୁ ଯେପରି ବିଦୀର୍ଣ୍ଣ କରିଚାଲିଛି, ତାହାର ବର୍ଣ୍ଣନା ଅନାବଶ୍ୟକ । ଜଗତୀକରଣ ପରବର୍ତ୍ତୀ ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାର-ଅର୍ଥନୈତିକ ବ୍ୟବସ୍ଥାରେ ଏହି ସଂରକ୍ଷଣ-ରାଜନୀତି ଅସ୍ତ୍ରର ପ୍ରଭାବ କ୍ରମଶଃ ନିଷ୍ପ୍ରଭ ହେଉଥିବା ଲକ୍ଷ୍ୟ କରି ନିର୍ବାଚନୀ ରଣନୀତିକାରମାନେ 'ମାଗଣା ଯୋଜନା(ଫ୍ରିବିଜ୍)' ନାମରେ ଆଉ ଏକ ନିର୍ବାଚନୀ ଅସ୍ତ୍ର ଉଦ୍‌ଭାବନ କରିଛନ୍ତି, ଯାହାର ଲକ୍ଷ୍ୟଭେଦୀ କ୍ଷମତା ଅଭୂତପୂର୍ବ ଓ ପ୍ରଶ୍ନାତୀତ । ରାଜ୍ୟ ଓ ଅଞ୍ଚଳ ଭିତ୍ତିରେ ନୂଆ ରୂପ ଓ ନୂଆ ନାମରେ ପ୍ରୟୋଗ ହେଉଥିବା ଶତପ୍ରତିଶତ ସାଫଲ୍ୟମଣ୍ଡିତ ଏହି ଅମୋଘ ଅସ୍ତ୍ର ବ୍ୟବହାରୀଙ୍କ ବିଜୟ ସମ୍ଭାବନାକୁ ସୁନିଶ୍ଚିତ କରୁଛି ଏବଂ ଅପରପକ୍ଷରେ ସ୍ୱାଭାବିକ ଭାବରେ ଏକ କର୍ମକୁଣ୍ଠ ସମାଜିକ ଅର୍ଥବ୍ୟବସ୍ଥାର ଭିତ୍ତି ପ୍ରସ୍ତୁତ କରିଚାଲିଛି । ଏହି ଅସ୍ତ୍ରର ସଂକ୍ରାମକ ଶକ୍ତି ଏତେ ପ୍ରଖର ଯେ ପ୍ରତିଟି ନିର୍ବାଚନ ପରେ ଲକ୍ଷଲକ୍ଷ ଭୋଟର ମାଗଣାଜୀବୀ ବା ସରକାରୀ-ଅନ୍ନଜୀବୀରେ ରୂପାନ୍ତରିତ ହୋଇଚାଲିଛନ୍ତି । ନିର୍ବାଚନୀ ରାଜନୀତିର ଚକ୍ରବ୍ୟୂହରେ ଆମ ଲକ୍ଷ୍ୟ-ଅଲକ୍ଷ୍ୟରେ ସମ୍ପ୍ରସାରିତ ହୋଇଚାଲିଥିବା ଏଭଳି କର୍ମକୁଣ୍ଠ ସାମାଜିକ-ଅର୍ଥ ବ୍ୟବସ୍ଥାର ସୁଦୂରପ୍ରସାରୀ ପ୍ରଭାବ କେତେ ଭୟଙ୍କର ହୋଇପାରେ ତାହା କ୍ଷମତାନ୍ଧ ନୀତିନିର୍ଦ୍ଧାରକମାନେ ଜାଣି ମଧ୍ୟ ଅକ୍ଷମଣୀୟ ସମ୍ବେଦନହୀନତା ପ୍ରଦର୍ଶନ କରିଚାଲିଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ଉଦ୍‌ବେଗ ପ୍ରକାଶ କରି ରାଜନୈତିକ ଦଳମାନଙ୍କୁ ଏହାର ପରାଭବ ବିଷୟରେ ଚେତାଇ ଦେଇଛନ୍ତି ।

ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଦାରିଦ୍ର୍ୟ ଦୂରୀକରଣ ପାଇଁ ବୈଶ୍ୱିକ, ଜାତୀୟ ଓ ଆଞ୍ଚଳିକ ସ୍ତରରେ ବିଭିନ୍ନ ଦୀର୍ଘମିଆଦୀ କାର୍ଯ୍ୟପନ୍ଥାମାନ ଗ୍ରହଣ କରାଯାଉଛି । ଏହାପଛର ମହତ୍ ଉଦ୍ଦେଶ୍ୟ ହେଉଛି - ଯଦି ଲୋକଙ୍କ ମନରୁ ଦୈନନ୍ଦିନ ପେଟପାଟଣା ଚିନ୍ତା ଦୂର କରିଦିଆଯାଏ ସେମାନେ ରୋଜଗାରର ରାହା ଖୋଜିବାରେ ଅବଶିଷ୍ଟ ସମୟ ବିନିଯୋଗ କରିପାରିବେ । ଅବହେଳିତ ଓ ଦରିଦ୍ର ବର୍ଗଙ୍କ କଲ୍ୟାଣ ଓ ବିକାଶ ଏକ ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ । କିନ୍ତୁ ଏହି ଦାୟିତ୍ୱର ରାଜନୀତିକରଣ ଯୋଗୁଁ ନୀତି ନିର୍ଦ୍ଧାରଣକାରୀଙ୍କ ମହତାକାଂକ୍ଷା ପରାହତ ହେଉଛି ଏବଂ ରିହାତି ଯୋଜନା ଲୋକଙ୍କୁ ସ୍ୱାବଲମ୍ବନ ଉଦ୍ୟମୀ କରିବା ପରିବର୍ତ୍ତେ ପରାନ୍ନଭୋଜୀ ମନସ୍କ ଓ କର୍ମବିମୁଖ କରୁଛି ।

ଭୋଟସର୍ବସ୍ୱ ଗଣତାନ୍ତ୍ରିକ ଶାସନ ସଂସ୍କୃତିରେ ଏକ ବିଶାଳ ଜନସମୂହକୁ ମାଗଣା ବିଜୁଳି, ପାଣି, ଇନ୍ଧନ, ଘର, ରାସନ, ଏପରିକି ସବୁ କର୍ମକ୍ଷମଙ୍କୁ ନଗଦ ହସ୍ତାନ୍ତର ପ୍ରତିଶ୍ରୁତି ପ୍ରତିଯୋଗିତାରେ ଅନେକ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରି ଋଣଗ୍ରସ୍ତ ଓ ଦେବାଳିଆ ହେବାକୁ ବସିଲେଣି । ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଆବଶ୍ୟକ ସମ୍ବଳ ନ ଥିବାରୁ ଋଣ କରି କିମ୍ବା ବିକାଶମୂଳକ ଯୋଜନାରୁ ଖର୍ଚ୍ଚ କାଟ କରି ରିହାତି ଓ ମାଗଣା ଯୋଜନା ଚଳାଇ ରଖିବାକୁ ସେମାନେ ବାଧ୍ୟ ହେଉଛନ୍ତି । ଯୋଜନାର ସିଂହଭାଗ ବାଟମାରଣା ହେଉଥିବାରୁ 'ଥିଲାବାଲା' ଅଧିକ ଉପକୃତ ହେଉଛନ୍ତି ଏବଂ 'ନଥିଲାବାଲା'ଙ୍କ ସ୍ଥିତିରେ ଉନ୍ନତି ଘଟୁନାହିଁ । ଅଧିକନ୍ତୁ ଏସବୁ ମାଗଣା ଯୋଜନାର କୁ-ପ୍ରଭାବ ସାଧାରଣ ଟିକସଦାତାଙ୍କ ଅବଦାନରେ ସମୃଦ୍ଧ ରାଜକୋଷ ଓ ଦେଶର ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଉଛି । ତେଣୁ ଟିକସଦାତା ମଧ୍ୟ ଏଭଳି ମାଗଣା ସଂସ୍କୃତି ବିରୋଧରେ ସ୍ୱର ଉଠାଉଥିବା ଦେଖାଯାଉଛି । ସର୍ବୋଚ୍ଚ ନ୍ୟାୟାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନିତି ଆୟୋଗ ମଧ୍ୟ ରାଜନୈତିକ ଦଳମାନଙ୍କର ଏଭଳି ମାଗଣା ଯୋଜନା ଇସ୍ତାହାରକୁ ନାପସନ୍ଦ କରିଛନ୍ତି ।

ଗତ ବୁଧବାର ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଯୋଜନାର ସମାଜ ଓ ଅର୍ଥନୀତିରେ ଉପରେ ସୁଦୂରପ୍ରସାରୀ କୁପ୍ରଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ନିକଟରେ ସମାପ୍ତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ନଗଦ ହସ୍ତାନ୍ତର ଯୋଜନାର ସେଠାକାର କୃଷିଶ୍ରମିକଙ୍କ ଉପରେ ପ୍ରଭାବକୁ ଉଦାହରଣ ରୂପେ ନେଇ 'ଏଭଳି ଭୋଟସର୍ବସ୍ୱ ରାଜନୀତି ଦେଶରେ ପରଜୀବୀ ସମାଜ ସୃଷ୍ଟି କରୁନାହିଁ କି?' ବୋଲି ଖଣ୍ଡପୀଠ ରାଜନୈତିକ ଦଳମାନଙ୍କୁ ପରୋକ୍ଷରେ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ସରକାରଙ୍କ ମାଗଣା ଯୋଜନା ଲୋକଙ୍କୁ କର୍ମକୁଣ୍ଠ କରି ପରଜୀବୀ ସମାଜ ସୃଷ୍ଟି କରୁଛି । ଏହାର ପ୍ରଭାବ ଗ୍ରାମ୍ୟ ଶ୍ରମସଂସ୍କୃତି ଉପରେ ପଡୁଛି । ଏହାପୂର୍ବରୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କଲା ଭଳି ରିହାତି ବା ମାଗଣା ଯୋଜନା ଘୋଷଣାକୁ ସମାଲୋଚନା କରିଥିଲେ । ଏଥିନିମନ୍ତେ ନିର୍ବାଚନ ପ୍ରକ୍ରିୟା ଓ ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ନିର୍ବାଚନ ଆୟୋଗଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ନିର୍ବାଚନ ଆୟୋଗର ଆଇନ ପ୍ରଣୟନ କ୍ଷମତା ନାହିଁ କି ଅସୀମିତ କାର୍ଯ୍ୟକ୍ଷମତା ନାହିଁ । ଏଥିପାଇଁ ଜନପ୍ରତିନିଧି ଆଇନରେ ଯେଉଁ ସଂଶୋଧନ ଆବଶ୍ୟକ ତାହାର ଦାୟିତ୍ୱ ବିଧାନପାଳିକାର । ମାଗଣା ଯୋଜନା ଘୋଷଣା ଏକ ରାଜନୈତିକ ସଂସ୍କୃତିରେ ପରିଣତ ହୋଇସାରିଥିବାରୁ ରାଜନୈତିକ ଦଳମାନେ ସମ୍ପୃକ୍ତ ଆଇନ ସଂଶୋଧନ କରିବାର ସମ୍ଭାବନା ମଧ୍ୟ କ୍ଷୀଣ । ଏହାକୁ ଯଥାର୍ଥରେ ହୃଦ୍‌ବୋଧ କରି ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଯୋଜନା ଅପସଂସ୍କୃତିର ଅବସାନ ପାଇଁ ପରାମର୍ଶ ଦେବାକୁ ନିତି ଆୟୋଗ, ଅର୍ଥ ଆୟୋଗ, ନିର୍ବାଚନ ଆୟୋଗ, ଆରବିଆଇ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସଦସ୍ୟତାରେ ଏକ କମିଟି ଗଠନ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସେହି କମିଟିର କାର୍ଯ୍ୟକାରିତା ମଧ୍ୟ ଏବେ ଅନ୍ଧାରରେ ।

ନିର୍ବାଚନ ଆୟୋଗ କ୍ଷମତାସୀନ ଦଳର ହାତବାରିସୀ ହେଉଥିବା ଅଭିଯୋଗ ଆଧାରରେ ଆଇନ ପ୍ରଣୟନ ହେଲେ ମଧ୍ୟ ତାହା ଯେ ଶୃଙ୍ଖଳିତ ହେବ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ । କେବଳ ଜନତା ଜନାର୍ଦ୍ଦନ ହାତରେ ହିଁ ଏହାର ପ୍ରତିକାର ରହିଛି । ଯଦି ମାଗଣା ଯୋଜନା ବଦଳରେ କର୍ମସଂସ୍ଥାନ ସୃଷ୍ଟି ଇସ୍ତାହାରରେ ସ୍ଥାନିତ କରିବା ପାଇଁ ଭୋଟର ସର୍ତ୍ତ ରଖନ୍ତେ ତେବେ ଏହି ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବାର ଆଶା ରହିଛି । କିନ୍ତୁ ଅଧୁନା କ୍ଷମତା ରାଜନୀତିର କୌଶଳରେ ଭୋଟରଙ୍କୁ ପରାନ୍ନଭୋଜୀ ଜରିଆରେ ବଶମ୍ବଦ କରିରଖିଲେ ସେମାନେ ଶାସନବିରୋଧୀ ପରିବେଶ ସୃଷ୍ଟି କରିବେ ନାହିଁ କି ସଚେତନଧର୍ମୀ ହେବେ ନାହିଁ । କିନ୍ତୁ ଏକ ସରକାରୀ-ଅନ୍ନଭୋଜୀ କର୍ମସଂସ୍କୃତିର ଭିତ୍ତି ଉପରେ ସ୍କିଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଆଦିର ନାରା ଦେଇ ବିଶ୍ୱଗୁରୁ ହେବାର ସ୍ୱପ୍ନ ସାକାର ହେବ ନାହିଁ- ଏହି ଆପ୍ତ ସତ୍ୟକୁ କ୍ଷମତାସୀନ ରାଜନୈତିକ ଦଳମାନେ ହେଜିବା ଦରକାର ।

## ଏକକ ନାଗରିକ ସଂହିତାର ଆବଶ୍ୟକତା

**ଗଦାଧର ବଳ**

ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ବହୁଚର୍ଚ୍ଚିତ ଏକକ ନାଗରିକ ସଂହିତା(ୟୁନିଫର୍ମ ସିଭିଲ୍ କୋଡ) ପ୍ରଣୟନ କରିସାରିବା ପରେ ଗୁଜୁରାଟ ସରକାର ଏହି ଆଇନ ପ୍ରଣୟନ କରିବାକୁ ଘୋଷଣା କରିଛି । ସମ୍ବିଧାନର ଅନୁଚ୍ଛେଦ ୪୪ରେ ଉଲ୍ଲେଖ ରହିଛି ଯେ ରାଜ୍ୟମାନେ ଦେଶର ନାଗରିକମାନଙ୍କ ପାଇଁ ଏକକ ନାଗରିକ ସଂହିତା ପ୍ରଣୟନ ସୁନିଶ୍ଚିତ କରିବାର ପ୍ରୟାସ କରିବେ । ଅର୍ଥାତ ନାଗରିକମାନଙ୍କ ହିତ ପାଇଁ ରାଜ୍ୟଗୁଡ଼ିକୁ ଆଇନ ତିଆରି କରିବାର କ୍ଷମତା ପ୍ରଦାନ କରାଯାଇଛି । ତେବେ ଏହାକୁ ଲାଗୁ କରିବାରେ ଏତେ ବାଦବିବାଦ କ'ଣ ପାଇଁ?

ଏହାର ଇତିହାସ ତର୍ଜମା କଲେ ଜଣାଯାଏ ଯେ ବ୍ରିଟିଶ ଶାସନକାଳରେ ସର୍ବପ୍ରଥମେ ଭାରତବର୍ଷରେ ଧର୍ମ ଆଧାରରେ ଶାସନ ବ୍ୟବସ୍ଥା ଲାଗୁ କରବା ପାଇଁ ୧୮୩୫ ମସିହାରେ ଲର୍ଡ ମକାଉଲଙ୍କ ଅଧ୍ୟକ୍ଷତାରେ ଏକ ଆୟୋଗ ଗଠନ ହୋଇଥିଲା । ଆୟୋଗ ଆପରାଧିକ ମାମଲାଗୁଡ଼ିକର ବିଚାର ପାଇଁ ସବୁ ଧର୍ମର ଲୋକମାନଙ୍କ ହିତରେ ଗୋଟିଏ ଆଇନ ପ୍ରଣୟନ କରିବା ପାଇଁ ସୁପାରିସ କରିଥିବା ବେଳେ ବିବାହ, ଛାଡ଼ପତ୍ର, ପୋଷ୍ୟସନ୍ତାନ ଗ୍ରହଣ, ଉତ୍ତରାଧିକାରୀ ସୂତ୍ରେ ପୈତୃକ ସମ୍ପତ୍ତି ପାଇବା ଆଦି ନିୟମ ଅଲଗା ଅଲଗା ଥିବାରୁ ହିନ୍ଦୁ ଓ ମୁସଲମାନ ଧର୍ମାବଲମ୍ବୀ ଲୋକମାନଙ୍କ ପାଇଁ ଗୋଟିଏ ଆଇନ ପ୍ରଣୟନ କରିବା ସମ୍ଭବ ହୋଇ ନଥିଲା । ତେଣୁ ଧର୍ମଭିତ୍ତିକ ନାଗରିକ ଆଇନ ଲାଗୁ କରିବା ପାଇଁ ଆୟୋଗ ସୁପାରିସ କରିଥିଲେ । ପରବର୍ତ୍ତୀ ସମୟରେ ଜନସଂଖ୍ୟା ବୃଦ୍ଧି, ପ୍ରଶାସନିକ ଆବଶ୍ୟକତାକୁ ଉପଲବ୍ଧି କରି ୧୯୩୫ ମସିହାରେ ବ୍ରିଟିଶ ସରକାର ଏକ ରିପୋର୍ଟ ପ୍ରସ୍ତୁତ କରି ଅପରାଧ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ନୂଆ ଆଇନ ପ୍ରସ୍ତୁତ କରିଥିଲେ । ଏପରିକି ହିନ୍ଦୁ ଓ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାର ପ୍ରୟାସ କରିଥିଲେ । ୧୯୩୭ ମସିହାରେ ସରିୟାତ ଆଇନ ଅନୁସରଣ କରି 'ମୁସଲିମ ପର୍ସନାଲ୍ ଲ' ପ୍ରଣୟନ କରା ଯାଇଥଲା, ଯାହା ଅଦ୍ୟାବଧି ବଳବତ୍ତର ରହିଛି । ୧୯୪୧ ମସିହାରେ ବି.ଏନ.ରାୟଙ୍କ ଅଧ୍ୟକ୍ଷତାରେ ଏକ ଆୟୋଗ ଗଠନ କରି ସରକାର ସବୁ ନାଗରିକମାନଙ୍କ ପାଇଁ ଗୋଟିଏ ଆଇନ ଲାଗୁ କରିବା ପାଇଁ ମତ ରଖିଥିଲେ ।

ସ୍ୱାଧୀନତା ପରେ ଅନୁଷ୍ଠିତ ୧୯୪୮ ମସିହାରେ ପ୍ରଥମ ସମ୍ବିଧାନ ସଭାରେ ହିନ୍ଦୁ ସଂହିତା ପାଇଁ ବିଧେୟକ ଅଣାଗଲା । ଏହି ଆଇନର ଲକ୍ଷ୍ୟ ଥିଲା ମହିଳାମାନଙ୍କ ବାଲ୍ୟ ବିବାହ, ସତୀଦାହ ପରି କୁପ୍ରଥାଗୁଡ଼ିକ ଉଚ୍ଛେଦ କରିବା । ମାତ୍ର ସେତେବେଳର ଜନସଂଘ ନେତାମାନଙ୍କ ମଧ୍ୟରେ ଶ୍ୟାମା ପ୍ରସାଦ ମୁଖାର୍ଜି, କରପାତ୍ରୀ ମହାରାଜ ପ୍ରମୁଖ ବିରୋଧ କରିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା । ୧୯୫୧ ମସିହା ଅଗଷ୍ଟ ୧୦ ତାରିଖରେ ଡ. ବାବା ସାହେବ ଆମ୍ବେଦକର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଚିଠି ଲେଖି ଅନୁରୋଧ କରିବା ପରେ ୧୯୫୫ ମସିହାରେ ଧର୍ମ, ଚାଲିଚଳଣ, ସାମାଜିକ ବ୍ୟବସ୍ଥାକୁ ନେଇ 'ହିନ୍ଦୁ ବିବାହ ଆଇନ', 'ହିନ୍ଦୁ ଉତ୍ତରାଧିକାରୀ ଆଇନ', 'ହିନ୍ଦୁ ଆଡପ୍‌ସନ ଆଣ୍ଡ ମେଣ୍ଟେନାନ୍ସ ଆଇନ', 'ହିନ୍ଦୁ ମାଇନରିଟି ଆଣ୍ଡ ଗାର୍ଡିଆନସିପ ଆଇନ' ପ୍ରଣୟନ ହେଲା, ଯାହା ଅଦ୍ୟାବଧି କାର୍ଯ୍ୟ କରିଆସୁଛି । ସେହିପରି ପ୍ରାକ-ସ୍ୱାଧୀନତା କାଳରେ ମୁସଲମାନମାନଙ୍କ ପାଇଁ ପ୍ରଣୀତ 'ମୁସଲିମ ପର୍ସନାଲ ଲ', ୧୮୭୨ ମସିହାରୁ ପ୍ରଚଳିତ 'ଇସାଇ ବିବାହ ଅଧିନିୟମ', 'ପାର୍ସି ବିବାହ ବିଚ୍ଛେଦ ଆଇନ ୧୯୩୮' ଓ ଶିଖମାନଙ୍କ ପାଇଁ ସଂଶୋଧିତ 'ଆନନ୍ଦ ବିବାହ ଆଇନ ୨୦୧୨' ପ୍ରଚଳିତ ହୋଇଆସୁଛି ।

ଦେଶ ସ୍ୱାଧୀନ ହେବା ପରେ ଡ. ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା । ସେ ଏକକ ନାଗରରିକ ସଂହିତା ପାଇଁ ଆଇନ ପ୍ରଣୟନ ଲାଗି ମତ ଦେଇଥିବା ବେଳେ ଅନେକେ ଏହାକୁ ବିରୋଧ କରିଥିଲେ । ଫଳରେ ସମ୍ବିଧାନର ଭାଗ ୪ ଅନୁଚ୍ଛେଦ ୪୪ରେ ଡାଇରେକ୍ଟିଭ ପ୍ରିନ୍ସିପିଲ ଅଫ ଷ୍ଟେଟ ପଲିସି ଅନୁଯାୟୀ ରାଜ୍ୟମାନଙ୍କୁ ଏକକ ନାଗରିକ ସଂହିତା ଆଇନ ଆଣିବା ପାଇଁ କ୍ଷମତା ପ୍ରଦାନ କରାଗଲା । ଅନ୍ୟପକ୍ଷରେ ଅନୁଚ୍ଛେଦ ୨୫ରେ ନାଗରିକମାନଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରଦାନ କରାଯାଇ ନିଜ ରୁଚି ଅନୁଯାୟୀ ଧର୍ମ ଗ୍ରହଣ, ପାଳନ, ପୂଜନ ଇତ୍ୟାଦି ଧାର୍ମିକ କାର୍ଯ୍ୟ କରିବାକୁ ମୌଳିକ ଅଧିକାର ପ୍ରଦାନ କରାଗଲା । ସେହିପରି ସମ୍ବିଧାନର ଅନୁଚ୍ଛେଦ ୧୪-୧୫ରେ ଲିଙ୍ଗଗତ ବୈଷମ୍ୟ, ଅନୁଚ୍ଛେଦ ୨୧ରେ ମହିଳାମାନଙ୍କ ଉପଯୁକ୍ତ ସମ୍ମାନ ରକ୍ଷା ପାଇଁ ବ୍ୟବସ୍ଥା କରାଯିବାରୁ ଏକକ ନାଗରିକ ସଂହିତା ପ୍ରଣୟନ କରିବାରେ ବାଧକ ହେଲା ।

ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୧୨୫ ସବୁ ଧର୍ମର ମହିଳାମାନଙ୍କ ପାଇଁ ପ୍ରଯୁଜ୍ୟ ଥିବାରୁ ୧୯୮୫ ମସିହାରେ 'ସାହା ବାନୋ' ମାମଲାରେ ସର୍ବୋଚ୍ଚ ଅଦାଲତ ଇସ୍‌ଲାମ୍ ଆଇନର ତିନି ତଲାକ ବା ବିବାହ ବିଚ୍ଛେଦ ସର୍ତ୍ତକୁ ଅଗ୍ରାହ୍ୟ କରି ତାଙ୍କ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନଙ୍କୁ ମାସିକ ଭରଣପୋଷଣ ଦାୟିତ୍ୱ ନେବା ପାଇଁ ଆଦେଶ ଦେଲେ । ଏହାପରେ ସମ୍ପୃକ୍ତ ସମ୍ପ୍ରଦାୟପକ୍ଷରୁ ପ୍ରତିବାଦ ଉଠିଥିଲା । ସମ୍ବିଧାନର ମୁଖବନ୍ଧରେ ସମସ୍ତ ନାଗରିକ ସମାନ ହୋଇଥିବା ଉଲ୍ଲେଖ ଥିବାରୁ ଏକକ ନାଗରିକ ସଂହିତା ପ୍ରଣୟନ କରିବା ପାଇଁ ସେହି ରାୟରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ପରିସ୍ଥିତିର ସମ୍ବେଦନଶୀଳତା ଦୃଷ୍ଟିରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମୁସଲିମ ଓମେନ(ପ୍ରୋଟେକସନ ଅଫ ରାଇଟ ଅନ ଡାଇଭର୍ସ) ୧୯୮୬ ପ୍ରଣୟନ କରିଥିଲେ । ଏହି ସ୍ୱତନ୍ତ୍ର ଆଇନ ବଳରେ ତଲାକ ସମୟରେ ସ୍ୱାମୀ କେବଳ ଇଦତ୍ ପାଇଁ ଭରଣପୋଷଣ ଦେବାକୁ ନିୟମ ପ୍ରଣୟଣ କରାଗଲା । କିନ୍ତୁ ଏହି ଆଇନ ସଂଖ୍ୟାଲଘୁ ମହିଳାମାନଙ୍କର ଅଧିକାର କ୍ଷୁଣ୍ଣ କରୁଥିବା ଅଭିଯୋଗରେ ଉଭୟ ହିନ୍ଦୁ ଓ ମୁସଲମାନ ମହିଳାମାନେ ଆପତ୍ତି ଉଠାଇଥିଲେ । ସେହିପରି ୧୯୯୫ ମସିହାରେ ସାରଳା ମୁଦଗଲ ମାମଲା, ୧୯୮୮ ମସିହାରେ ମିନୁ ମାଥୁର ମାମଲା, ୨୦୦୩ ମସିହାରେ ଜନ୍ ବଲବନ୍ତ ମାମଲା ଓ ୨୦୧୭ ମସିହାରେ 'ସାଏରା ବାନୋ' ମାମଲାରେ ତିନି ତଲାକକୁ ଅସାମ୍ବିଧାନିକ କହି ଏକକ ନାଗରିକ ସଂହିତା ପ୍ରଣୟନ ପାଇଁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରି ଅନେକ ମାମଲାରେ ସର୍ବୋଚ୍ଚ ଅଦାଲତ ସବୁ ନାଗରିକମାନଙ୍କ ପାଇଁ ଗୋଟିଏ ଆଇନ ପ୍ରଣୟନ ପାଇଁ କେନ୍ଦ୍ରସରକାରଙ୍କୁ କହି ଆସୁଛନ୍ତି ।

ଅନୁମାନ କରାଯାଉଛି ଏକକ ନାଗରିକ ସଂହିତା ଲାଗୁ କରାଗଲେ ସାଧାରଣତଃ ୧୦ ଗୋଟି ସମାନ ଆଇନ ଲାଗୁ ହେବାର ସମ୍ଭାବନା ରହିଛି । ସବୁ ନାଗରିକମାନଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ସୀମା ଧାର୍ଯ୍ୟ, ବିବାହ ବିଚ୍ଛେଦର ଆଧାର ଓ ପ୍ରଣାଳୀ, ପତ୍ନୀକୁ ଭରଣପୋଷଣ ଦେବାର ନିୟମ, ପୋଷ୍ୟସନ୍ତାନ ଗ୍ରହଣ କରିବାର ଆଧାର ଓ ପ୍ରଣାଳୀ, ଉତ୍ତରାଧିକାରୀ ଚୟନର ପ୍ରଥା ଓ ପ୍ରଣାଳୀ, ବହୁ ବିବାହ ଉପରେ ପ୍ରତିବନ୍ଧକ ଇତ୍ୟାଦି ମୁଖ୍ୟ ଆଇନ ହେବାର ସମ୍ଭାବନା ରହିଛି । 'ମୁସଲମାନ ପର୍ସନାଲ ଲ' ସରିୟାତ ଆଇନ ଆଧାରିତ, ଯାହାକି ଦୀର୍ଘ ୧୪ ଶହ ବର୍ଷର ପୁରୁଣା । ଏହା ଆସ୍ଥା ତଥା ବିଶ୍ୱାସ ଉପରେ ପର୍ଯ୍ୟବସିତ । ତେଣୁ ଏକକ ନାଗରିକ ସଂହିତା ଗ୍ରହଣୀୟ ହେବ ନାହିଁ ବୋଲି ମତ ପ୍ରକାଶ ପାଉଛି । ହିନ୍ଦୁମାନଙ୍କ ମଧ୍ୟରେ ମଧ୍ୟ କିଛି ସମ୍ପ୍ରଦାୟ ଏହି ଆଇନକୁ ବିରୋଧ କରିବାର ସମ୍ଭାବନା ରହିଛି । ଆମ ଦେଶରେ ପ୍ରାୟ ୭୦୫ ପ୍ରକାରର ଆଦିବାସୀ ବା ଉପଜାତି ବସବାସ କରନ୍ତି, ଯାହାକି ଦେଶର ଜନସଂଖ୍ୟାର ୮.୬ % । ଆଦିବାସୀ ପରମ୍ପରା ଅନୁଯାୟୀ ସେମାନଙ୍କର ଏକାଧିକ ପତ୍ନୀ ଗ୍ରହଣ କରିବାର ପ୍ରଥା ରହିଛି । ଯଦି ଏକକ ନାଗରିକ ସଂହିତା ପ୍ରଣୟନ ହୁଏ, ସେମାନେ ଏହି ଆଇନକୁ ବିରୋଧ କରିବାର ସମ୍ଭାବନା ରହିଛି । ସେହିପରି ହିନ୍ଦୁ ଯୌଥ ପରିବାର ମଧ୍ୟରେ ହେଉଥିବା ଆୟରେ ସମସ୍ତ ସଦସ୍ୟଙ୍କର ସମାନ ଅଂଶ ବାବଦରେ ଯଦି ନିୟମ ହୁଏ, ତେବେ ଏହି ଆଇନକୁ ସେମାନେ ନିଶ୍ଚିୟ ବିରୋଧ କରିବେ ବୋଲି ମତ ପ୍ରକାଶ ପାଉଛି ।

୨୦୧୫ ମସିହାରେ ଜାରି ଏକ ସରାକାରୀ ପରିସଂଖ୍ୟାନରୁ ଜଣାଯାଏ ଯେ ଦକ୍ଷିଣ ଭାରତରେ ହିନ୍ଦୁ ମହିଳାମାନେ ନିଜ ପିତାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ୧୦.୫ %, ମାତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ୧୩.୦୨% ଓ ନିଜ ପିଉସା ବା ମାମୁଁଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ୩.୫% ବିବାହ କରିଥା'ନ୍ତି । ତେଣୁ ଏହି ଆଇନ ଲାଗୁ ହେଲେ ସେମାନେ ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବାରୁ ଏହାକୁ ବିରୋଧ କରିପାରନ୍ତି । ତେବେ ସମ୍ବିଧାନର ମୁଖବନ୍ଧରେ ଉଲ୍ଲିଖିତ 'ସମାନତା' ଆଧାରରେ ଏକକ ଆଇନ ମଧ୍ୟରେ ଦେଶର ସମସ୍ତ ନାଗରିକ ପରିଚାଳିତ ହେବା ଉଚିତ ବୋଲି ମତ ପ୍ରକାଶ ପାଉଛି । ଏହି ଆଇନ ଲାଗୁ ହେଲେ ସଂଖ୍ୟାଲଘୁ ମୁସଲମାନ ମହିଳାମାନେ ନିଜର ପୈତୃକ ସମ୍ପତ୍ତିରୁ ନିଜର ଭାଇମାନଙ୍କ ପରି ସମାନ ଭାଗ ପାଇପାରିବେ । ଗୋଟିଏ ଧର୍ମର ଲୋକ ଅନ୍ୟ ଧର୍ମରେ ବିବାହ କଲେ ଛାଡ଼ପତ୍ର ମଧ୍ୟ ସମାନ ନିୟମରେ ହେବ ଏବଂ ସ୍ୱତନ୍ତ୍ର ବିବାହ ଆଇନ ଉଚ୍ଛେଦ ହୋଇଯିବ । ସର୍ବୋପରି ନାଗରିକମାନଙ୍କ ମଧ୍ୟରେ ସମାନତାର ସନ୍ତୁଳନ ରଖିବାରେ ଏହି ଆଇନ ସହାୟକ ହେଇ ପାରିବ ।

**ଆଇନଜୀବୀ, ଭଦ୍ରକ, ୯୪୩୭୧୨୮୮୪୧**

## ବାଉଁଶ ଭାଙ୍ଗିବ ଜଳବାୟୁ ପରିବର୍ତ୍ତନର କୁଚକ୍ର

**ବୀରେନ୍ କୁମାର ଧଳ**

ପରିସଂସ୍ଥା (ଇକୋସିଷ୍ଟମ), ଅର୍ଥନୀତି ଓ ଜୀବଜଗତକୁ ପ୍ରଭାବିତ କରୁଥିବା ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ । ବିଶ୍ୱର ବିଭିନ୍ନ ଦେଶ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ସହିତ ଅଙ୍ଗାରକାମ୍ଳର ପୃଥକୀକରଣ ପାଇଁ ପ୍ରୟାସ ଚଳାଇଛନ୍ତି । ଏହିକ୍ରମରେ ବାଉଁଶ ଏକ ଆଶାଜନକ ସମାଧାନର ମାଧ୍ୟମ ଭାବରେ ଉଭା ହୋଇଛି । କ୍ଷୀପ୍ର ବୃଦ୍ଧି, ଅଧିକ ବାୟୋମାସ (ଜୈବିକ ଅଂଶ) ଓ ଅଙ୍ଗାରକାମ୍ଳ ପୃଥକୀକରଣ କ୍ଷମତା ହେତୁ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ବାଉଁଶ ଏକ ଉତ୍ତମ ବିକଳ୍ପ ହୋଇପାରିବ । ବିଭିନ୍ନ ଅଧ୍ୟୟନର ତଥ୍ୟ ଅନୁସାରେ ପାରମ୍ପରିକ ଉଦ୍ଭିଦ ଅପେକ୍ଷା ବାଉଁଶ ବାୟୁମଣ୍ଡଳରୁ ଅଧିକ ଅଙ୍ଗାରକାମ୍ଳ ଗ୍ରହଣ କରିଥାଏ । ଏହି ଅଙ୍ଗାରକାମ୍ଳ ତାହାର ପତ୍ର ଓ ଚେର ସହିତ ବାୟୋମାସରେ ଗଚ୍ଛିତ ଥାଏ ।

ମୃତ୍ତିକା କ୍ଷୟ ରୋକିବାରେ ମଧ୍ୟ ବାଉଁଶର ବିସ୍ତୃତ ମୂଳ ପ୍ରଣାଳୀ ବେଶ୍ ଉପଯୋଗୀ । ଅଙ୍ଗାରକାମ୍ଳର ପ୍ରାକୃତିକ ସଂରକ୍ଷଣ ପାଇଁ ଅନ୍ୟ ଉଦ୍ଭିଦ ତୁଳନାରେ ବାଉଁଶ ଅଧିକ ସହାୟକ ହୋଇଥାଏ । ଏହି ଉଦ୍ଭିଦ ସ୍ୱଳ୍ପ ସମୟରେ କେବଳ ନିଜ ବଂଶ ବୃଦ୍ଧି କରେ ନାହିଁ, ବରଂ ନିଜର କାୟା ବିସ୍ତାର କରିଚାଲେ । ବାୟୋମାସ୍ ଉତ୍ପାଦନ କ୍ଷମତା ଅଧିକ ହୋଇଥିବାରୁ ଜଳବାୟୁ ସନ୍ତୁଳନ ରକ୍ଷାରେ ବାଉଁଶ ପ୍ରକୃତିର ଏକ ଗୁରୁତ୍ୱପୂର୍ଣ୍ଣ କାରକ ରୂପେ ପରିଗଣିତ ହୋଇଥାଏ । ଏହା ବହୁ ପରିମାଣର ଜୈବ ପଦାର୍ଥ ଉତ୍ପାଦନ କରିଥାଏ । ଯାହାକୁ ବାୟୋଏନର୍ଜି (ଜୈବ ଶକ୍ତି) ସହିତ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ । ବାଉଁଶର ବାୟୋମାସକୁ କୋଇଲା (ଅଙ୍ଗାର) ଏବଂ ଜୈବିକ ଖତରେ ପରିଣତ କରାଯାଇପାରେ । ଶହ ଶହ ବର୍ଷ ଧରି ଏହି ଉଦ୍ଭିଦ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ପୃଥକ କରି ଚାଲିଛି । ବାଉଁଶ, କାଠର ଏକ ସ୍ଥାୟୀ ବିକଳ୍ପ । ବାଉଁଶକୁ କାଟିନେବା ପରେ ପୁନର୍ବାର ଏହାକୁ ରୋପଣ କରିବାକୁ ପଡ଼ିନଥାଏ । କାରଣ ଏହାର ଚେର ବା ମୂଳରୁ ନୂତନ ବାଉଁଶ ଗଛ ଜନ୍ମିଥାଏ । ଜଙ୍ଗଲ ଓ ଜଳ ସଂରକ୍ଷଣରେ ବାଉଁଶର ଯଥେଷ୍ଟ ଅବଦାନ ରହିଛି । ପାରମ୍ପରିକ ଜଙ୍ଗଲ ଉପରେ ବାଉଁଶ ଅପେକ୍ଷାକୃତ କମ୍ ଚାପ ପକାଉଛି ।

ସମଗ୍ର ବିଶ୍ୱରେ ପ୍ରାୟ ୩.୧୫ କୋଟି ହେକ୍ଟର ବାଉଁଶ ଜଙ୍ଗଲ ରହିଛି । ଚୀନ୍, ଭାରତ ଓ ମିଆଁମାର ବିଶ୍ୱର ପ୍ରମୁଖ ବାଉଁଶ ଉତ୍ପାଦନକାରୀ ଦେଶ । ଅନେକ ବିଶ୍ୱସ୍ତରୀୟ ସଂସ୍ଥା ଜଳବାୟୁ ପରିବର୍ତ୍ତନ ହ୍ରାସ ଦିଗରେ ବାଉଁଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦର୍ଶାଇଛନ୍ତି । ଇଥିଓପିଆ ଓ ଘାନା ପରି ଦେଶ ନିଜ ଭୂଖଣ୍ଡରେ ବନୀକରଣ ଓ ଜମି ପୁନରୁଦ୍ଧାର ଅଭିଯାନର ଏକ କାର୍ଯ୍ୟକ୍ରମ ଭାବରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି । କଲମ୍ବିଆ ଓ ଇକ୍ୱେଡୋର୍ ଭଳି ଦେଶ ସ୍ଥାୟୀ ବିକାଶ ଓ ଜଳବାୟୁର ସ୍ଥିରତା ପାଇଁ ବାଉଁଶକୁ ନିଜ ରାଷ୍ଟ୍ରୀୟ ରଣନୀତିରେ ଅନ୍ତର୍ଭୁକ୍ତ କରିଛନ୍ତି । ଚୀନ୍ ମଧ୍ୟ ଜଳବାୟୁ ନିୟନ୍ତ୍ରଣ ପାଇଁ ନିଜ ଦେଶର ବୃହତ ଅଞ୍ଚଳରେ ବାଉଁଶ ଚାଷ ସକାଶେ ପ୍ରୋତ୍ସାହନ ଯୋଗାଉଛି ।

ବିଶ୍ୱର ଶ୍ରେଷ୍ଠ ବାଉଁଶ ଉତ୍ପାଦନକାରୀ ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି । ଏଠାରେ ୧.୪ କୋଟି ହେକ୍ଟର ବାଉଁଶ ଜଙ୍ଗଲ ରହିଛି । ଆସାମ, ଅରୁଣାଚଳ ପ୍ରଦେଶ, ମିଜୋରାମ ସମେତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଦେଶର ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାଉଁଶ ଜଙ୍ଗଲ ରହିଛି । ବାଉଁଶ ଚାଷ ସହିତ ବାଉଁଶର ଉପଯୋଗିତା ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ବାଉଁଶ ମିଶନ ଗଢ଼ିଛନ୍ତି । ଭାରତୀୟ ବନ୍ୟ ଅନୁସନ୍ଧାନ ଏବଂ ଶିକ୍ଷା ପରିଷଦର ଏକ ଅଧ୍ୟୟନରେ ଆକଳନ କରାଯାଇଛି ଯେ ଭାରତର ବାଉଁଶ ବଣ ବାୟୁମଣ୍ଡଳରୁ ବାର୍ଷିକ ପ୍ରାୟ ୧୨କୋଟି ଟନ୍ ଅଙ୍ଗାରକାମ୍ଳ ଶୋଷଣ କରିନିଏ । ଏହି ପରିସଂଖ୍ୟାନ ଭାରତର ଜଳବାୟୁ ପରିବର୍ତ୍ତନ ହ୍ରାସ ପ୍ରୟାସରେ ବାଉଁଶର ସମ୍ଭାବ୍ୟ ଅବଦାନକୁ ନିର୍ଦ୍ଦେଶିତ କରୁଛି । ରାଷ୍ଟ୍ରୀୟ ବାଉଁଶ ମିଶନ ଗ୍ରାମୀଣ ସମ୍ପ୍ରଦାୟର ଜୀବନଜୀବିକା ବୃଦ୍ଧି ପାଇଁ ତଥା ପରିବେଶ ସୁରକ୍ଷାରେ ଉତ୍ତମ ଯୋଗଦାନ ସକାଶେ ଜଙ୍ଗଲ ନଥିବା ଅବା କମ୍ ଜଙ୍ଗଲ ଥିବା ଅଞ୍ଚଳରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରୁଛି । ଦେଶର କେତେକ ରାଜ୍ୟ ସରକାର ବାଉଁଶ ଚାଷ ଏବଂ ବ୍ୟବହାରକୁ ଉତ୍ସାହିତ ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ବାଉଁଶ ଚାଷ ଓ ଏହାର ପରିଚାଳନା ଉପରେ ଲୋକଙ୍କ ଜ୍ଞାନ ସୀମିତ । ଏଦିଗରେ ସଚେତନତା ଆବଶ୍ୟକ । ବାଉଁଶର ଅଙ୍ଗାରକାମ୍ଳ ପୃଥକୀକରଣ କ୍ଷମତା ମାପନ ପାଇଁ ମାନକୀକୃତ ପଦ୍ଧତିର ଅଭାବ ରହିଛି, ଯାହା ଜଳବାୟୁ ପରିବର୍ତ୍ତନ ସନ୍ଦର୍ଭରେ ବାଉଁଶର ଉପକାରଜନିତ ମୂଲ୍ୟାଙ୍କନକୁ ଜଟିଳ କରୁଛି । ବାଉଁଶର ପରିବେଶୀୟ ଓ ଅର୍ଥନୈତିକ ଲାଭକୁ ବୁଝିବା ପାଇଁ ଅନୁସନ୍ଧାନ କ୍ଷେତ୍ରରେ ବ୍ୟାପକ ବିନିଯୋଗ କରିବା, ବାଉଁଶ ଚାଷ ସହ ଏହାର ବ୍ୟବହାର ଓ ବ୍ୟବସାୟକୁ ପ୍ରୋତ୍ସାହିତ ସକାଶେ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରିବା, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ଓ ଭାଗଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ବାଉଁଶ ଉତ୍ପାଦ ପାଇଁ ବଜାର ସୃଷ୍ଟି ସହ ଏଥିସମ୍ବନ୍ଧୀୟ ବ୍ୟବସାୟ ପାଇଁ ବ୍ୟାପକ ପ୍ରଚାର ପ୍ରସାର ଆବଶ୍ୟକ ।

ସମ୍ପ୍ରତି ଜଳବାୟୁ ସମସ୍ୟା ବିରୁଦ୍ଧରେ ଚାଲିଥିବା ଲଢ଼େଇରେ ବାଉଁଶ ଏକ ମୂଲ୍ୟବାନ୍ ସମ୍ବଳ ରୂପେ ପରିଗଣିତ ହେବ । ସରକାର, ଗବେଷଣା ସଂସ୍ଥା ଓ ଜନସମାଜର ପ୍ରଚେଷ୍ଟାରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ସହ ବୈଶ୍ୱିକ ଜଳବାୟୁ ଲକ୍ଷ୍ୟ ହାସଲରେ ବାଉଁଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବାଉଁଶର କ୍ଷମତାକୁ ଉପଯୋଗ କରି ଆମେ ଏକ ସବୁଜିମା ଭରା ଜଳବାୟୁ ଅନୁକୂଳିତ ଭବିଷ୍ୟତ ଦିଗକୁ ଗତି କରିପାରିବା ।

**ବୈପାରୀଗୁଡ଼ା(କୋରାପୁଟ)**
**ମୋ: ୯୪୩୮୧୦୪୮୫୭**

## ବିଭୂତିର ଅଲୌକିକତା

**ଓଜସ୍ୱିନୀ**

**ବେଦ-ବିଜ୍ଞାନ**



ଯଜ୍ଞାନୁଷ୍ଠାନ ପରେ ଯଜ୍ଞର ପୁଣ୍ୟ ଫଳ ସ୍ୱରୂପ ହୋମକୁଣ୍ଡର ଭସ୍ମକୁ ବିଭୂତି ଭାବେ ମଥାରେ ଧାରଣ କରାଯାଏ । ଶୈବମାନେ କପାଳରେ ଓ ବାହୁରେ ଭସ୍ମରେ ତ୍ରିପୁଣ୍ଡ୍ର ତିଳକ କରିଥା'ନ୍ତି । ତ୍ରିପୁଣ୍ଡ୍ର ଧାରଣ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ବୋଲି ଶିବ ପୁରାଣରେ ଉଲ୍ଲେଖ ଅଛି । ତେଣୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଭୂତି ଦ୍ୱାରା ତିଳକ କରିବା ଦ୍ୱାରା ଈଶ୍ୱରୀୟ ସତ୍ତାର ଉପଲବ୍ଧି ହେବା ସହିତ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ବୈଦିକ ଶାସ୍ତ୍ର ଓ ପୁରାଣ ଅନୁସାରେ, ତ୍ରିପୁଣ୍ଡ୍ରର ତିନୋଟି ରେଖାରେ ୨୭ଜଣ ଦେବତା ବାସ କରିଥା'ନ୍ତି । ଏହି ବିଭୂତି ବା ଭସ୍ମ ତିଳକ ଶରୀରରେ ଥିବା ତିନୋଟି ନାଡ଼ି ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାର ପ୍ରତିନିଧିତ୍ୱ କରିଥାଏ । ଏହି ତ୍ରିପୁଣ୍ଡ୍ର ମହାଦେବଙ୍କର ତ୍ରିଗୁଣାତ୍ମକ ଶକ୍ତିର ସ୍ୱରୂପ ଅଟେ । ତେଣୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭସ୍ମ ତିଳକ ବା ବିଭୂତିକୁ କପାଳରେ ଲଗାଯାଏ ।

ଭସ୍ମର ଅଲୌକିକତା ସିଦ୍ଧ ହୋଇଥାଏ ଶିବ ଆରାଧନା ମାଧ୍ୟମରେ । ଉଜ୍ଜୟିନୀର ମହାକାଳଙ୍କ ନିତ୍ୟନୈମିତିକ ପୂଜା ଉପଚାରରେ ଭସ୍ମ ଆଳତିର ଏକ ପ୍ରମୁଖ ଓ ସ୍ୱତନ୍ତ୍ର ବିଧି ରହିଛି । ଭସ୍ମ ବିଭୂଷଣ ମହାଦେବ ନିଜର ଭସ୍ମ ଆବଶ୍ୟକତା ପାଇଁ ଭସ୍ମାସୁରର ସୃଷ୍ଟି ରହସ୍ୟ ଓ ପୌରାଣିକ ଆଖ୍ୟାନ ବିଷୟରେ ଆମେ ଅନ୍ବେବହୁତ ଅବଗତ । ତେଣୁ ଶୈବମାନେ ଭସ୍ମକୁ ପ୍ରାଧାନ୍ୟ ଦେଇଥା'ନ୍ତି ।

ଆୟୁର୍ବେଦରେ ମଧ୍ୟ ବିଭିନ୍ନ ପ୍ରକାର ଧାତୁ ଓ ରତ୍ନର ଭସ୍ମକୁ ପ୍ରୟୋଗ କରି ନାନାଦି ରୋଗର ଉପଚାରର ବିଧି ରହିଛି । ନିମ୍ନ ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଜ୍ୱର, କୋଷ୍ଠକାଠିନ୍ୟ ଆଦିର ଉପଚାର ପାଇଁ ଭସ୍ମ ଚିକିତ୍ସାର ବିଧି ଆୟୁର୍ବେଦରେ ରହିଥିବା ଜଣାଯାଏ । କିନ୍ତୁ ଭସ୍ମ ନିର୍ଦ୍ଦିଷ୍ଟ ଅନୁପାତରୁ ଅଧିକ ପରିମାଣର ସେବନ କଲେ ଉପକାର ବଦଳରେ ଅପକାର ହେବାର ଆଶଙ୍କା ରହିଛି । ତେଣୁ ବୈଦ୍ୟଙ୍କ ବିଧି ଓ ନିର୍ଦ୍ଦେଶ ମୁତାବକ ହିଁ ଏହା ସେବନ କରିବା ବିଧେୟ । ଶିରିଡ଼ି ସାଇ ବାବା ଓ ସାଇବାବାଙ୍କ ପ୍ରଦତ୍ତ ଭସ୍ମ ସେବନ ଦ୍ୱାରା ଅନେକ ଦୁରାରୋଗ୍ୟରୁ ମୁକ୍ତି ମିଳୁଥିବାର ବିଶ୍ୱାସ ବିଜଡ଼ିତ ଆଖ୍ୟାନମାନ ଶୁଣିବାକୁ ମିଳେ ।

ଏସବୁ ବ୍ୟତୀତ ବିଭୂତି ଲଗାଇବା ପଛରେ ଏକ ବୈଜ୍ଞାନିକ କାରଣ ମଧ୍ୟ ଅଛି । ସାଧୁସନ୍ଥମାନେ ଶରୀରରେ ଭସ୍ମ ବା ବିଭୂତି ଲଗାଇବା ପରେ ଶରୀରରେ ଥିବା ରୋମଛିଦ୍ର ବନ୍ଦ ହୋଇଯାଏ । ଲୋମକୂପ ବିଭୂତି ଦ୍ୱାରା ବନ୍ଦ ହୋଇଗଲେ ପରିବେଶର ଉତ୍ତାପ ବା ଖରା ଓ ଶୀତର ଶୀତଳତା ଅନୁଭୂତ ହୁଏ ନାହିଁ । ଆକ୍ୟୁପ୍ରେସର୍ ଚିକିତ୍ସା ପଦ୍ଧତି ଅନୁଯାୟୀ, ଦୁଇ ଭ୍ରୂଲତାର ମଝି ସ୍ଥାନ ହେଉଛି ଶରୀରର ସବୁ ତନ୍ତ୍ରିକାର ମୁଖ୍ୟ ବିନ୍ଦୁ ବା ମିଳନସ୍ଥଳ । ତେଣୁ ବିଭୂତି ତିଳକ ବା ଭସ୍ମଲେପନ ଦ୍ୱାରା ଏହି ସ୍ଥାନକୁ ଆଚ୍ଛାଦନ କରି ରଖିଲେ ଉତ୍ତାପଜନିତ ମସ୍ତିଷ୍କ ଜନିତ ରୋଗ ଓ ପୀଡ଼ାରୁ ମୁକ୍ତି ମିଳିଥାଏ । ଏହାସହିତ ବିଭିନ୍ନ ତନ୍ତ୍ରିକା ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି ହୋଇ ଶରୀର ସୁସ୍ଥ ରହେ ଏବଂ ଏକାଗ୍ରତା ମଧ୍ୟ ବୃଦ୍ଧି ପାଏ । ତେଣୁ ସାଧୁସନ୍ଥମାନେ ପ୍ରାୟତଃ ସବୁପ୍ରକାର ପରିସ୍ଥିତି ଓ ପରିବେଶରେ ସୁସ୍ଥ ରହିଥା'ନ୍ତି ଏବଂ ଏକାଗ୍ରଚିତ୍ତ ହୋଇ ତପସ୍ୟା କରିଥା'ନ୍ତି ।

**ମୋ: ୯୦୯୦୧୯୪୯୪୩**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମହିଳା ଅଧିକାର ଆଇନ ଆଲୋଚନାଚକ୍ର

**ଆସିକା,୧୩।୨(ସମିସ):** ଆସିକା ହରିହର ହାଇସ୍କୁଲ ନିକଟସ୍ଥ ସାବିତ୍ରୀ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ମହିଳା ଅଧିକାର ଆଇନ ଓ ସୁରକ୍ଷା ବ୍ୟବସ୍ଥା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆସିକା ବ୍ଲକ ସିଡିପିଓ ଇନ୍ଦିରା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ଜିଲ୍ଲା ପରିଷଦ ସଦସ୍ୟ ଅନିମା ପରିଡା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ହିସାବ ରକ୍ଷକ ଗୋପାଳକୃଷ୍ଣ ବେହେରା, ଜିଲ୍ଲାସ୍ତରୀୟ ତାଲିମ ଦାତା ହରିହର ପାଢ଼ୀଙ୍କ ସମେତ ବିଭିନ୍ନ ବର୍ଗ ର ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଆଶା, ଅଙ୍ଗନବାଡି, ସ୍ୱୟଂ ସହାୟକ ମହିଳା, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ, ମିଡ଼ିଆ ବନ୍ଧୁ, ସଖି ସହେଲି, କଲେଜ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର,୧୩।୨(ସମିସ):** ମହାଧନ ଏଗ୍ରିଟେକ ଲିମିଟେଡ଼ ପକ୍ଷରୁ କାଳିପଲ୍ଲୀ ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏମକେସିଜି ମେଡିକାଲ କଲେଜର ଡାକ୍ତର ଡ଼ାକ୍ତର ମିଳନ ପ୍ରଧାନ, ଡ଼ା ଦେବାଶିଷ ମିଶ୍ର ଓ ଡ଼ା କେ କ୍ରିଷ୍ଣା, ଡ଼ା ରବି ନାୟକ, ଡ଼ା ଅଞ୍ଜନ ମହାପାତ୍ର ପ୍ରମୁଖ ଡ଼ାକ୍ତର ଯୋଗଦେଇ ଚିକିତ୍ସା ସେବା ସହ ବିଭିନ୍ନ ରୋଗ ସମ୍ପର୍କିତ ପରାମର୍ଶ ଦେଇଥିଲେ। ଏଥିରେ ୧୦୩ଜଣ ରୋଗୀଙ୍କୁ ମେଡିସନ, ଏଣ୍ଡୋକୋଲୋଜିଷ୍ଟ, ସ୍ତ୍ରୀ ରୋଗ ଓ ଦାନ୍ତ ବିଶେଷଜ୍ଞ ଯୋଗ ଦେଇ ଚିକିତ୍ସା ସହ ଔଷଧ ବିତରଣ କରିଥିଲେ। କାଳିପଲ୍ଲୀ ସରପଞ୍ଚ ଓ ଯୁବକମାନେ ଏହାକୁ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ମହିଳା ଆଇନ ସଚେତନତା ଶିବିର

**ଖଲ୍ଲିକୋଟ,୧୩।୨(ସମିସ):** ରାଜ୍ୟ ମହିଳା କମିଶନ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଖଲ୍ଲିକୋଟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ ମହିଳା ମାନଙ୍କ ପାଇଁ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଏବିଇଓ ସୁଷମା ଶବର, ପୁଲିସ ଏସଆଇ ମାନସୀ ସାମଲ, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତ, ସିଡିପିଓ ପୁଷ୍ପ ଲତା ସାହୁ, ଆଇନଜୀବି ଜୟରାମ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ଓ ମହିଳା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କ ରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ସୁପରଭାଇଜର, ପିଆରଆଇ ମେମ୍ବର, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଏବଂ କଲେଜ ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସୁପରଭାଇଜର ସୁନିତା କୁମାରୀ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ଦନ୍ତ ଚିକିତ୍ସା ଶିବିର



**ବ୍ରହ୍ମପୁର,୧୩।୨(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ସମର ବାହିନୀ ଓ ବ୍ରହ୍ମପୁର ଡେଣ୍ଟାଲ କ୍ଲିନିକ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ସାମାଜିକ ବିଜ୍ଞାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। କ୍ୟାପ୍‌ଟେନ ଡ଼.ଜତିନ କୁମାର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କମାଣ୍ଡିଂ ଅଫିସର କର୍ଣ୍ଣେଲ୍ ସମୀର କୁମାର କର ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଦାନ୍ତ ସୁରକ୍ଷା ସଚେତନ କରିଥିଲେ। ପିଜିସି ଡ.ପଦ୍ମିନି ସାହୁ ଶିବିରକୁ ପରିଚାଳନା କରିଥିଲେ। ଡା.ଦିବ୍ୟାନି ଦେବ ଓ ଡା.ଶୁଭ୍ରା ଦେବ କୃତ୍ରିମ ବୁଦ୍ଧିମତା ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଶିବିରରେ ସଚେତନ ହୋଇ ଚିକିତ୍ସା ପରାମର୍ଶ ନେଇଥିଲେ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ରଙ୍ଗେଇଲୁଣ୍ଡା,୧୩।୨(ସମିସ):** ବୁଧବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଚାନ୍ଦପୁର ଗାଁରେ ଅନୁଷ୍ଠିତ ହୋଇଥିଲା। ସହକାରୀ ଉଦ୍ୟାନ ଅଧିକାରୀ ଐଶ୍ୱରୀୟ ପଣ୍ଡା ଅଧ୍ୟକ୍ଷତାରେ କରିଥିବାବେଳେ ଗୋଳନ୍ଥରା ଚଟି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୨ ମୁଖ୍ୟ ସୁଜିତ କୁମାର ନାଥ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା, ଏଫଏଫଡିସି ଉପ ନିର୍ଦ୍ଦେଶକ ଭି. ଭି. କାମେଶ୍ୱର ରାଓ, ଅବସରପ୍ରାପ୍ତ ପ୍ରଫେସର ପୁରୁଷୋତ୍ତମ ସାହ ଓ କୁକୁଡାଖଣ୍ଡି ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ରାକେଶ ରୋଶନ ବେହେରା ଯୋଗଦେଇଥିଲେ। ବିଭାଗର ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ମାନେ କହିବା କିଭଳି ଚାଷ କରିଲେ ଲାଭ ଦାୟକ ହେବା ସେ ନେଇ ପରାମର୍ଶ ଦେବା ପ୍ରଶିକ୍ଷଣ ଦେଇଥିଲେ।

## ଆଛୁଲି ମଣ୍ଡଳ ପକ୍ଷରୁ ସମର୍ପଣ ଦିବସ

**ପୁରୁଷୋତ୍ତମପୁର,୧୩।୨(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଲିଆ ବ୍ୟାଘ୍ରଦେବୀ ଡାଳଖାଇ ମନ୍ଦିର ପରିସରରେ ବିଜେପି ଆଛୁଲି ମଣ୍ଡଳ ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପୁଣ୍ୟ ତିଥି ଅବସରରେ ସମର୍ପଣ ଦିବସ ପାଳନ ହୋଇଯାଇଛି। ଆଛୁଲି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ରାଷ୍ଟ୍ର ଗଠନର ଦିଗ ଦର୍ଶନ ଦେଇଥିବା ଏକାଥ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମିଳିମିଶି କାମ କରିବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାକର ଆଚାର୍ଯ୍ୟ, ଜିତେନ୍ଦ୍ର ପାତ୍ର, କୈଳାସ ଗୌଡ, ଆଲୋକ ପଣ୍ଡା, ସୂର୍ଯ୍ୟନାରାୟଣ ବେହେରା, ଜଗନ୍ନାଥ ବେହେରା, ପ୍ରଭାକର ରାଉଳ, ଗୋବିନ୍ଦ ଦାଶ, ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ମଣ୍ଡଳ ସଭାପତି ମାନସ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ତାମ୍ପରାରେ ମାଛ ମାଫିଆ ପ୍ରସଙ୍ଗରେ ପ୍ରଦୂଷଣ ବୋର୍ଡକୁ ଚିଠି

**ଛତ୍ରପୁର,୧୩।୨(ସମିସ)**


ଛତ୍ରପୁର ବ୍ଲକ ବିପୁଲିଙ୍ଗି ପଞ୍ଚାୟତ ଅଧିନ କରାତଳି ତମ୍ପରା ହଦ୍ର ନିକଟରେ ସରକାରୀ ଜାଗା ଏବେ ଆନ୍ଧ୍ର ମାଛ ବ୍ୟବସାୟୀଙ୍କ କବଜାରେ ରହିଛି। ମାଛ ବ୍ୟବସାୟ ଦ୍ୱାରା ପାଣି ଦୂଷିତ ହେବା ସହ ଅନେକ ରୋଗ ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ପ୍ରସଙ୍ଗ ନେଇ ପ୍ରଶାସନର ତଦନ୍ତ ଜାରି ରହିଛି। ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି କହିଛନ୍ତି ଯେ ପୂର୍ବରୁ ଏହାକୁ ନେଇ ଆରଆଇଙ୍କୁ ପଠାଯାଇ ତଦନ୍ତ କରାଯାଇଛି। ଦୁଇଟି ମାମଲା ରୁଜୁ କରାଯିବା ସହିତ ଜରିମାନା ଆଦାୟ କରାଯାଇଛି। ଯେତିକି ଜବରଦଖଲ ହୋଇଛି ତାହାକୁ ଉଚ୍ଛେଦ କରାଯିବ। ମାଛ ଚାଷ ଯୋଗୁଁ ହୋଇଥିବା ପାଣି ଦୂଷିତ ଅଭିଯୋଗ ନେଇ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଚିଠି କରାଯାଇଛି। ଏହାର ଯୁଗ୍ମ ରିପୋର୍ଟ ଆସିବା ପରେ ଉଚ୍ଚପଦସ୍ଥ ଅଧିକାରୀ ମାନେ ଯାହା ନିର୍ଦ୍ଦେଶ ଦେବେ ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ କରାତଳି ଗ୍ରାମ ନିକଟରେ ରହିଛି ଆଉ ଏକ ତାମ୍ପରା ଜଳାଶୟ। ଏହାର କିଛି ସରକାରୀ ଜାଗାକୁ ଆନ୍ଧ୍ର ବେପାରି ଆସି ହଡପ କରିବା ସହ ସେଠାରେ ମାଛ ଚାଷ କରୁଛନ୍ତି। ଏଥିପାଇଁ ପୋଖରୀରେ ରାସାୟନିକ ସାର ଏବଂ କେମିକାଲ ଦ୍ରବ୍ୟ ପ୍ରୟୋଗ କରାଯାଉଛି। ସେହି ପାଣି ତମ୍ପରା ହଦ୍ରକୁ ଯିବା ଦ୍ୱାରା ଜଳ ପ୍ରଦୂଷିତ ହେବାସହ ଜନସାଧାରଣ ସେହି ପାଣିକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। କରାତଳି ତମ୍ପରା ହଦ୍ର ପାଣି ଛତ୍ରପୁର ଓ ଗଞ୍ଜାମ ବ୍ଲକର ବହୁ ପଞ୍ଚାୟତବାସୀଙ୍କ ଚାଷଜମି ପାଇଁ ଜଳସେଚନର ସୁବିଧା ହୋଇପାରୁଥିଲା। ତେଣୁ ତୁରନ୍ତ ଆନ୍ଧ୍ରମାଛ ବେପାରିଙ୍କୁ ସେଠାରୁ ଉଚ୍ଛେଦ ପାଇଁ ବହୁବାର ଦାବି ହୋଇଛି।

ଆନ୍ଧ୍ର ମାଫିଆମାନେ ତାମ୍ପରାର ଚତୁପାର୍ଶ୍ୱରେ ଥିବା ଜମିକୁ ଜବର ଦଖଲ କରିବା ଫଳରେ ଜଳସେଚନ ପଥ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଜଳସେଚନ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଆନ୍ଧ୍ର ମାଫିଆ ଜବର ଦଖଲ କରିବା ଫଳରେ ତାମ୍ପରା ସଙ୍କୁଚିତ ହେଉଛି। ତୁରନ୍ତ ତାମ୍ପରାକୁ ଆନ୍ଧ୍ର ଦଲାଲ କବଳରୁ ମୁକ୍ତ କରି ଜଳସେଚନ ପ୍ରଣାଳୀକୁ କ୍ରିୟାଶୀଳ କରିବାକୁ ଚାଷୀ ନେତା ମାନେ ଦାବି କରିଛନ୍ତି। ସେହିପରି ଏନେଇ ରାଜ୍ୟ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି।

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

## ଭୂତତ୍ତ୍ୱ ବିଭାଗର ଜାତୀୟ ପାଠଚକ୍ର



**ବ୍ରହ୍ମପୁର,୧୩।୨(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଉଦଘାଟିତ ହୋଇଯାଇଛି। ଭୂବିଜ୍ଞାନର ସାମ୍ପ୍ରତିକ ଧାରାରେ ନବୋଉଦଘାଟିତ ଜ୍ଞାନର ନୂତନ ଦିଗନ୍ତ ଶୀର୍ଷକ ପାଠଚକ୍ରକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିଲେ। ବିଭାଗ ମୁଖ୍ୟ ଡ. ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ପ୍ରାଧ୍ୟାପକ ତଥା ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଭୂତତ୍ତ୍ୱ ବିଜ୍ଞାନ ପୃଥିବୀର ରହସ୍ୟ ଭେଦକାରୀ ବିଦ୍ୟା ଭାବରେ ଅଭିହିତ ବୋଲି କହିଥିଲେ। କୁଳପତି ପ୍ରଫେସର ଦାଶ ନିଜ ଅଭିଭାଷଣରେ ଭୂତତ୍ତ୍ୱ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଫେସର ତଥା ଖଲ୍ଲିକୋଟ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ପ୍ରତିଷ୍ଠାତା ଡ. ମାୟାଧର ସାହୁ ଯୋଗଦେଇ ପୂର୍ବଘାଟ ପର୍ବତମାଳାର ଶିଳାତତ୍ତ୍ୱର ବିଶେଷତ୍ୱ ତଥା ସେ ଅଞ୍ଚଳର ପାରିବେଷିକ ତତ୍ତ୍ୱ ସମ୍ପର୍କିତ ତଥ୍ୟ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ହୃଷୀକେଶ ସାହୁ, ଡ. ଅସିତ କୁମାର ସ୍ୱାଇଁ, ପ୍ରଫେସର ଏମ. ଲାଛନା ଦୋରା ଏବଂ ବୈଜ୍ଞାନିକ ଡ. ନୀଳିମା ଦାଶ ଜଟିଳ ଯୋଗ ଦେଇଥିଲେ। ଏ ଅବସରରେ ବିଭାଗ ପକ୍ଷରୁ ସଂକ୍ଷିପ୍ତସାର ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉଦଘାଟନୀ ପର୍ବରେ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ ଅଧ୍ୟାପକ ଡ. ରଜତ କୁମାର ପଣ୍ଡା ଓ ଶେଷରେ ଅଧ୍ୟାପିକା ଡ. ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦାବିରେ ମନ୍ତ୍ରୀଙ୍କୁ ଭେଟିଲେ ମତ୍ସ୍ୟଜୀବୀ ନେତା



**ରମ୍ଭା,୧୩।୨(ସମିସ):** ଐତିହାସିକ ସ୍ଥାନ ରମ୍ଭାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ବରିଷ୍ଠ ରାଜ୍ୟ ବିଜେପି ନେତା ମହେଶ ଚନ୍ଦ୍ର ମହାନ୍ତି ମଧ ଉପସ୍ଥାପନା କରିଛନ୍ତି। ୨୦୨୧ ଡିସେମ୍ବର ମାସ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଞ୍ଜାମ ଗସ୍ତ ସମୟରେ ଭୀମସେନ ବେହେରା ସମେତ ଅଞ୍ଚଳବାସୀ ଦାବି ରଖିଥିଲେ। ସେହି ପ୍ରକାରେ ଚିଠି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦିଲ୍ଲୀରୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପାଖକୁ ଚିଠି ଆସିଥିଲା। କିନ୍ତୁ କାର୍ଯ୍ୟକାରୀ ହୋଇନଥିଲା। ତେଣୁ ଏଠାରେ ନିହାତି ଆବଶ୍ୟକ ବୋଲି ରମ୍ଭା ଏନ୍‌ଏସି ସମେତ ୧୨ଟି ପଞ୍ଚାୟତ ଦାବି ଉପସ୍ଥାପନା କରିଛନ୍ତି ବିଜେପି ମତ୍ସ୍ୟଜୀବୀ ନେତା ଚାଷୀ, ମତ୍ସ୍ୟଜୀବୀ, ଶିକ୍ଷା, ଜଳସେଚନ ମୌଳିକ ସୁବିଧା ଅଞ୍ଚଳର ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ସଦା ସର୍ବଦା ବିଭିନ୍ନ ସ୍ତରରେ ଦାବୀ ଉପସ୍ଥାପନା କରୁଛନ୍ତି।

## ମା’ବନଦେବୀଙ୍କ ନଗର ପରିକ୍ରମା

**କବିସୂର୍ଯ୍ୟନଗର,୧୩।୨(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପ୍ରତିଷ୍ଠିତ ମା’ ବନଦେବୀ ଠାକୁରାଣୀ ଆଜି କୁମ୍ଭ ସଂକ୍ରାନ୍ତି ଅବସରରେ ନଗର ପରିକ୍ରମା କରିଛନ୍ତି। ସୁସଜ୍ଜିତ ରଥରେ ମା’ଙ୍କୁ ବସାଇ ମୁଣ୍ଡରେ ଧରି ଯାନୀ ସାହି ସାହି ବୁଲିଥିଲେ। ପ୍ରତ୍ୟେକ ସାହିର ଘରେ ଘରେ ନିଜ ନିଜ ବାରଣ୍ଡାରେ ମା’ଙ୍କ ପାଇ ଭୋଗ ବାଢିଥାନ୍ତି। ପ୍ରତ୍ୟେକ ଦାଣ୍ଡରେ ଭକ୍ତମାନେ ମା’ଙ୍କ ପାଦପୂଜା କରନ୍ତି ଓ ମା’ଙ୍କୁ ଭୋଗ ଲଗାଇଥାନ୍ତି। ଗିନି, ମୃଦଙ୍ଗ ବାଦ୍ୟରେ ପରିବେଶ ପ୍ରକମ୍ପିତ ହେବା ସହ ମାନସିକଧାରୀ ବିଭିନ୍ନ ଦେବଦେବୀ ବେଶରେ ଗ୍ରାମ ପରିକ୍ରମା କରନ୍ତି। ଏକ ଭକ୍ତିମୟ ପରିବେଶରେ ମା’ ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।



## ୨୨ ବ୍ଲକ୍‌ରେ ଷ୍ଟାଡିୟମ୍ ପାଇଁ ଜାଗା ଚିହ୍ନଟ କରିବାକୁ ପ୍ରଶାସନର ନିର୍ଦ୍ଦେଶ

**ଛତ୍ରପୁର,୧୩।୨(ସମିସ)**




ରାଜ୍ୟରେ ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବାନେଇ କ୍ୟାବିନେଟ ମଞ୍ଜୁରି ମିଳିଛି। ଏନେଇ ଆଜି ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ କ୍ରୀଡା ସଚିବ ଭିସି ମାଧ୍ୟମରେ ଯୋଡିହୋଇ ଗଞ୍ଜାମ ଜିଲ୍ଲାରେ ଥିବା ୨୨ଟି ବ୍ଲକ ପାଇଁ ୨୨ଟି ଜାଗା ଚିହ୍ନଟ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ କହିଛନ୍ତି। ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୧୦ ରୁ ୧୫ ଏକର ଜମି ଚିହ୍ନଟ କରିବାକୁ କୁହାଯାଇଛି। ପ୍ରତି ଷ୍ଟାଡିୟମ ପାଇଁ ଆନୁମାନିକ ୧୪କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। ଗାଁରେ ସଶକ୍ତ ହେବ କ୍ରୀଡା, ତୃଣମୂଳ ସ୍ତରରେ ଗ୍ରାମୀଣ ସ୍ତରରେ କ୍ରୀଡା ଭିତ୍ତିଭୂମି ସୃଷ୍ଟି କରିବା, ଆନ୍ତର୍ଜାତିକସ୍ତରୀୟ କ୍ରୀଡାବିତ ସୃଷ୍ଟି କରିବା, ତୃଣମୂଳସ୍ତରରେ ଅଧିକ କ୍ରୀଡା ପ୍ରତିଯୋଗିତାମାନ ଆୟୋଜନ କରିପାରିବା। ତୁରନ୍ତ ପ୍ରତି ବ୍ଲକରେ ଆବଶ୍ୟକୀୟ ଜାଗା ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ କୁହାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସିତାଂଶୁ କୁମାର ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେଶପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଲ୍ଲିକୋଟ,୧୩।୨(ସମିସ)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ “ବିଜୟ ବହୁମୁଖୀ ସ୍ମୃତି ସଦନ’ ଉଦଘାଟନ ହୋଇଥିଲା। ପୂର୍ବତନ ଛାତ୍ର ସଂଗୋଷ୍ଠୀ (ଆଲୁମିନୀ)ର ସଭାପତି ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ.ସନ୍ତୋଷ ପରିଡା ଏବଂ ସମ୍ମାନିତ ଅତିଥିଭାବେ ବିଇଓ ସଦ୍ୟସ୍ଥାନ ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଷ ଚଣ୍ଡ, ବିଜୟ ଜାଲିଙ୍କ ଧର୍ମ ପତ୍ନୀ ପ୍ରମିଳା ଜାଲି ଏବଂ ଅନୁଷ୍ଠାନର ଆଦର୍ଶ ଶିକ୍ଷକ ଏ ବିଦ୍ୟାଧର ସାରଙ୍କ ଧର୍ମ ପତ୍ନୀ ଝରଣା ବେହେରା ଯୋଗ ଦେଇଥିଲେ। ଆଲୁମିନୀ ସଦସ୍ୟ କୃଷ୍ଣଚନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଗେଶ୍ୱର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଦିଲ୍ଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ହରିହର ବେହେରା, ମେନକା ଦିଦି, ରଶ୍ମୀରେଖା ଦିଦି, ପଦ୍ମିନୀ ଦିଦି, ସ୍ୱର୍ଣ୍ଣଲତା ଦିଦି, ସନ୍ତୋଷୀ ଦିଦି, ଅମିତା ଦିଦି ଏବଂ ପୁରାତନ ଛାତ୍ର ସଂଗୋଷ୍ଠୀର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେଶପୁର ସରପଞ୍ଚ ବିଚିତ୍ର ଜାଲି, ସମିତି ସଭ୍ୟ ହୁଲୁ ପରିଡା, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି ଏବଂ ପାଖ ପଡୋଶୀ ବିଦ୍ୟାଳୟ ଗୁଡିକର ଶିକ୍ଷକ ଶିକ୍ଷୟିତ୍ରୀ, କ୍ଲଷ୍ଟରର ସମସ୍ତ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ଦିବାକର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜନ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

**ବୁଗୁଡ଼ା,୧୩।୨(ସମିସ):** ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ସକାଶେ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ବୁଗୁଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଦୂତିକୃଷ୍ଣ ପାତ୍ର, ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଜିପିଡିଓ ଲଛମନ କଅଁର, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ବିକଶିତ ଗାଁ ଓ ବିକଶିତ ଓଡିଶା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ବିଡିଓ ଶ୍ରୀ ପାତ୍ର ଆଲୋଚନା କରିବା ସହ ପଞ୍ଚାୟତରେ ଉକ୍ତ ଯୋଜନା ଗୁଡିକର କିପରି ସଫଳ ରୂପାୟନ ହୋଇ ପାରିବ ସେନେଇ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ମାନଙ୍କୁ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ଦେହାନ୍ତ

**ଧରାକୋଟ,୧୩।୨(ସମିସ):** ଧରାକୋଟ ପଞ୍ଚାୟତର ନୂଆସାହି ଅଞ୍ଚଳର ଧର୍ମ ପରାୟଣ ବ୍ୟକ୍ତି ନିରଞ୍ଜନ ସାହୁଙ୍କ ୭୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ନିରଞ୍ଜନ ଗତ କିଛିଦିନ ହେବ ଅସୁସ୍ଥ ଥିବା ବେଳେ ଗତ ମଙ୍ଗଳବାର ରାତିରେ ଦେହାନ୍ତ ହୋଇଥିଲା। ସେ ଜଣେ ମିଷ୍ଟଭାସି, ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ।



## ଅଗ୍ନିବିପନ୍ନଙ୍କୁ ସହାୟତା

**ଛତ୍ରପୁର,୧୩।୨(ସମିସ)**

ସୋମବାର ଚମାଖଣ୍ଡି ଥାନା ଅନ୍ତର୍ଗତ ବଡ଼ପୁଟି ସ୍ଥିତ ତିଅରବସା ଗ୍ରାମର ଦୃଷ୍ଟିହୀନ ସୁଦର୍ଶନ ବେହେରାଙ୍କ ଘରେ କୌଣସି କାରଣବଶତଃ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରେ ଥିବା ସମସ୍ତ ସାମଗ୍ରୀ ସହ ଘରଟି ପୋଡି ଯାଇଥିଲା। ଏହାର ପ୍ରଭାବରେ ସୁଦର୍ଶନଙ୍କ ସାନ ଝିଅଙ୍କ ସମେତ ତିନି ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଝିଅଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠା ଯାଇଥିଲା। ଏହାର ସୂଚନା ପାଇ କାଳୀପଲ୍ଲୀ ଆରଆଇ ରଶ୍ମିତା ବେହେରା ମେଡିକାଲରେ ପହଞ୍ଚି ସୁଦର୍ଶନଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ଜଣାପଡିଛି।



# ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଧାରଣା

**ଗଞ୍ଜାମ,୧୩।୨(ସମିସ)**



### ଇଓଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଗଞ୍ଜାମ ଏନଏସି କାର୍ଯ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଗଞ୍ଜାମ ବରିଷ୍ଠ ନାଗରିକ ପୌର ପରିଷଦର କର୍ମକର୍ତ୍ତାଙ୍କୁ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା ଅସଦ ବ୍ୟବହାର କରିଥିବା ଅଭିଯୋଗରେ ଧାରଣା ଦେଇଥିଲେ ବରିଷ୍ଠ ନାଗରିକ। ମିଳିଥିବା ସୂଚନା ଅନୁଯାଇ ବ୍ରହ୍ମପୁର ସାଂସଦ ଥିବା ସମୟରେ ଚନ୍ଦ୍ରଶେଖର ସାହୁ ନିଜ ଫଣ୍ଡରୁ କମ୍ୟୁନିଟ ହଲ ପାଇଁ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ତାହାର ଟେଣ୍ଡର ସରିଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟାଦେଶ କାହିଁକି କରାଯାଉନି ବୋଲି ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ପାଢ଼ୀ ଓ ସଭାପତି ରବୀନ୍ଦ୍ର କୁମାର ପଣ୍ଡା ଇଓଙ୍କ ସହ ଆଲୋଚନା ବେଳେ କନିଷ୍ଠ ଯନ୍ତ୍ରୀ ଓ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏହା ପରେ ଧାରଣାରେ ବସିଥିଲେ ନାଗରିକ ମଞ୍ଚ କର୍ମକର୍ତ୍ତା। ପରେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ। ଏନେଇ ବିଧାୟକ ଜିଲ୍ଲାପାଳଙ୍କ ସହ ମଧ ଫୋନରେ କଥାବାର୍ତ୍ତା ହୋଇଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଇଓଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଇଓ ଅପର୍ଣ୍ଣା ଡାଙ୍ଗୁଆ ଖୁବ ଶୀଘ୍ର ତଦନ୍ତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ କନିଷ୍ଠ ଯନ୍ତ୍ରୀ ପଣ୍ଡାଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏହା ମୋ ବିରୁଦ୍ଧରେ ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଡାଙ୍ଗୁଆ କହିଛନ୍ତି ଭୁଲ ବୁଝାବଣା ଯୋଗୁଁ ଏଭଳି ଘଟଣା ଘଟିଛି ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ବାହାଘର ବନ୍ଦ କରିଦେଲା କଲରାପତରିଆ ବାଘ



ଲକ୍ଷ୍ନୌ, ୧୩।୨ (ଏଜେନ୍ସି): କଲରାପତରିଆ ବାଘ ପାଇଁ ଏକ ବିବାହ ବନ୍ଦ ହୋଇଯାଇଛି। ବରଯାତ୍ରୀ ଖାଇବା ପ୍ଲେଟ ଛାଡ଼ି ପଳାଇ ଯାଇଛନ୍ତି। ବରକନ୍ୟା ଉପରେ ବୌଦ୍ଧି ପଳାଇ କାର୍‌ରେ ଲୁଚି ଜୀବନ ବଞ୍ଚାଇଛନ୍ତି। ଦୁଇ କ୍ୟାମେରାମ୍ୟାନ୍ କ୍ୟାମେରା ଛାଡ଼ି ପାହାଚରୁ ଡେଇଁ ପଡ଼ିଛନ୍ତି। ବାଥରୁମରେ ଲୁଚି ନିଜକୁ ସୁରକ୍ଷିତ ରଖିଛନ୍ତି। ସୁରକ୍ଷାକର୍ମୀ ଅନ୍ୟମାନଙ୍କୁ ବଞ୍ଚାଇବା ପରିବର୍ତ୍ତେ ନିଜେ ଶିକାର ହେବାରୁ ବର୍ତ୍ତିବା ଲାଗି ବନ୍ଧୁକ ଛାଡ଼ି ପଳାଇଛନ୍ତି। ବୁଧବାର ରାତିରେ ଲକ୍ଷ୍ନୌ ଅନ୍ତର୍ଗତ ବୁଦ୍ଧେଶ୍ୱରୀ ରିଙ୍ଗ ରୋଡର ଏମଏମ ଲେନ୍‌ରେ ଥିବା ବିବାହ ମଣ୍ଡପରେ ଏଭଳି ଘଟଣା ଘଟିଛି। ହଠାତ୍ କଲରାପତରିଆ ପଶିଯିବାରୁ ଲୋକେ ଆତଙ୍କିତ ହୋଇ ଯାଇଥିଲେ। ଭୟରେ ଯିଏ ଯୁଆଡେ ପାଇଲା ପଳାଇ ଥିଲେ। ଏହାର ସୂଚନା ପାଇବା ପରେ ପୁଲିସ ଏବଂ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ବାହାରେ ଲାଗିଥିବା ଗହଳି ହଟାଇ ତୁରନ୍ତ ଡ୍ରୋନ ମଗା ଯାଇଥିଲା। ଡ୍ରୋନରୁ ବିବାହ ହଲ୍‌ର ଉପରେ ବାଘଥିବା ଜଣା ପଡ଼ିଥିଲା। ବନ ବିଭାଗ ଟିମ୍ ଉପରକୁ ଚଢ଼ିବା ସମୟରେ ବାଘ ତଳକୁ ଆସି ଯାଇଥିଲା। ପୁଲିସକର୍ମୀଙ୍କୁ ଦେଖି ଚିଡ଼ି ଯାଇଥିଲା। କନଷ୍ଟେବଲ ମୁକଦର ଅଲ୍ଲିଙ୍କ ଉପରେ ଆକ୍ରମଣ କରିଥିଲା। ଭୟରେ ତାଙ୍କ ହାତରୁ ବନ୍ଧୁକ ଖସି ପଡ଼ିଥିଲା। ହାତକୁ ଆକ୍ରମଣ କରି ବାଘ ଅନ୍ୟପଟକୁ ଚାଲି ଯାଇଥିଲା। ଦୀର୍ଘ ଘଣ୍ଟାର ଅଭିଯାନ ପରେ ଉଭୟ ଟିମ୍ ବାଘକୁ ଧରିବାରେ ସଫଳ ହୋଇଥିଲା। ପରେ ବିବାହ ହୋଇଥିଲା।

### ଭିଡ଼ ଉପରେ କାର୍ ଚଢ଼ାଇଦେଲା ଆଫଗାନ ଶରଣାର୍ଥୀ

# ୨୪ ଆହତ; ଆକ୍ରମଣକାରୀ ଗିରଫ

ବର୍ଲିନ, ୧୩।୨ (ଏଜେନ୍ସି): ଜର୍ମାନୀର ମ୍ୟୁନିଖ ସହରରେ ଜଣେ ଆଫଗାନ ଶରଣାର୍ଥୀ ଲୋକଙ୍କ ଉପରେ କାର୍ ଚଢ଼ାଇ ଦେଇଛି। ଏହି ଆକ୍ରମଣରେ ୨୮ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପୁଲିସ ୨୪ ବର୍ଷୀୟ ଆକ୍ରମଣକାରୀ ଫରହାଦଙ୍କୁ ଗିରଫ କରିଛି। ସେ ୨୦୧୬ରେ ଜର୍ମାନୀ ଆସିଥିଲା। ସେ ଇସ୍‌ଲାମ ବିରୋଧୀ ପ୍ରଦର୍ଶନ ସମୟରେ ଜଣେ ପୁଲିସ ଅଧିକାରୀଙ୍କ ସମେତ ୬ ଜଣଙ୍କ ଉପରେ ଛୁରା ମାଡ଼ କରିଥିଲା। ଏହାକୁ ନେଇ ତା ବିରୋଧରେ ମାମଲା ଚାଲିଛି। ସୂଚନା ଅନୁଯାୟୀ ଗୁରୁବାର ସକାଳ ୧୦ଟା ୩୦ (ସ୍ଥାନୀୟ ସମୟ)ରେ ମ୍ୟୁନିଖର ଡାଉନଟାଉନ ଅଞ୍ଚଳରେ 'ସର୍ଭିସ ୱାର୍କର୍ସ ୟୁନିୟନ' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। ଏହି ସମୟରେ



ଫରହାଦ ଲୋକଙ୍କ ଉପରେ ମିନି କୁପର କାର୍ ଚଢ଼ାଇ ଦେଇଥିଲା। ପୁଲିସ ଏହାକୁ ଜବତ କରିଛି। ଜାଣିଶୁଣି ଆକ୍ରମଣ କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି।

# ସୁନୀତା ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ

ୱାଶିଂଟନ,୧୩।୨(ଏଜେନ୍ସି): ଦୀର୍ଘ ଦିନ ଧରି ମହାକାଶରେ ଫସି ରହିଥିବାଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ନେଇ ନାସା ସ୍ପଷ୍ଟ କରିଛି। ୨୦୨୫ ମାର୍ଚ୍ଚ ରୁ ଏପ୍ରିଲ ମଧ୍ୟରେ ସୁନୀତା ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋରଙ୍କୁ ଭୂପୃଷ୍ଠକୁ ଫେରାଇ ଆଣିବାକୁ ପୂର୍ବରୁ ଯୋଜନା କରାଯାଇଥିଲା। କିନ୍ତୁ ଏହି ସମୟ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧୫ ସୁଦ୍ଧା ସେମାନଙ୍କୁ ଫେରାଇ ଆଣିବା ଲାଗି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ନାସା ପକ୍ଷରୁ କୁହାଯାଇଛି। ନାସା ପକ୍ଷରୁ କୁହାଯାଇଛି ଯେ ସ୍ପେସ ଏକ୍ସର ଆଗାମୀ ଉଡାଣ ପାଇଁ କ୍ୟାପସୁଲ ପରିବର୍ତ୍ତନ କରାଯିବ। ତେଣୁ ସୁନୀତା ଏବଂ ବୁଚ୍ ୱିଲମୋରଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ ଫେରାଇ ଅଣାଯିବ। କିନ୍ତୁ ସେମାନଙ୍କୁ ଫେରାଇ ଆଣିବା ଦିଗରେ ଏବେ ବି ଅନେକ ପ୍ରତିବନ୍ଧକ ରହିଥିବା କୁହାଯାଉଛି। ଏହାବ୍ୟତୀତ ସେମାନେ ଭୂପୃଷ୍ଠକୁ ଫେରିବା ପରେ ସେମାନଙ୍କ ମନୁଷ୍ୟକୃତ ଆଚରଣ ସ୍ୱାଭାବିକ ହେବା ଲାଗି ମଧ୍ୟ ବହୁ ସମୟ ଲାଗିବ। ବିଶେଷକରି ଭୂପୃଷ୍ଠରେ ମଣିଷକୁ କିଭଳି ଚାଲିବାକୁ ହେବ ତାହାକୁ ସ୍ମରଣ କରିବା ଏବଂ ଏହା ସ୍ୱାଭାବିକ ହେବା ଲାଗି ବହୁ ସମୟ ଲାଗିବ ବୋଲି ଗବେଷକମାନେ କହିଛନ୍ତି।

# ବିହାରରେ ସମସ୍ତ ଆସନରେ ଲଢ଼ିବ ପଶୁପତି ପାରସଙ୍କ ଦଳ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ବିହାରର ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ଏବେ ଠାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଶେଷକରି ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳ ରଣନୀତି ପ୍ରସ୍ତୁତି କରିବାକୁ ଉଦ୍ୟମ ଆରମ୍ଭ କରିଦେଇଥିବା କୁହାଯାଉଛି। ଏହିକ୍ରମରେ ପଶୁପତି କୁମାର ପାରସଙ୍କ ଆରଏଲଜିପି ପକ୍ଷରୁ ବଡ଼ ଘୋଷଣା କରାଯାଇଛି। ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଦଳ ସମସ୍ତ ୨୪୩ ଆସନରେ ପ୍ରାର୍ଥୀ ଦେବ ବୋଲି ପଶୁପତି କୁମାର କହିଛନ୍ତି। ଦଳ ତୃଣମୂଳ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମକୁ ମଜବୁତ କରିବା ସହିତ ଦଳିତ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସେ କହିଛନ୍ତି। ବିହାରର ସମସ୍ତ ୨୪୩ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ତୃଣମୂଳ ସ୍ତରରେ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ସେ କହିଛନ୍ତି।

### ବନ୍ଦ ହେବ ରୁଷ-ୟୁକ୍ରେନ ଯୁଦ୍ଧ !

# ଟ୍ରମ୍ପ-ପୁଟିନ-ଜେଲେଁସ୍କି ଆଲୋଚନା ଆରମ୍ଭ



ୱାଶିଂଟନ୍,୧୩।୨(ଏଜେନ୍ସି): ପ୍ରାୟ ଦୁଇ ବର୍ଷ ପରେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ଆଶା ଉଦ୍ରେକ ହୋଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ଏହି ଯୁଦ୍ଧକୁ ୨୪ ଘଣ୍ଟା ମଧ୍ୟରେ ବନ୍ଦ କରିଦେବାକୁ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲା ବେଳେ ଏବେ ଏଥିନେଇ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପ ପ୍ରଥମେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଫୋନରେ ଆଲୋଚନା କରିବା ପରେ ଏହାକୁ ସକାରାତ୍ମକ ବୋଲି କହିଛନ୍ତି। ପରେ ପରେ ସେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଉଭୟ ନେତାଙ୍କ ସହ ଏହି ପ୍ରାରମ୍ଭିକ ଆଲୋଚନା ମହତ୍ତ୍ୱପୂର୍ଣ୍ଣ ରହିଛି ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଉଲ୍ଲେଖ କରିଥିଲା ବେଳେ ପ୍ରତିରକ୍ଷା ସଚିବ ପେଟେ ହେଗସେଥ୍ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଉଭୟ ପକ୍ଷ ମଧ୍ୟରେ ବୁଝାମଣା କରି ଯୁଦ୍ଧ ବନ୍ଦ କରିବାର କ୍ଷମତା କେବଳ ଟ୍ରମ୍ପଙ୍କ ନିକଟରେ ରହିଛି ବୋଲି ହେଗସେଥ କହିଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ପୁଟିନ ଏବଂ ଟ୍ରମ୍ପ ସାଉଦି ଆରବରେ ଏକ ବୈଠକରେ ଏକାଠି ହେବେ ବୋଲି ମଧ୍ୟ ସୂଚନା ମିଳିଛି। ତେବେ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ଯେଉଁଳି ସର୍ତ୍ତ ରଖିଛନ୍ତି ତଦ୍ୱାରା ୟୁକ୍ରେନକୁ ଅନେକ କ୍ଷତି ସହିବାକୁ ପଡ଼ିବ ବୋଲି କୁହାଯାଉଛି। ବିଶେଷକରି ନାଟୋକୁ ନେଇ ବିବାଦ ଉପୁଜିବା ପରେ ଏହି ଯୁଦ୍ଧର ସୂତ୍ରପାତ ହୋଇଥିଲା। କିନ୍ତୁ ୟୁକ୍ରେନ ନାଟୋରେ ସାମିଲ ହେବ ନାହିଁ ବୋଲି ରଖାଯାଇଥିବା ସର୍ତ୍ତକୁ ଜେଲେଁସ୍କି ମାନି ନେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ରୁଷିଆ ୟୁକ୍ରେନର ଯେଉଁସବୁ ଅଞ୍ଚଳକୁ କବଜା କରିଛି ତାହା ୟୁକ୍ରେନ ଫେରି ପାଇବ କି ନା ତାହା ମଧ୍ୟ ସନ୍ଦେହ ଘେରରେ ରହିଛି।

### ରାହୁଲ , କେଜ୍ରିୱାଲଙ୍କୁ ଭେଟିଲେ ଆଦିତ୍ୟ ଠାକରେ

# ସବୁ ଆଞ୍ଚଳିକ ଦଳକୁ ଶେଷ କରିବାକୁ ବସିଛି ବିଜେପି

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଶିବସେନା(ୟୁବିଟି) ନେତା ଆଦିତ୍ୟ ଠାକରେ ଗତକାଲି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ଗୁରୁବାର ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦଳ କ୍ଷମତାରେ ଥାଉ କି ନ ଥାଉ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳ ଭାବେ କେଜ୍ରିୱାଲଙ୍କ ସହ ତାଙ୍କର ସାକ୍ଷାତକାର ସୌଜନ୍ୟମୂଳକ ଥିଲା ବୋଲି ସେ କହିଛନ୍ତି। ତେବେ ଏହି ସମୟରେ ଆଞ୍ଚଳିକ ଦଳଗୁଡ଼ିକୁ ପ୍ରତି ବିଜେପିର ଆଭିମୁଖ୍ୟକୁ ନେଇ ସେ ବଡ଼ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଦେଶରୁ ସବୁ ଆଞ୍ଚଳିକ ଦଳଙ୍କୁ ଶେଷ କରି ଦେବାକୁ ବସିଛି ବୋଲି



ଆଦିତ୍ୟ କହିବା ସହିତ ନିର୍ବାଚନରେ ଅନିୟମିତତା କରି ଦଳ ସବୁ ସ୍ଥାନରେ କ୍ଷମତାସୀନ ହେବାକୁ ଚାହୁଁଛି ବୋଲି କହିଛନ୍ତି। ଦିଲ୍ଲୀ ନିର୍ବାଚନରେ ବିଜେପି ବିଜୟୀ ହୋଇଥିଲେ ମଧ୍ୟ ଏହା କେବଳ ନିର୍ବାଚନ ଆୟୋଗଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି। ଇଭିଏମ ଏବଂ ଭୋଟର ତାଲିକାକୁ ନେଇ ବିଜେପି ସାରା ସାରା ଦେଶରେ ଖେଳ କରୁଛି। ଦିଲ୍ଲୀ ସମେତ ମହାରାଷ୍ଟ୍ର, ଓଡ଼ିଶା ଭଳି ଅନେକ ରାଜ୍ୟରେ ନୂଆ ଭୋଟରଙ୍କୁ ଯୋଡାଯାଇଛି। ଦେଶରେ ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ କରାଇବା ନେଇ ନିର୍ବାଚନ କମିସନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିଲା ବେଳେ ଏବେ ସବୁ ସ୍ଥାନରେ ନିର୍ବାଚନକୁ ପ୍ରଭାବିତ କରାଯାଉଛି। ତେଣୁ ଆଗାମୀ ଦିନରେ ନିର୍ବାଚନକୁ ସ୍ୱଚ୍ଛ କରିବାକୁ ହେଲେ ସବୁ ବିରୋଧୀ ଦଳଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ଆଦିତ୍ୟ କହିଛନ୍ତି।

# ମୋଦୀଙ୍କୁ ଭେଟିବା ପୂର୍ବରୁ ସମାନ ଟାରିଫକୁ ନେଇ ଟ୍ରମ୍ପଙ୍କ ଘୋଷଣା

ୱାଶିଂଟନ, ୧୩।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର ୮ ଘଣ୍ଟା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ସେ ପୂର୍ବ ଆଶଙ୍କାକୁ ସତ୍ୟ ସାବ୍ୟସ୍ତ କରି ଦେଇଛନ୍ତି। ଟାରିଫ ମାମଲାରେ ଭାରତକୁ କୌଣସି ଆଶ୍ୱସ୍ତି ଦିଆଯିବ ନାହିଁ ବୋଲି କହିଛନ୍ତି। ଭାରତ ସମେତ ସବୁ ଦେଶ ଉପରେ ଏକ ସମାନ ଟାରିଫ (ରେସିପ୍ରୋକାଲ ଟାରିଫ) ଲଗାଯିବ ବୋଲି ଘୋଷଣା କରିଛନ୍ତି। ଯେଉଁ ଦେଶ ଆମେରିକାର ସାମଗ୍ରୀ ଉପରେ ଯେତିକି ଟାରିଫ ଲଗାଇବ ସେହି ଦେଶ ଉପରେ ଟ୍ରମ୍ପ ସେତିକି ଟାରିଫ ଲଗାଇବେ। ଏହାକୁ ରେସିପ୍ରୋକାଲ ଟାରିଫ କୁହାଯାଏ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ପରେ ଶୁକ୍ରବାର ସକାଳେ ଟ୍ରମ୍ପ ଏହି ଘୋଷଣା କରିବେ। ଟ୍ରମ୍ପ ସୋସିଆଲ ମଡିଆରେ ପୋଷ୍ଟ କରି ଏହାକୁ ସବୁଠୁ ବଡ଼ ଦିନ କହିଛନ୍ତି। ଏହା ସହିତ ନିଜ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ତିନି ସପ୍ତାହକୁ ସବୁଠୁ ଉତ୍ତମ ଭାବେ ଅଭିହିତ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ସକାଳ ୪ଟା୩୦ରେ ଆମେରିକାରେ ପହଞ୍ଚିବା ପରେ ପ୍ରଥମେ ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗବାର୍ଡଙ୍କୁ ଭେଟିଥିଲେ। ଉଭୟେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା କରିଥିଲେ। ଏହା ପରେ ରାତି ୯ଟାରେ ମୋଦୀ ଆମେରିକା ଏନ୍‌ଏସଏ ମାଇକ ୱାଲ୍ଟଜଙ୍କ ସହ ବୈଠକ କରିଥିଲେ। ଏଥିରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଏନ୍‌ଏସ୍‌ଓ ଅଜିତ ଡୋଭାଲ ଉପସ୍ଥିତ ଥିଲେ। ଏହା ପରେ ମୋଦୀ ଟେସ୍‌ଲା ମୁଖ୍ୟ ଏଲନ ମସ୍କ ଏବଂ ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗପତି ବିବେକ ରାମାସ୍ୱାମୀଙ୍କୁ ଭେଟିସାରିବା ପରେ ରାତି ପ୍ରାୟ (ଭାରତୀୟ ସମୟ) ୨ଟା ୩୦ରେ ଟ୍ରମ୍ପଙ୍କୁ ଭେଟିବେ। ଉଭୟ ନେତା ୪୫ ମିନିଟ ପର୍ଯ୍ୟନ୍ତ ବୈଠକ କରି ଟାରିଫ ଏବଂ ଭାରତୀୟ ପ୍ରବାସୀଙ୍କ ପ୍ରସଙ୍ଗରେ ଚର୍ଚ୍ଚା କରିବେ।

# ଆପ୍ ବିଧାୟକ ଅମାନତୁଲ୍ଲାହଙ୍କୁ ହାଇକୋର୍ଟ ସମନ

### ଗିରଫ ଉପରେ କଟକଣା ଲଗାଇଲେ ନିମ୍ନ କୋର୍ଟ

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲାହଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ନୂଆଦିଲ୍ଲୀ ୱାକଫ ବୋର୍ଡ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀ ହାଇକୋର୍ଟ ଅମାନତୁଲ୍ଲାହ ଏବଂ ତାଙ୍କ ପତ୍ନୀ ମରିୟମ ସିଦ୍ଦିକିଙ୍କୁ ନୋଟିସ୍ ଜାରି କରିଛନ୍ତି। ଇଡିର ଏହି ଆବେଦନ ଉପରେ ବିଚାର କରି ମାର୍ଚ୍ଚ ୨୧ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ପରବର୍ତ୍ତୀ ଶୁଣାଣି ହେବ। ଏହା ସହିତ ଇଡିର ଆରୋପପତ୍ର ଉପରେ ନିଜଆଡୁ ହସ୍ତକ୍ଷେପ ପାଇଁ ମନା କରିବାକୁ ନେଇ ସୁପ୍ରିମକୋର୍ଟ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଅନ୍ୟପକ୍ଷରେ ପୁଲିସ ଟିମ୍ ଉପରେ ଆକ୍ରମଣ ମାମଲାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଅମାନତୁଲ୍ଲାହ ଖାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ଗିରଫ ଉପରେ ୨୪ ତାରିଖ ପର୍ଯ୍ୟନ୍ତ କଟକଣା ଲଗାଇ ଦେଇଛନ୍ତି। ଏହା ସହିତ ତଦନ୍ତରେ ସାମିଲ ହେବା ପାଇଁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ସେ ଜାମିୟା ନଗର ଥାନାରେ ପହଞ୍ଚି ଥିଲେ ଏବଂ ନିଜେ ଫେରାର ନ ଥିବା କହିଥିଲା। ସୂଚନାଯୋଗ୍ୟ ଯେ ଫେବୃଆରୀ ୧୦ରେ ପୁଲିସ ଟିମ୍ ଉପରେ ଆକ୍ରମଣ ହୋଇଥିଲା। ସେ ଏହା ନେତୃତ୍ୱ ନେଇଥିବା ଅଭିଯୋଗ ଲାଗିଥିଲା। ଏହି ଆକ୍ରମଣ ପରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା।

### କେରଳ ର୍‍ୟାଗିଂ ମାମଲା

# ଲୋମହର୍ଷଣକାରୀ ଭିଡିଓ ଭାଇରାଲ

ତିରୁଅନନ୍ତପୁରମ, ୧୩।୨ (ଏଜେନ୍ସି): କେରଳ କୋଟାୟମର ସରକାରୀ ନର୍ସିଂ କଲେଜର ର୍‍ୟାଗିଂ ମାମଲାକୁ ସାରା ଦେଶରେ ନିନ୍ଦା କରାଯାଉଛି। ଏହି ମାମଲାରେ ର୍‍ୟାଗିଂ ଆଳରେ ୩ କନିଷ୍ଠ ଛାତ୍ରଙ୍କୁ ଯୌନ ଉତ୍ପୀଡନ ଏବଂ ଅକଥନୀୟ ନିର୍ଯାତନା ଦେଇଥିବା ୫ ବରିଷ୍ଠ ଛାତ୍ରଙ୍କୁ ପୁଲିସ ଗିରଫ କରି ହେପାଜତକୁ ନେଇଛି। ଏବେ ଏହାର ଏକ ଲୋମହର୍ଷଣକାରୀ ଭିଡିଓ ଭାଇରାଲ ହୋଇଛି। ଏଥିରେ ବରିଷ୍ଠ ଛାତ୍ର କନିଷ୍ଠଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିବା ଦେଖାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ନିଷିଦ୍ଧ ସତ୍ତ୍ୱେ ଅନେକ କ୍ୟାମ୍ପସରେ ଚାଲିଥିବା ର୍‍ୟାଗିଂର କଳା ଦୁନିଆ ଉପରୁ ପରଦା ଉଠାଇ ଦେଇଛି। 'ଆଇନ ତା ବାଟରେ ଯିବ' କହିବା କେବଳ ପ୍ରହସନ ହୋଇଯାଇଛି ବୋଲି କୁହାଯାଉଛି।



ଏହି ଭାଇରାଲ ଭିଡିଓରେ ଜଣେ ଛାତ୍ର ବେଡ୍‌ରେ ଶୋଇଥିବା ଦେଖାଯାଉଛି। ତାଙ୍କ ହାତ ଏବଂ ଗୋଡ଼ ବନ୍ଧା ଯାଇଛି। ସେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଜଣେ ବରିଷ୍ଠ ଛାତ୍ର କମ୍ପାସ ମୁନରେ ତାଙ୍କୁ ଆଘାତ ଦେଉଛନ୍ତି। କନିଷ୍ଠ ଛାତ୍ର ଯନ୍ତ୍ରଣାରେ ଚିତ୍କାର କରୁଥିବା ଦେଖାଯାଉଛି। ତାଙ୍କ ଶରୀରରେ ଅନେକ କ୍ଷତ ରହିଛି। ଅଧିକ ଯନ୍ତ୍ରଣା ଦେବା ଲାଗି ବରିଷ୍ଠ ଛାତ୍ର ତାଙ୍କ ଶରୀରରେ ଲୋସନ୍ ଲଗାଇ ଦେଇଛନ୍ତି। ଆଖି ଏବଂ ପାଟିରେ ମଧ୍ୟ ଲୋସନ ମରାଯାଇଛି। ଗୁପ୍ତାଙ୍ଗରେ ଡମ୍ବେଲ ଓହଳା ଯାଉଛି। ବକ୍ଷରେ କପଡ଼ା ମରାଯାଇଛି। ଜଣେ ବରିଷ୍ଠ ଛାତ୍ର ଏହାକୁ ଭିଡିଓ କରୁଥିବା ଦେଖାଯାଉଛି। ଏହି ସମୟରେ ଅନ୍ୟମାନେ ହସୁଥିବାବେଳେ ପୀଡ଼ିତ ଛାତ୍ର ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ହୋଇ କାନ୍ଦୁଥିବା ଦେଖିବାକୁ ମିଳିଛି। ଏହି ମାମଲାରେ ସାମୁଏଲ ଜନସନ (୨୦), ରାହୁଲ ରାଜ (୨୨), ଜିଭା (୧୮), ରିଜିଲ ଜିଥ (୨୦) ଏବଂ ବିବେକ (୨୧)ଙ୍କୁ ଗିରଫ କରାଯାଇଛି।

# ମହାକୁମ୍ଭରେ ବୁଡ଼ ପକାଇ ସାରିଲେଣି ୫୦ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ,୧୩।୨(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭ ମେଳାରେ ଗୁରୁବାର ସୁଦ୍ଧା ୫୦ କୋଟି ଶ୍ରଦ୍ଧାଳୁ ସାମିଲ ହୋଇସାରିଛନ୍ତି। ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ଇତିହାସର ସବୁଠାରୁ ବଡ଼ ଧାର୍ମିକ ସମାବେଶ ଫେବୃଆରୀ ୨୬ ଯାଏଁ ଚାଲିବାକୁ ରହିଥିବା ବେଳେ ଏଥିରେ ପ୍ରାୟ ୪୫ କୋଟି ଶ୍ରଦ୍ଧାଳୁ ସାମିଲ ହେବେ ବୋଲି ପ୍ରାକ୍ ଆକଳନ କରାଯାଇଥିଲା। ହେଲେ ମହାକୁମ୍ଭ ଶେଷ ହେବାର ୧୩ ଦିନ ପୂର୍ବରୁ ୫୦ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଥିବା କୁହାଯାଇଛି। ବର୍ତ୍ତମାନ ମଧ୍ୟ ଦେଶ ବିଦେଶରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାରେ ଲାଗି ଥିବାରୁ ଆଗାମୀ ଦିନରେ ଲୋକଙ୍କ ସଂଖ୍ୟା ରେକର୍ଡ ଅତିକ୍ରମ କରିବ ବୋଲି କୁହାଯାଉଛି। ଦିନକୁ ଦିନ ଭିଡ଼ ବଢୁଥିବାରୁ ଏହାକୁ ମୁକାବିଲା କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରୟାଗରାଜ ଜଙ୍କସନ ସମେତ ସମସ୍ତ ଆଠଟି ଷ୍ଟେସନ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବାବେଳେ ଯାତ୍ରୀ ପରିଚାଳନା ପାଇଁ ପ୍ରମୁଖ ସ୍ନାନ ତାରିଖରେ ପ୍ରୟାଗରାଜ ସଙ୍ଗମ ଷ୍ଟେସନ ସାମୟିକ ଭାବେ ବନ୍ଦ ରହିଛି। ରାଜ୍ୟ ସରକାର ବିଭିନ୍ନ ଏଜେନ୍ସିର ସହଯୋଗରେ ବହୁ ସ୍ତରୀୟ ସୁରକ୍ଷା ଏବଂ ତଦାରଖ ବ୍ୟବସ୍ଥା ଲାଗୁ କରିଥିଲେ। ଏଆଇ ଚାଳିତ ସିସିଟିଭି କ୍ୟାମେରା,



ଡ୍ରୋନ୍ ସିସିଟିଭି ଏବଂ ରିଅଲ୍ ଟାଇମ୍ ଆନାଲିଟିକ୍ସର ଏକ ନେଟୱାର୍କ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡିକରେ ତୀର୍ଥଯାତ୍ରୀଙ୍କ ନିରାପଦ ଗତିକୁ ସୁନିଶ୍ଚିତ କରାଯାଉଛି। ସ୍ନାନ ଘାଟକୁ ଭକ୍ତଙ୍କ ଯାତାୟତକୁ ସହଜ କରିବା ପାଇଁ ଏକ ଡିଜିଟାଲ୍ ଟୋକନ୍ ସିଷ୍ଟମ୍ ମଧ୍ୟ ପ୍ରବର୍ତ୍ତନ କରାଯାଇଛି।

### ବଦଳିଲେ ମହାରାଷ୍ଟ୍ର କଂଗ୍ରେସ ମୁଖିଆ

# ଦିଲ୍ଲୀ ପରାଜୟକୁ ସହଜରେ ହଜମ କରିପାରୁନି ଦଳ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସରେ ଏକ ବଡ଼ ପରିବର୍ତ୍ତନ ଅଣାଯିବା ସହିତ ରାଜ୍ୟ ସଭାପତି ନାନା ପାଟୋଲେଙ୍କୁ ତାଙ୍କ ପଦବୀରୁ ବିଦା କରାଯାଇଛି। ଗୁରୁବାର ନାନା ପାଟୋଲଙ୍କ ସ୍ଥାନରେ ଦଳ ହର୍ଷବର୍ଦ୍ଧନ ବସନ୍ତରାଓ ସପକାଲଙ୍କୁ ନୂତନ ସଭାପତି ଭାବରେ ନିଯୁକ୍ତ କରିଛି। ଗତ ବିଧାନସଭା ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ନାନା ପାଟୋଲେ ସଭାପତି ପଦରୁ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାର ଦୀର୍ଘ ଦିନ ପରେ ତାଙ୍କୁ ହଟାଇ ଦିଆଯାଇଛି। ମହାରାଷ୍ଟ୍ର କଂଗ୍ରେସର ଜଣେ ବରିଷ୍ଠ ନେତା ଭାବେ ହର୍ଷବର୍ଦ୍ଧନଙ୍କୁ ଗତ ବର୍ଷ ଅଗଷ୍ଟ ମାସରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସଭାପତି ଭାବରେ ନିଯୁକ୍ତ କରାଯାଇଥିଲା। ଏବେ ତାଙ୍କୁ ରାଜ୍ୟ ଦାୟିତ୍ୱ ଦିଆଯାଇଛି। ଦଳକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ କରିବା ଲାଗି ତାଙ୍କ ନେତୃତ୍ୱରେ ଉଦ୍ୟମ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀ ନିର୍ବାଚନ ସ୍ଥିତିକୁ ନେଇ ମଧ୍ୟ କଂଗ୍ରେସର ମାନସମନ୍ଥନ ଆରମ୍ଭ ହୋଇଯାଇଥିବା କୁହାଯାଇଛି। ଏଠାରେ ଦଳ ୭୦ଟି ଆସନ ମଧ୍ୟରୁ ଗୋଟିଏ ବି ଆସନରେ ବିଜୟୀ ହେବାକୁ ସକ୍ଷମ ହୋଇପାରି ନଥିଲା ବେଳେ ୬୭ ପ୍ରାର୍ଥୀ ଅମାନତ ହରାଇବା ଘଟଣା ଦଳକୁ ଚିନ୍ତାଗ୍ରସ୍ତ କରିଛି। ଦଳୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ଉପସ୍ଥିତିରେ ସାଂସଦ ରାହୁଲ ଗାନ୍ଧୀ, କେ ସି ଭେନୁଗୋପାଳଙ୍କ ଭଳି ବହୁ ବରିଷ୍ଠ ନେତା ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିଥିବା ଜଣାପଡ଼ିଛି।

### ଦିଲ୍ଲୀରେ ଆରଏସ୍‌ଏସ୍‌ର ନୂଆ ୧୨ ମହଲା କୋଠା

# ଖର୍ଚ୍ଚ ୧୫୦ କୋଟି; ରହିଛି ୩୦୦ ପ୍ରକୋଷ୍ଠ


ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଦିଲ୍ଲୀ କାର୍ଯ୍ୟାଳୟ 'କେଶବ କୁଞ୍ଜ'ର ନୂଆ କୋଠା ନିର୍ମାଣ ଶେଷ ହୋଇଯାଇଛି। ୨୦୧୮ ରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ଗୁଜରାଟ ଆର୍କିଟେକ୍ଟ ଅନୁପ ଦବେ ଏହାକୁ ଡିଜାଇନ କରିଥିଲେ। ଏହି କୋଠାକୁ ପୁରୁଣା ଏବଂ ନୂଆ ରୂପରେ ସଜା ଯାଇଛି। ଏହି କାର୍ଯ୍ୟାଳୟ ୩.୭୫ ଏକରରେ ବ୍ୟାପିଛି। ଏହାର ନିର୍ମାଣରେ ୧୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ନୂଆ କାର୍ଯ୍ୟାଳୟରେ ୧୨ ମହଲା ବିଶିଷ୍ଟ ୩ଟି କୋଠା ସାଧନା, ପ୍ରେରଣା ଏବଂ ଅର୍ଚ୍ଚନା ରହିଛି। ଏଥିରେ ୩୦୦ ପ୍ରକୋଷ୍ଠର ଅଫିସ ରହିଛି। ୭୫ ହଜାର ଲୋକଙ୍କ ଦାନ ଅର୍ଥରେ ଏହି କୋଠା ନିର୍ମାଣ କରାଯାଇଥିବା ଦାବି କରାଯାଉଛି। ଭିଏଚ୍‌ପି ନେତା ଅଶୋକ ସିଂଘଲଙ୍କ ସ୍ମୃତିରେ ମୁଖ୍ୟ ଅଡିଟୋରିୟମ ନିର୍ମାଣ କରାଯାଇଛି। ଏଥିରେ ୪୬୩ ଲୋକ ବସିବାର ବ୍ୟବସ୍ଥା ରହିଛି। ଆଉ ଏକ ହଲ୍‌ରେ ୬୫୦ ସଦସ୍ୟ ବସିପାରିବେ। ଏହି କୋଠାରେ ପୁସ୍ତକାଳୟ, ୫ ବେଡ୍ ବିଶିଷ୍ଟ ହସ୍ପିଟାଲ, ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ମଧ୍ୟ ରହିଛି। ଗରିବ ଲୋକେ ଏହି ହସ୍ପିଟାଲରେ ଚିକିତ୍ସା କରିପାରିବେ। ବାହାର ଲୋକ ମଧ୍ୟ ପୁସ୍ତକାଳୟ ବ୍ୟବହାର କରିବେ। ସେହିପରି ୫୦୦ କାର୍ ପାର୍କିଂର ବ୍ୟବସ୍ଥା ମଧ୍ୟ ରହିଛି।

# ୨୦୫୦ ସୁଦ୍ଧା ଶୁଖିଯିବ ଗଙ୍ଗା !

- ଗଙ୍ଗୋତ୍ରୀ ଗ୍ଲାସିୟର ୧୭୦୦ ମିଟର ତରଳିଲାଣି
- ପୁରାଣରେ ଲେଖାଯାଇଛି ଫେରିଯିବ ଗଙ୍ଗା

ପ୍ରୟାଗରାଜ, ୧୩।୨ (ଏଜେନ୍ସି): ପ୍ରୟାଗରାଜର ଗଙ୍ଗା-ଯମୁନା, ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ସବୁଠୁ ବଡ଼ ମେଳା ମହାକୁମ୍ଭ ଚାଲିଛି। ଏ ପର୍ଯ୍ୟନ୍ତ ୫୦ କୋଟିରୁ ଅଧିକ ଲୋକ ବୁଡ଼ ପକାଇଲେଣି। ମାତ୍ର ଏହା ମଧ୍ୟରେ ୨୦୫୦ ସୁଦ୍ଧା ଗଙ୍ଗା ଶୁଖିଯିବ ବୋଲି କୁହାଯାଉଛି। ମିଳିତ ଜାତିସଂଘ (ୟୁଏନ) ପକ୍ଷରୁ ଜାରି ଏକ ନୂଆ ରିପୋର୍ଟରେ ଏହି ସଙ୍କେତ ମଧ୍ୟ ଦିଆଯାଇଛି। ପୁରାଣ ଗୁଡିକରେ ମଧ୍ୟ ଗଙ୍ଗା ସ୍ୱର୍ଗକୁ ଫେରିଯିବେ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କିଛି ଦିନ ତଳେ ମହାକୁମ୍ଭରେ ସାମିଲ ଜଣେ ନାଗା ସାଧୁ ଭୟଙ୍କର ଭବିଷ୍ୟବାଣୀ କରିଥିଲେ। ଆଗାମୀ ମହାକୁମ୍ଭ ଏହି ସ୍ଥାନରେ ହେବନି ବୋଲି କହିଥିଲେ। ନଦୀ ଗୁଡିକ ଗତିପଥ ବଦଳାଇ ସହରମୁହାଁ ହେବେ ବୋଲି ଉଲ୍ଲେଖ କରିଥିଲେ।

ଏବେ ୟୁଏନ୍ ୨୦୨୫କୁ 'ଇଣ୍ଟରନ୍ୟାସନାଲ ଇୟର ଅଫ୍ ଗ୍ଲାସିୟର୍ସ' ଘୋଷଣା କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିୟର୍ସ ଗୁଡିକ କ୍ଷୀପ୍ର ଗତିରେ ତରଳିବାରେ ଲାଗିଛନ୍ତି। ତେଣୁ ୟୁଏନ୍ ଏହି ପଦକ୍ଷେପ ନେଇଛି। ବିଶ୍ୱ ଐତିହ୍ୟ ସ୍ଥଳରେ ଲକ୍ଷେ ୮୬ ହଜାର ଗ୍ଲାସିୟର ଚିହ୍ନଟ କରାଯାଇଛି। ଏହି ଗ୍ଲାସିୟର ୬୬ ହଜାର ବର୍ଗ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ମୋଟ ଗ୍ଲାସିୟରର ୧୦ ପ୍ରତିଶତ। ହିମାଳୟ ସହିତ ସମଗ୍ର ବିଶ୍ୱର ୧୦ ବର୍ଗ କିମି କ୍ଷେତ୍ରରେ ଥିବା ଗ୍ଲାସିୟର ଆଗାମୀ ୨୫ ବର୍ଷରେ ଶୁଖିଯିବେ ବୋଲି ଆକଳନ କରାଯାଇଛି। ସେହିପରି ଶହେ ବର୍ଗ କିମି କ୍ଷେତ୍ରରେ ବ୍ୟାପିଥିବା ଗ୍ଲାସିୟର ଆଗାମୀ ୭୫ ବର୍ଷରେ ଶୁଖିଯିବେ। ବିଶ୍ୱ ଐତିହ୍ୟ ଗ୍ଲାସିୟରଗୁଡିକ ପ୍ରତି ବର୍ଷ ୫୮ ବିଲିୟନ ଟନ୍ ବରଫ ହରାଉଛନ୍ତି। ଏହା ଦ୍ୱାରା ସମୁଦ୍ର ଜଳସ୍ତର ବର୍ଷକୁ ୪.୫ ପ୍ରତିଶତ ହାରରେ ବଢ଼ି ଚାଲିଛି। ଏପରି ଜାରି ରହିଲେ ଗଙ୍ଗା, ଯମୁନା, ଘାଘରା, ରାମଗଙ୍ଗା ଏବଂ ଗଣ୍ଡକ ନଦୀ ଶୁଖିଯିବ। କାରଣ ଗ୍ଲାସିୟର ହିଁ ଏହି ସବୁ ନଦୀର ପ୍ରମୁଖ ସ୍ରୋତ। ଯେଉଁ ଭଳି ଭାବରେ ବରଫ ତରଳିବାରେ ଲାଗିଛି ତାହା ଜାରି ରହିଲେ



ଖୁବଶୀଘ୍ର ନଦୀଗୁଡିକର ଜଳସ୍ତର ହ୍ରାସ ପାଇଯିବ।

ହିମାଳୟ ଗ୍ଲାସିୟରରୁ ବାହାରିଥିବା ଦୁଇ ଧାରା ଅଳକାନନ୍ଦା ଏବଂ ଭାଗୀରଥିର ଦେବପ୍ରୟାଗରେ ସଙ୍ଗମ ହେଉଛି। ଏହିଠାରୁ ହିଁ ଗଙ୍ଗା ସୃଷ୍ଟି ହେଉଛି। ଗଙ୍ଗାର ମୁଖ୍ୟ ଧାରା ଭାବେ ପରିଚିତ ଭାଗିରଥୀ ଗଙ୍ଗୋତ୍ରୀରୁ ବାହାରୁଛି। ୟୁଏନ୍ ଏବଂ ୱାଡିଆ ଇନଷ୍ଟିଚ୍ୟୁଟ ଅଫ ହିମାଳୟ ଜିୟୋଲୋଜିର ନୂଆ ରିପୋର୍ଟରେ କୁହାଯାଇଛି ଯେ ହିମାଳୟର ଗ୍ଲାସିୟର ଉଭୟ ଜଳାଧାରାର ପ୍ରମୁଖ ସ୍ରୋତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏବେ ଗ୍ଲାସିୟର ଗୁଡିକ ବର୍ଷକୁ ୩୮ ମିଟର ହାରରେ ତରଳୁଛି। ୧୯୯୬ରୁ ୨୦୧୬ ପର୍ଯ୍ୟନ୍ତ ଏହା ୨୨ ମିଟର ଥିଲା। ଏ ପର୍ଯ୍ୟନ୍ତ ହିମାଳୟ ଗଙ୍ଗୋତ୍ରୀ ଗ୍ଲାସିୟର ୧୭୦୦ ମିଟର ତରଳିଲାଣି। ତେଣୁ ଏହି ଧାରା ଆଗକୁ ବଢ଼ିଲେ ଗଙ୍ଗା ଶୁଖିଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଦେବୀ ଭାଗବତ ପୁରାଣର ସ୍କନ୍ଦ ୯ର ୧୧ ନମ୍ବର ଅଧ୍ୟାୟରେ କୁହାଯାଇଛି ଯେ କଳିଯୁଗକୁ ୫ ହଜାର ବର୍ଷ ହେଲେ ଗଙ୍ଗା ପୃଥିବୀରୁ ଚାଲିଯିବ।

## ଜାତୀୟ ଆଡ୍‌ଭେଞ୍ଚର ଫେଷ୍ଟିଭାଲ୍‌ରେ ଗଜପତିର ଶିବାଦତ୍ତ ବକ୍ସି ସମ୍ମାନିତ




**ପାରଳାଖେମୁଣ୍ଡି, ୧୩।୨(ସମିସ):** ଚଣ୍ଡିଗଡ଼ରେ ଅନୁଷ୍ଠିତ ଜାତୀୟ ଆଡ୍‌ଭେଞ୍ଚର ଫେଷ୍ଟିଭାଲ୍‌ରେ ଗଜପତି ଜିଲ୍ଲାର ଶିବାଦତ୍ତ ବକ୍ସି ସମ୍ମାନିତ ହୋଇଛନ୍ତି। ଆସୋସିଏସନ୍ ଅଫ୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିସ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସର୍ଭିସ କମିଶନର ତଥା ମୁଖ୍ୟ ଆୟୁକ୍ତ ମହାବୀର ସିଂ ଏବଂ ହରିୟାଣା ସରକାରଙ୍କ ପୂର୍ବତନ ମୁଖ୍ୟ ସଚିବ ଏସ୍. ଚୌଧୁରୀ ସମ୍ମାନିତଅତିଥି ତଥା ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହି ଶିବାଦତ୍ତ ବକ୍ସିଙ୍କୁ 'ବେଷ୍ଟ ପେରଫରମାର୍' ଭାବେ ସମ୍ମାନିତ କରିଥିଲେ। ହିମାଚଳ ପ୍ରଦେଶର ସିଂଲଙ୍ଗରେ ହୋଇଥିବା ପର୍ବତ ଆରୋହଣ ତଥା ସମାଜ ସେବା ଏବଂ କଠିନ କାର୍ଯ୍ୟ ମିଶ୍ରିତ ପ୍ରତିଯୋଗିତାରେ ଓଡ଼ିଶାରୁ ୭ ଜଣ ପୁରୁଷ ଏବଂ ୭ ଜଣ ମହିଳା ଭାଗ ନେଇଥିଲେ। ସେଥିମଧ୍ୟରୁ ଶିବାଦତ୍ତ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ବିରଳ ସମ୍ମାନ ପାଇଁ ଏଏଏସ୍‌ଏର ଓଡ଼ିଶା ଶାଖା ସଭାପତି ନାରାୟଣ ମହାନ୍ତି, ଉପଦେଷ୍ଟା ଅଶୋକ ମହାନ୍ତି, ଯୁଗ୍ମ ସମ୍ପାଦକ ଶିବଶଙ୍କର ପଣ୍ଡା, ବିକ୍ରମକେଶରୀ ଦାସ କୋଷାଧ୍ୟକ୍ଷ, ଅନ୍ତର୍ଜାତୀୟ ପର୍ବତ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା ଓ ଶକ୍ତିରଞ୍ଜନ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଗଜପତି ଜିଲ୍ଲାର ବିଭିନ୍ନ ମହଲରେ ମଧ୍ୟ ଶିବାଦତ୍ତଙ୍କୁ ପ୍ରଶଂସା ସହ ଶୁଭେଚ୍ଛାର ସୁଅ ଛୁଟୁଛି।

### ଧାନକ୍ରୟରେ ଚାଷୀ ହଟହଟାର ସମ୍ମୁଖୀନ

# ମିଲର୍‌ଙ୍କ ଅସହଯୋଗ; ଆନ୍ଦୋଳନ ଚେତାବନୀ

**ପାରଳାଖେମୁଣ୍ଡି, ୧୩।୨(ସମିସ)**

ଅଦିନିଆ ବର୍ଷା ଯୋଗୁଁ ଗଜପତି ଜିଲ୍ଲାର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ମୁଖ୍ୟମନ୍ତ୍ରୀ ଗଜପତି ଜିଲ୍ଲା ଗସ୍ତ କରି ବର୍ଷାରେ ପ୍ରଭାବିତ ଅଞ୍ଚଳ ଗୁଡିକ ବୁଲିବା ଦେଖିବା ସହ ଚାଷୀଙ୍କୁ ପଚାରି ବୁଝିଥିଲେ। ପରେ ଭୁବନେଶ୍ୱରରେ ବୈଠକ କରି ଚାଷୀଙ୍କ ଠାରୁ ସମସ୍ତ ପ୍ରକାର ଧାନ କ୍ରୟ କରାଯିବ ବୋଲି ଘୋଷଣା କରିଥିଲେ। ଏଥିରେ ଜିଲ୍ଲାର କ୍ଷତିଗ୍ରସ୍ତ ଚାଷୀଙ୍କ ମନରେ କ୍ଷତି ଭରଣା ନେଇ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଏବେ ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ପାଲଟିଛି। ନୂତନ ସରକାର ଦାୟିତ୍ୱ ଗ୍ରହଣ କଲାପରେ ଚାଷୀଙ୍କ ଠାରୁ ପ୍ରାଥମିକ କୃଷି ସମବାୟ ସମିତି ଧାନ କ୍ରୟ କରିବେ ଏବଂ ମିଲର୍ ସହିତ ସେମାନଙ୍କ ଧାନକ୍ରୟରେ କୌଣସି ସମ୍ପର୍କ ରହିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିଯୋଗୁଁ ଅତୀତରେ ଧାନକ୍ରୟରେ ଯେଉଁ କଟନୀ ଛଟନୀ ହେଉଥିଲା ସେ ସମସ୍ୟା ଦୂର ହେବ ବୋଲି ଆଶା କରାଯାଇଥିଲା। କିନ୍ତୁ ସରକାରଙ୍କ ନିର୍ଦ୍ଦେଶନାମାକୁ



ଭ୍ରୂକ୍ଷେପ ନକରି ବିଭାଗୀୟ କର୍ତ୍ତୃପକ୍ଷ ନିଜର ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଗଜପତି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ରାସ୍ତାରୋକ ଆନ୍ଦୋଳନ କରି ନିଜର ପ୍ରତିବାଦ ଜଣାଉଛନ୍ତି ଚାଷୀ। ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ବାରମ୍ବାର ଲିଖିତ ପ୍ରତିଶ୍ରୁତି ଦେଇ ଆସିଛନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରିବା ସକାଶେ ଚାଷୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି।

ଏହିକ୍ରମରେ ଗୁରୁବାର ଗୋଷାଣି ବ୍ଲକ ଗୌଡତାଳସିଂ ପ୍ରାଥମିକ କୃଷି ସମବାୟ ସେବା ସମିତିର ଚାଷୀ ପାରଳାଖେମୁଣ୍ଡିରେ ପହଞ୍ଚି ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଚିନ୍ତାପଲ୍ଲୀ ଓ ପଦ୍ମପୁର ଗ୍ରାମର ଚାଷୀ ପୂର୍ବରୁ ଗାରାବନ୍ଧ ପ୍ରାଥମିକ କୃଷି ସମବାୟ ସେବା ସମିତି ଅଧିନରେ ରହିଥିଲା। ବର୍ତ୍ତମାନ ଏହି ଦୁଇ ଗ୍ରାମକୁ ଗୌଡତାଳସିଂ ପ୍ରାଥମିକ କୃଷି ସମବାୟ ସେବା ସମିତି ଅଧିନରେ ସାମିଲ କରାଯାଇଛି। ଏହି ପ୍ରାଥମିକ କୃଷି ସମବାୟ ସେବା ସମିତିର ଧାନକ୍ରୟ କ୍ଷମତା ୨୨ ହଜାର କ୍ୱିଣ୍ଟାଲ ରହିଛି। କିନ୍ତୁ ଉକ୍ତ ସମବାୟ ସେବା ସମିତିକୁ ୫ ହଜାର କ୍ୱିଣ୍ଟାଲ ଧାନକ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ଆଜି ସୁଦ୍ଧା ୩ ହଜାର ପାଞ୍ଚ ଶହ କ୍ୱିଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯାଇଛି। ଚାଷୀଙ୍କୁ ମିଳିଥିବା ଟୋକେନ୍ ଅବଧି ଦିନେ ଦୁଇଦିନ ପରେ ଶେଷ ହୋଇଯିବ। ମଣ୍ଡିକୁ ଧାନ ଧରିଗଲେ ସେଠାରେ ଧାନର ମାନ ଠିକ୍ ଥିବା ସମ୍ପାଦକ କହୁଛନ୍ତି ଏବଂ ତାହା ମିଲ୍ ନେଇଯିବା ପାଇଁ ପଠାଉଛନ୍ତି। ମିଲ୍‌କୁ ଗଲେ ମିଲର୍ ଧାନ ଖରାପ ଅଛି ବୋଲି କହୁଛି। ଚାରି ପାଞ୍ଚ କେଜି ଅଧିକ ଧାନ ଦେଲେ ରଖିବି ନ ହେଲେ ତୁମ ଧାନ ତୁମେ ନେଇଯାଅ ବୋଲି ମିଲର୍ କହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭୋଟି ଜଣାଇବା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିଲେ। କିନ୍ତୁ ଉପଜିଲ୍ଲାପାଳ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ମିଶି ନ ପାରି ଚାଷୀ ଫେରିଯାଇଥିଲେ। ସମସ୍ୟାର ସମାଧାନ ପ୍ରଶାସନ କଲେ ଆନ୍ଦୋଳନ କରିବୁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

## ଜୁଆଆଡ୍ଡାରେ ଚଢ଼ଉ; ୧୧ ଗିରଫ

**ସାନଖେମୁଣ୍ଡି, ୧୩।୨(ସମିସ):** ପାଟପୁର ପୁଲିସ ପାଟପୁର ରେଡ଼ି ସାହିରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ଉ କରି ୪୭, ୧୦୦ ଟଙ୍କା ଜବତ କରିବା ସହ ୧୧ ଜଣଙ୍କୁ ଗିରଫ କରିଛି। ପୁଲିସ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ରେଡ଼ି ସାହିରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ ଜଣ ଜୁଆଡିକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୭୧୦୦ ଟଙ୍କା, ୩ଟି ମୋଟର ସାଇକେଲ ସହ ଦୁଇ ମୁଠା ତାସ ଜବତ କରିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ମା'ଉଜଳେଶ୍ୱରୀ ମନ୍ଦିରରୁ ଚୋରି

**ଛତ୍ରପୁର, ୧୩।୨(ସମିସ):** ଛତ୍ରପୁର ଜାତୀୟ ରାଜପଥ କଡରେ ଥିବା ମା' ଉଜଳେଶ୍ୱରୀ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମନ୍ଦିରରୁ ସୁନା ଅଳଙ୍କାର ସମେତ ଘଣ୍ଟି ଓ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ ହୋଇଛି। ଗୁରୁବାର ସକାଳୁ ପୂଜକ ଆସି ଦେଖିବା ବେଳେ ମା'ଙ୍କ ସୁନା ଅଳଙ୍କାର ଓ ହୁଣ୍ଡି ଭାଙ୍ଗି ପଡ଼ିଥିଲା। ପରେ ପୂଜକ ଜଣକ କମିଟିକୁ ଅବଗତ କରାଇଥିଲେ।

## ମତ୍ସ୍ୟଜୀବୀ ବିକାଶ ତାଲିମ୍ ଶିବିର

**ଗୋପାଳପୁର, ୧୩।୨(ସମିସ):** ସମବାୟ ପରିଚାଳନା ପ୍ରତିଷ୍ଠାନ ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ମତ୍ସ୍ୟଜୀବୀ ପ୍ରାଥମିକ ସମବାୟ ସମିତିର ପରିଚାଳନା ସଦସ୍ୟ ଓ ସଦସ୍ୟାଙ୍କ ନିମନ୍ତେ ନେତୃତ୍ୱ ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗଞ୍ଜାମ ଜିଲ୍ଲା ସମବାୟ ସଂଘ ସଭାପତି କୈଳାସ ରଣା, ବ୍ରହ୍ମପୁର ତଥା ନିର୍ଦ୍ଦେଶକ ଓଡ଼ିଶା ରାଜ୍ୟ ସମବାୟ ସଂଘ ଭୁବନେଶ୍ୱରଙ୍କ ପୌରୋହିତ୍ୟରେ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏସଆରସିଏସ୍ ହେମନ୍ତ କୁମାର ମହାରଣା, ଅବସର ପ୍ରାପ୍ତ ଡିଆରସିଏସ୍ ରାମ ମୋହନ ପାତ୍ର, ଅବସରପ୍ରାପ୍ତ ଏସଆରସିଏସ୍ ଜି.ଏନ୍ ମୋସନ, ଜିଲ୍ଲା ଜନସେବା କେନ୍ଦ୍ର ପ୍ରବନ୍ଧକ ଅମିତ୍ କୁମାର ସାହୁ, ଅଧକ୍ଷ ଡି.କ୍ରିଷ୍ଣା ନନ୍ଦ, ସମବାୟ ପ୍ରତିଷ୍ଠାନର ଅଧ୍ୟାପକ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ନୂଆ ବକ୍ସିପଲ୍ଲୀର ସମବାୟ ସମିତି ଓ ଗୋପାଳପୁରର ବିଭିନ୍ନ ପ୍ରାଥମିକ ସମବାୟ ସମିତି, ମତ୍ସ୍ୟଜୀବୀ ସମବାୟ ସମିତିର ୫୦ ଜଣ ସଭ୍ୟସଭ୍ୟା ଯୋଗନେଇ ତାଲିମ ଗ୍ରହଣ କରିଥିଲେ।

## କଳିଙ୍ଗା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା




**ଜି.ଉଦୟଗିରି, ୧୩।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି କଳିଙ୍ଗା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। ଜି.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତାଙ୍କ ସହିତ, କଳିଙ୍ଗା ସରପଞ୍ଚ ବକ୍ସି ମଲ୍ଲିକ, ନାଏବ ସରପଞ୍ଚ କୁମଶି ପ୍ରଧାନ, କଳିଙ୍ଗା ବନାଧିକାରୀ ରଶ୍ମିତା ବକ୍ସି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସପ୍ତସିର ବଳିଆରସିଂ, ବ୍ଲକ ଏପିଓ ମାନୁଏଲ ନାୟକ ଏବଂ ସମସ୍ତ ୱାର୍ଡ ମେମ୍ବର, ଗାଆଁ ସାଥୀ ଏବଂ କଳିଙ୍ଗା ଗ୍ରାମବାସୀ ଉପସ୍ଥିତ ଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଗ୍ରାମ ସଭାରେ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା।

### ● ଆରସିଏମ୍ କଲେଜ ଛୁରାମାଡ଼ ଘଟଣା

## ଅଭିଯୁକ୍ତ ଯୁକ୍ତ ୩ ଛାତ୍ର ଗିରଫ

**ଖଲ୍ଲିକୋଟ, ୧୩।୨(ସମିସ):** ସ୍ଥାନୀୟ ଆରସିଏମ କଲେଜରେ ବୁଧବାର ହୋଇଥିବା ଛୁରା ମାଡ଼ ଘଟଣାରେ ପୁଲିସ ଗୁରୁବାର ଅଭିଯୁକ୍ତ ଯୁକ୍ତ ୩ ଛାତ୍ର ମେଘନାଦ ପାହାନ (୨୨)ଙ୍କୁ ଗିରଫ କରିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ମେଘନାଦ ପାହାନ ଆରସିଏମ କଲେଜରେ



ଯୁକ୍ତ ୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର। ପ୍ରେମ ବ୍ୟାପାରକୁ ନେଇ ବୁଧବାର କଲେଜକୁ ଲାଗି ରହିଥିବା ଖେଳ ପଡ଼ିଆରେ ୩ ଜଣ ଅଣ ଛାତ୍ରଙ୍କ ସହ ଝଗଡ଼ା ହୋଇଥିଲା। ଝଗଡ଼ା ଭିତରେ ହଠାତ ମେଘନାଦ ବ୍ୟାଗରୁ ଏକ ଛୁରୀ ବାହାର କରି ୩ ଜଣଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣରେ ଅଣ ଛାତ୍ର ବିଜୟ ନାୟକ, ରାଜା ଗୌଡ଼ ଏବଂ ରାଜା ସେଠୀ ଆହତ ହୋଇଥିଲେ। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ରାଜା ଗୌଡ଼ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏନେଇ ଖଲ୍ଲିକୋଟ ଥାନା କେସ ନମ୍ବର ୧୨୮/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମେଘନାଦକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ଗୁରୁବାର ସକାଳୁ ସୁମଣ୍ଡଳ ଗ୍ରାମରେ ସେ ଥିବା ସୂଚନା ପାଇ ପୁଲିସ ଟିମ ଚଢ଼ଉ ଧରିଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଦାରିଙ୍ଗବାଡି, ୧୩।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ରାପଡ଼ାବାଡ଼ି ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିପୁଣ ଓଡ଼ିଶାର ସ୍ୱତନ୍ତ୍ର ଶିକ୍ଷଣ ସାମଗ୍ରୀ ମେଳା



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକ, ସମ୍ମାନିତ ଅତିଥି ଭାବେ ଏବିଇଓ ଗୋକୁଳାନନ୍ଦ ନାୟକ, ବନମାଳୀ ମାଝୀ ଓ ଦାରିଙ୍ଗବାଡି ସିଆରସିସି ବଳଭଦ୍ର ମଲିକ ଯୋଗ ଦେଇଥିଲେ। କ୍ଲଷ୍ଟରସ୍ତରରେ ଯେଉଁ ଛାତ୍ରଛାତ୍ରୀ ଚୟନ ହୋଇଥିଲେ ସେମାନେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରାରମ୍ଭିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ନେଇ ଟିଏଲ୍‌ଏମ ପ୍ରଦର୍ଶନ କରି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ମେଳା ଅନୁଷ୍ଠିତ ହୋଇଥିଲା। ଅଭିଭାବକ ଶିକ୍ଷଣ ସାମଗ୍ରୀ ମେଳା ପରିଦର୍ଶନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଫଏଲ୍‌ଏନ ଶିକ୍ଷକଙ୍କୁ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଡିଓଙ୍କୁ ଉତ୍କଳ ଗାଁ ସାଥୀ ସଂଘର ଦାବିପତ୍ର

**ଦାରିଙ୍ଗବାଡି, ୧୩।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଉତ୍କଳ ଗାଁ ସାଥୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ବିଡ଼ିଓ ପ୍ରୀତି ରଞ୍ଜନ ରଥଙ୍କୁ ପ୍ରଦାନ କରାଯାଇଛି। ସଂଘର ଦାବି ମଧ୍ୟରେ ମନମୁଖୀ ଗାଁ ସାଥୀ ଚୟନ ବନ୍ଦ କରିବା, ଗାଁ ସାଥୀଙ୍କ ସେମିସ୍କିଲ୍ଡ଼ ପ୍ରାପ୍ୟ ସଠିକ୍




ଭାବେ ପ୍ରଦାନ କରିବା, ଗାଁ ସାଥୀଙ୍କୁ ପର୍ଯ୍ୟାପ୍ତ ପରିମାଣର କାର୍ଯ୍ୟ ଯୋଗାଇ ଦେବା, ମନରେଗା କାର୍ଯ୍ୟରେ ଠିକାଦାର ପ୍ରଥା ବନ୍ଦ କରିବା ରହିଛି। ବିଡ଼ିଓ ଶ୍ରୀ ରଥ ଗାଁ ସାଥୀଙ୍କ ଦାବିପତ୍ର ଗ୍ରହଣ କରିବା ସହିତ କିଛି ସଠିକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଡ଼ିଓଙ୍କ ସହିତ ଏପିଓ କେଦାର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଦାବିପତ୍ର ଦେବା ସମୟରେ ସଭାପତି କେଶବ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଦୀପ ବଳିଆରସିଂଙ୍କ ସମେତ ଅନ୍ୟ ଗାଁ ସାଥୀ ଉପସ୍ଥିତ ଥିଲେ।

## କରଡ଼ାସିଂ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼, ୧୩।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କରଡ଼ାସିଂ ପଞ୍ଚାୟତ ସ୍ଥିତ ସତସଙ୍ଗ ମନ୍ଦିର ପଡ଼ିଆ ରେ ଖଦୀ ଓ ଗ୍ରାମ୍ୟଦ୍ୟୋଗ କମିଶନ ଓ ସ୍ୱେସ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ବି. କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଉମାଶଙ୍କର ଭୂମଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଏବିଡିଓ ପିତାମ୍ବର ବେହେରା, ସମିତିସଭ୍ୟା ରେଣୁବାଳା ଦେବୀ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସମାଜସେବୀ ରାଧାକୃଷ୍ଣ ଜାନି ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଖଦି ଓ ଗ୍ରାମ୍ୟଦ୍ୟୋଗ ଏବଂ ସ୍ୱେସର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ଲୋକଙ୍କର ନିଜସ୍ୱ ବ୍ୟବସାୟ ପାଇଁ କିଭଳି ବ୍ୟାଙ୍କରୁ ରିହାତି ଋଣ ଦିଆଯାଇ ସ୍ୱାବଲମ୍ବୀ କରାଯିବ ଏବଂ ଏଥିପାଇଁ ଉଭୟ ସରକାର ଏବଂ କେଭିଆଇସିର ମିଳିତ ସହଯୋଗ ନିହାତି ଆବଶ୍ୟକ ବୋଲି ସ୍ୱେସର ଅଧ୍ୟକ୍ଷ ଜଗନ୍ନାଥ ସେଠୀ କେଭିଆଇସି ଓ ଏମଡିଟିସି ଭାରତ ସରକାରଙ୍କ ନୋଡାଲ ଅଫିସର ସୁନୀଲ କୁମାର ସାହୁ, ନିର୍ଦ୍ଦେଶକ କୁଳଭୂଷଣ ପଟ୍ଟନାୟକ, ସିଏଓ ଅରବିନ୍ଦ ବାବୁ, ଓ ବେଣୁଗୋପାଳ ରାଓ ପ୍ରମୁଖ କହିଥିଲେ। ଚଳିତ ମାସ ଶେଷ ସୁଦ୍ଧା ଏହି ପଞ୍ଚାୟତରେ ୨୦ ହିତାଧିକାରୀ ବିଶିଷ୍ଟ ଦୁଇଟି ତାଲିମ ଶିବିରର ଆୟୋଜନ କରାଯିବ ବୋଲି ସ୍ୱେସର ଅଧ୍ୟକ୍ଷ ଶ୍ରୀ ସେଠୀ କହିଛନ୍ତି।

## ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ପାରଳାଖେମୁଣ୍ଡି, ୧୩।୨(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ହିତୈଷିଣୀ ସମାଜର ମିଳିତ ଆନୁକୂଲ୍ୟରେ ଛନ୍ଦବିଜ୍ଞାନୀ ତଥା ସାହିତ୍ୟ ସମାଲୋଚକ ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁଙ୍କ ୧୬୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥି ଉପଲକ୍ଷେ ଏକ ଭବ୍ୟ ସାହିତ୍ୟ ସମାରୋହ ବୁଧବାର ଦିନ ସନ୍ଧ୍ୟାରେ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଉପାନ୍ତପ୍ରହରୀ ତଥା ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ବିଚିତ୍ରାନନ୍ଦ ବେବର୍ତ୍ତା ମୁଖ୍ୟଅତିଥି ଓ ଆକାଂକ୍ଷା ମହିଳା ସାହିତ୍ୟ ସଂଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀ, ବିନୋଦିନୀ ବିଜ୍ଞାନ




ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ଉତ୍କଳ ହିତୈଷିଣୀ ସମାଜର ସଭାପତି ଭାରତ ଭୂଷଣ ମହାନ୍ତି ଯଥାକ୍ରମେ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ଶ୍ୟାମସୁନ୍ଦରଙ୍କୁ ଜଣେ ପାରଦର୍ଶୀ ସାହିତ୍ୟିକ ତଥା ଭାଷାବିତ ଭାବେ ଅଭିହିତ କରିଥିଲେ। ଆଚାର୍ଯ୍ୟ ବିନୋଦଚନ୍ଦ୍ର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅବସର ପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ପାଢ଼ୀ। ଅବସରପ୍ରାପ୍ତ ବରିଷ୍ଠ ଆରକ୍ଷୀ ଅଧୀକ୍ଷକ ସୁବାସଚନ୍ଦ୍ର ଜମାଦାର, ସ୍ନିଗ୍ଧା ମିଶ୍ର, ଡ.କଲ୍ୟାଣୀ ମିଶ୍ର, ସ୍ନେହା ବେହେରା, କବି ହରପ୍ରସାଦ ସୁଆର, ଗୌରହରି ପଟ୍ଟନାୟକ, ଶିକ୍ଷାବିତ ତ୍ରିପତି ପ୍ରସାଦ ପଣ୍ଡା, ବିଷ୍ଣୁଚରଣ ପଣ୍ଡା, ଭାଗବତ ପାଢ଼ୀ, ମୁରଲୀ ପରିଚ୍ଛା ଓ ଇଂ.ଶ୍ୱେତା ପଟ୍ଟନାୟକ, ରାମାନନ୍ଦ ପଟ୍ଟନାୟକ, ରାମକୃଷ୍ଣ ପରିଚ୍ଛାଙ୍କ ସମେତ ପାରଳାଖେମୁଣ୍ଡି ସହରର ଶତାଧିକ ସାହିତ୍ୟିକ ଓ ସାହିତ୍ୟପ୍ରେମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମହିଳାଙ୍କୁ ଦେଶୀ କୁକୁଡ଼ା ଚିଆଁ ବଣ୍ଟନ

**ଫିରିଙ୍ଗିଆ, ୧୩।୨(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଓଡ଼ିଶା ଜୀବିକା ମିଶନ ଓ ଏଲଏମ ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଦେଶୀ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ପୂର୍ବରୁ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବାକୁ କୁକୁଡ଼ା ଚାଷ ସହ ବିଭିନ୍ନ ଯୋଜନା ମାଧ୍ୟମରେ ଫୁଲ ଚାଷ ଓ ଅନ୍ୟାନ୍ୟ ଜିନିଷ ପ୍ରଦାନ କରାଯାଇଥିଲା। କିନ୍ତୁ ମହିଳାଙ୍କ ଦ୍ୱାରା କରାଯାଇଥିବା କୁକୁଡ଼ା ଚାଷ ସଫଳ ହୋଇ ନ ଥିବା ବେଳେ ସବୁ କୁକୁଡ଼ା ଫାର୍ମ ଅଚଳ ହୋଇ ପଡ଼ି ରହିଥିଲା। ଏହି ଅଞ୍ଚଳରେ ବ୍ରଏଲର କୁକୁଡ଼ା କିମ୍ବା ବନରଜ କୁକୁଡ଼ା ଚାଷ ସଫଳ ହୋଇ ନ ଥିବା ଏବଂ ଦେଶୀ କୁକୁଡ଼ା ଚାଷ ଭଲ ହେଉଥିବାରୁ କନ୍ଧମାଳ ଜିଲ୍ଲା ପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ପୁଣି ଥରେ ଫିରିଙ୍ଗିଆ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ



କୁକୁଡ଼ା ଫାର୍ମ ପାଇଁ ଦେଶୀ କୁକୁଡ଼ା ଚିଆଁ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ଫିରିଙ୍ଗିଆ ବ୍ଲକର ଓଏଲଏମ ସଂଗ୍ରାମ କେଶରୀ ସାହୁଙ୍କ ଉପସ୍ଥିତରେ ଡିମିରିଗୁଡା ତ୍ରିବେଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଦେଶୀ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବ୍ଲକର ହୋଇଥିବା ପ୍ରତ୍ୟେକ ୟୁନିଟକୁ ଦେଶୀ କୁକୁଡ଼ା ଚିଆଁ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ଥିବା ଓଏଲ ଏମସଂଗ୍ରାମ କେଶରୀ ସାହୁ ସୂଚନା ଦେଇଛନ୍ତି।

## କଳିଙ୍ଗ ମହାବିଦ୍ୟାଳୟରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

**ଜି.ଉଦୟଗିରି, ୧୩।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲରା। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ରତିକାନ୍ତ ସାହୁ, ମୁଖ୍ୟ ବକ୍ତା ଭାବେ ଏମ୍‌ଏମ୍‌ସି ହସ୍ପିଟାଲର ଡା.ଦେବରାଜ ଦାସ ଯୋଗଦେଇ ଫାଇଲେରିଆ ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ରାଜକିଶୋର ସାହୁ, ଟେକ୍ନିକାଲ ନିରୀକ୍ଷକ




ମନୋରଞ୍ଜନ ମହାପାତ୍ର, ଅନୁପ୍ରାସ ନାୟକ, ଅଙ୍ଗନବାଡ଼ି କର୍ମୀ ସସ୍ମିତା ନାୟକ ଓ ଆଶାକର୍ମୀ ଟିକିଲି କୁମାରୀ ନାୟକ ଯୋଗଦେଇଥିଲେ। ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ ଚନ୍ଦ୍ର ମୁଠାମାଝି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଏବଂ ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀ ସଚେତନତା ପଦଯାତ୍ରା କରିଥିଲେ।

ସକାଳ
THE SAKALA



www.sakalaepaper.com

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୯୧ • ପାଉଣ୍ଡ ୧୦୮.୮୩
- ୟୁରୋ ୯୦.୬୫ • ୟେନ୍ ୦.୫୬

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୭୯,୦୮୦ (ଭୁବନେଶ୍ୱର)
- ରୁପା : ୯୯,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୧୩୮.୦୦
- ନିଫ୍ଟି ୨୩,୦୩୧.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ବ୍ଲୁମବର୍ଗ ଏସିଆ ଧନୀ ପରିବାର ତାଲିକା

# ଅମ୍ବାନୀ ପରିବାର ସବୁଠୁ ଧନୀ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି)



ଭାରତୀୟ ବ୍ୟବସାୟୀମାନେ ସାରା ବିଶ୍ୱରେ ନିଜର ପ୍ରଭାବ ଜାରି ରଖିଛନ୍ତି। ଏବେ ସେ କେବଳ ତାଙ୍କର ଦକ୍ଷତା ପାଇଁ ନୁହେଁ ବରଂ ତାଙ୍କର ଦୃଢ଼ ବ୍ୟବସାୟ ରଣନୀତି ପାଇଁ ମଧ୍ୟ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରୁଛନ୍ତି। ଏହାର ଏକ ଉଦାହରଣ ହେଉଛି ବ୍ଲୁମବର୍ଗର ଏସିଆର ସବୁଠାରୁ ଧନୀ ପରିବାର ତାଲିକା,

### ମିସ୍ତ୍ରୀ ପରିବାର ଚତୁର୍ଥ ସ୍ଥାନରେ

### ତାଲିକାରେ ଭାରତର ୪ ଶିଳ୍ପ ପରିବାର

ଯେଉଁଥିରେ ଅମ୍ବାନୀ ପରିବାର ଶୀର୍ଷରେ ରହିଛି। ତେବେ ଅନ୍ୟ ଅନେକ ପରିବାର ଶୀର୍ଷ ୨୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ଏସିଆ ଧନୀ ପରିବାର ତାଲିକାରେ ଭାରତର ମିସ୍ତ୍ରୀ ପରିବାର ଚତୁର୍ଥ ସ୍ଥାନରେ ରହିଛି।

ଏହି ତାଲିକାରେ ପ୍ରଥମ ସ୍ଥାନରେ ଭାରତର ମୁକେଶ ଅମ୍ବାନୀଙ୍କ ପରିବାର ରହିଛି। ୯୦.୫ ବିଲିୟନ ଡଲାର ସମ୍ପତ୍ତି ଥିବା ଅମ୍ବାନୀ ପରିବାର ହେଉଛି ଭାରତର ସବୁଠାରୁ ବଡ଼ ବ୍ୟବସାୟିକ ଗ୍ରୁପ ମଧ୍ୟରୁ ଗୋଟିଏ। ଏହାର ମୁଖ୍ୟ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍। ୪୨.୬ ବିଲିୟନ ଡଲାରର ସମ୍ପତ୍ତି ସହ ଥାଇଲ୍ୟାଣ୍ଡର ଚିଅରାଭାନୋଣ୍ଟ ପରିବାର ଏସିଆର ସବୁଠାରୁ ଧନୀ ପରିବାର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। କମ୍ପାନୀ ଚାରୋଏନ୍ ପୋକଫାଣ୍ଡ ଗ୍ରୁପ୍ ଖାଦ୍ୟ, ଖୁଚୁରା ଏବଂ ଟେଲିକମ୍ ଭଳି ଅନେକ ପ୍ରମୁଖ କ୍ଷେତ୍ରରେ ବ୍ୟବସାୟ କରିଥାଏ। ସେହିପରା ବ୍ୟାଙ୍କିଙ୍ଗ ଏବଂ ତମାଖୁ ଶିଳ୍ପ ସହିତ ଜଡିତ ଇଣ୍ଡୋନେସିଆର ହାର୍ଟୋନୋ ପରିବାର ତୃତୀୟ ସ୍ଥାନରେ ଅଛି। ଏହି ପରିବାରର ମୋଟ ସମ୍ପତ୍ତି ପରିମାଣ ୪୨.୨ ବିଲିୟନ ଡଲାର ହେବ। ହାର୍ଟୋନୋ ପରିବାରର ମୁଖ୍ୟ କମ୍ପାନୀ ବ୍ୟାଙ୍କ ସେଣ୍ଟ୍ରାଲ ଏସିଆ।

ବ୍ଲୁମବର୍ଗ ଏସିଆ ଧନୀ ପରିବାର ତାଲିକାରେ ଭାରତର ମିସ୍ତ୍ରୀ ପରିବାର ଚତୁର୍ଥ ସ୍ଥାନରେ ଥିବା ଜଣାପଡିଛି। ପରିବାର ସମ୍ପତ୍ତିର ଏକ ପ୍ରମୁଖ ଅଂଶ ଟାଟା ସନ୍ସରେ ଥିବା ଅଂଶଧନ ଏବଂ ଶାପୁରଜୀ ପାଲୋନଜୀ ଗ୍ରୁପର ବ୍ୟବସାୟରୁ ଆସିଛି। ମିସ୍ତ୍ରୀ ପରିବାରର ମୋଟ ସମ୍ପତ୍ତି ୩୭.୫ ବିଲିୟନ ଡଲାର। ହଂକଂର କ୍ୱୋକ୍ ପରିବାର ସେଠାକାର ସବୁଠାରୁ ଧନୀ ପରିବାର। ରିଅଲ୍ ଇଷ୍ଟେଟ୍ କମ୍ପାନୀ ସନ୍ ହଙ୍ଗ କାଇ ପ୍ରପର୍ଟିଜ୍‌ରୁ ଏହି ପରିବାରର ମୁଖ୍ୟ ଆୟ ଆସିଥାଏ। କ୍ୱୋକ୍ ପରିବାରର ମୋଟ ସମ୍ପତ୍ତି ପରିମାଣ ୩୫.୬ ବିଲିୟନ ଡଲାର।

ଅପରପକ୍ଷେ ତାଇୱାନର ତସାଇ ପରିବାର ଏସିଆର ଧନୀ ପରିବାର ତାଲିକାରେ ଷଷ୍ଠ ସ୍ଥାନରେ ଅଛି। ପରିବାରର ସମ୍ପତ୍ତିରେ କ୍ୟାଥେ ଫାଇନାନ୍ସିଆଲ୍ ଏବଂ କ୍ୟୁବନ୍ ଫାଇନାନ୍ସିଆଲ୍ ଭଳି କମ୍ପାନୀ ରହିଛି, ଯେଉଁଗୁଡିକ ଆର୍ଥିକ ସେବା କ୍ଷେତ୍ରର ବଡ଼ କମ୍ପାନୀ। ତସାଇ ପରିବାରର ମୋଟ ସମ୍ପତ୍ତି ୩୦.୯ ବିଲିୟନ ଡଲାର ହେବ। ଭାରତର ଜିନ୍ଦଲ ପରିବାର ଧନୀ ପରିବାର ସୂଚୀରେ ସପ୍ତମ ସ୍ଥାନରେ ରହିଛି। ଓ.ପି. ଜିନ୍ଦଲ ଗ୍ରୁପ୍ ମାଧ୍ୟମରେ ଏହି ପରିବାର ଶକ୍ତି, ସିମେଣ୍ଟ ଏବଂ କ୍ରୀଡା ଭଳି ଅନେକ କ୍ଷେତ୍ରରେ ବ୍ୟବସାୟ କରୁଛି। ଜିନ୍ଦଲ ପରିବାରର ମୋଟ ସମ୍ପତ୍ତି ୨୮.୧ ବିଲିୟନ ଡଲାର।

ପ୍ରସିଦ୍ଧ ରେଡ ବୁଲ୍ ଏନର୍ଜୀ ଡ୍ରିଙ୍କସ ପ୍ରସ୍ତୁତକାରୀ ଥାଇଲ୍ୟାଣ୍ଡର ୟୋବିଦ୍ୟା ପରିବାର ଧନୀ ପରିବାର ତାଲିକାରେ ଅଷ୍ଟମ ସ୍ଥାନରେ ରହିଛି। ଏହାର ମୋଟ ସମ୍ପତ୍ତି ୨୫.୭ ବିଲିୟନ ଡଲାର। ଅପରପକ୍ଷେ ୨୩ ବିଲିୟନ ଡଲାରର ସମ୍ପତ୍ତି ସହ ଭାରତର ବିର୍ଲା ପରିବାର ଏସିଆର ଧନୀ ପରିବାର ତାଲିକାରେ ନବମ ସ୍ଥାନରେ ରହିଛି। ଏହି ପରିବାରର ବ୍ୟବସାୟ ଧାତୁଠାରୁ ଆରମ୍ଭ କରି ସିମେଣ୍ଟ ଏବଂ ଆର୍ଥିକ ସେବା ସହିତ ଜଡିତ ଏବଂ ସାତ ପିଢ଼ି ଧରି ଚାଲିଆସୁଛି। ଶେଷରେ ଏସିଆର ଧନୀ ପରିବାର ସୂଚୀରେ ଦଶମ ସ୍ଥାନରେ ଦକ୍ଷିଣ କୋରିଆର ଲି ପରିବାର ରହିଛି, ଯାହାର ମୋଟ ସମ୍ପତ୍ତି ୨୨.୭ ବିଲିୟନ ଡଲାର। ବିଶ୍ୱର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ କମ୍ପାନୀ ସାମସଙ୍ଗ ଏହି ପରିବାରର ବ୍ରାଣ୍ଡ।


ତେବେ ଏସିଆର ଅନ୍ୟାନ୍ୟ ପ୍ରମୁଖ ପରିବାର ମଧ୍ୟାରେ ଚୀନ୍‌ର ଝାଙ୍ଗ୍ ପରିବାର, ହଂକଂର ଚେଙ୍ଗ୍ ପରିବାର, ଭାରତର ବଜାଜ୍ ପରିବାର ଏବଂ ସିଙ୍ଗାପୁରର କ୍ୱେକ୍ ପରିବାର ମଧ୍ୟ ଶ୍ରେଷ୍ଠ ୨୦ ମଧ୍ୟରେ ସାମିଲ।

**ଏସିଆର ଶ୍ରେଷ୍ଠ ୧୦ ଧନୀ ପରିବାର**

୧. ଅମ୍ବାନୀ ପରିବାର
୨. ଚିଅରାଭାନୋଣ୍ଟ ପରିବାର
୩. ହାର୍ଟୋନୋ ପରିବାର
୪. ମିସ୍ତ୍ରୀ ପରିବାର
୫. କ୍ୱୋକ୍ ପରିବାର
୬. ତସାଇ ପରିବାର
୭. ଜିନ୍ଦଲ ପରିବାର
୮. ୟୋବିଦ୍ୟା ପରିବାର
୯. ବିର୍ଲା ପରିବାର
୧୦. ଲି ପରିବାର

## ସ୍ପାମ୍ କଲ୍ ପାଇଁ ୧୦ ଲକ୍ଷ ଜରିମାନା ଦେବେ ଟେଲିକମ୍ କମ୍ପାନୀ : ଟ୍ରାଇ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବୁଧବାର ପେସ୍କି କଲ୍ ଏବଂ ମେସେଜ୍ ଉପରେ ଏହାର କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ଏଥିରେ ବାରମ୍ବାର ନିୟମ ଉଲ୍ଲଂଘନ ପାଇଁ ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଧାର୍ଯ୍ୟ କରାଯାଇଛି। ତେବେ ଟ୍ରାଇ ଟେଲିକମ୍ କମ୍ପାନୀଗୁଡ଼ିକ ଦ୍ୱାରା ବାରମ୍ବାର ହଇରାଣ କରୁଥିବା ଫୋନ୍ କଲ୍ ଏବଂ ଅନାବଶ୍ୟକ ମେସେଜ୍ ନିୟମ ଉଲ୍ଲଂଘନ




କରନ୍ତି ଏବଂ ଏପରିକି ଭୁଲ ସ୍ପାମ୍ ନମ୍ବର ଦେଲେ ସେମାନଙ୍କ ଉପରେ ଏହି ଜୋରିମାନା ଲାଗୁ ହେବ। ରିୟଲ ଟାଇମରେ ସମ୍ଭାବ୍ୟ ସ୍ପାମର୍ସଙ୍କୁ ଫ୍ଲାଗ କରିବା ପାଇଁ ଅସ୍ୱାଭାବିକ ଭାବେ ଅଧିକ କଲ୍ ଭଲ୍ୟୁମ୍, କମ୍ କଲ୍ ଅବଧି ଏବଂ କମ୍ ଆଗମନ-ଟୁ-ଆଉଟଗୋଇଙ୍ଗ୍ କଲ୍ ଅନୁପାତ ଭଳି ମାନଦଣ୍ଡ ଆଧାରରେ ସମସ୍ତ ଟେଲିକମ୍ ଅପରେଟରଙ୍କୁ କଲ୍ ଏବଂ ଏସ୍‌ଏମ୍‌ଏସ୍ ଡାଟା ବିଶ୍ଲେଷଣ କରିବାକୁ ନିୟାମକ ନିର୍ଦ୍ଦେଶ ଦେଇଛନ୍ତି। ଟେଲିକମ୍ ବାଣିଜ୍ୟିକ ଯୋଗାଯୋଗ ଗ୍ରାହକ ପ୍ରାଥମିକତା ନିୟମାବଳୀରେ ଏହି ନିୟମରେ ସଂଶୋଧନ କରାଯାଇଛି, ଯେଉଁଥିରେ ଟେଲିକମ୍ ଅପରେଟରମାନେ ନିୟମର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଲେ ସେମାନଙ୍କ ଉପରେ ଗ୍ରେଡେଡ୍ ଜରିମାନା ଆଦାୟ କରାଯିବ। ଉଦାହରଣ ସ୍ୱରୂପ, ୟୁସିସିର ଗଣନାର ଭୁଲ ରିପୋର୍ଟିଂ ହେଲେ ପ୍ରଥମ ଉଲ୍ଲଂଘନ ପାଇଁ ୨ ଲକ୍ଷ ଟଙ୍କା, ଦ୍ୱିତୀୟଥର ଉଲ୍ଲଂଘନ ପାଇଁ ୫ ଲକ୍ଷ ଟଙ୍କା ଏବଂ ପରବର୍ତ୍ତୀ ଉଲ୍ଲଂଘନ ପାଇଁ ଉଦାହରଣ ପିଛା ୧୦ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ (ଏଫଡି) ଲାଗୁ କରାଯିବ ବୋଲି ଏହି ନୂଆ ନିୟମରେ କୁହାଯାଇଛି।

## ଭାଲେଣ୍ଟାଇନ ଡେ’ ରେ ବିମାନ କମ୍ପାନୀଙ୍କ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଶୁକ୍ରବାର ଭାଲେଣ୍ଟାଇନ ଡେ’। ଏହାକୁ ନଜରରେ ରଖି ବିମାନ କମ୍ପାନୀଗୁଡିକ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛନ୍ତି। ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ଠାରୁ ଆରମ୍ଭ କରି ଇଣ୍ଡିଗୋ ଯାଏ ବିମାନ ସେବା ପ୍ରଦାନକାରୀ କମ୍ପାନୀଗୁଡିକ ତାଙ୍କ ଗ୍ରାହକଙ୍କୁ ଖାସ ଉପହାର ଦେଉଛନ୍ତି। ଏୟାରଲାଇନ ‘ଭାଲେଣ୍ଟାଇନ ଡେ ସେଲ୍’ ଘୋଷଣା କରିଛନ୍ତି, ଯେଉଁଥିରେ ଯାତ୍ରୀଙ୍କ ପାଇଁ ପ୍ରାରମ୍ଭ ଭଡ଼ା ମାତ୍ର ୧୪୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ସେଲର ଲାଭ ନେବା ପାଇଁ ଆପଣଙ୍କୁ ୧୬ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଟିକେଟ୍ ବୁକିଂ କରିବାକୁ ପଡିବ। ଏହି ବୁକିଂ କେବଳ ଡୋମେଷ୍ଟିକ୍ ଫ୍ଲାଇଟ୍ ବୁକିଂ ଲାଗି ଉପଲବ୍ଧ। ଏହାସହିତ ଏହି ଅଫର ୨୫ ଫେବୃଆରୀରୁ ୨୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଯାତ୍ରା ନିମନ୍ତେ ବୈଧ।

## ଜିଏନ୍ ଅଟୋନେସନ୍‌ରେ ମହିନ୍ଦ୍ରା ଏକ୍ସଇଭି ୯ଇ ଓ ବିଇ ୬ ଇଭିର ବଜାର ପ୍ରବେଶ

ସମ୍ବଲପୁର,୧୩।୨(ସମିସ)



ମହିନ୍ଦ୍ରା ଇଭି ସେଗମେଣ୍ଟର ଦୁଇ କାର୍ ମହିନ୍ଦ୍ରା ଏକ୍ସଇଭି ୯ଇ ଓ ବିଇ ୬ର ଆଜି ସମ୍ବଲପୁରରେ ବଜାର ପ୍ରବେଶ ହୋଇଛି। ସମ୍ବଲପୁର ଜିଏନ୍ ଅଟୋନେସନ୍ ପକ୍ଷରୁ ଉଭୟ କାର୍‌କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ସୋ’ରୁମ୍ ମାଲିକ ହର୍ଷଦୀପ ସିଂହ କାଲ୍‌ରା, ସୋ’ରୁମ୍ ଜିଏମ୍ ଅଭିଲାଷ ପଣ୍ଡା, ଜସ୍ମିତ୍ ବେଦୀ,ଜସ୍ମିନ କୌର ବେଦୀ, ସାଏନ ଦେ (ଏଏସଏମ) ଓ ଆରବି ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ କାରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ଭଳି ବୈଶିଷ୍ଟ୍ୟ ରହିଛି। ଏହି ବୈଦ୍ୟୁତିକ କାର୍‌ରେ ମହିନ୍ଦ୍ରାର ନିଜସ୍ୱ କୃତ୍ରିମ ବୁଦ୍ଧିମତା(ଏଆଇ) ରହିଛି। ସୁରକ୍ଷା ଦୃଷ୍ଟିରୁ ୫ଟି କ୍ୟାମେରା ରହିଥିବାବେଳେ ଗାଡ଼ି ଚାଳକଙ୍କୁ ଟ୍ରାକ କରିବା ଭଳି ସୁବିଧା ରହିଛି। ଇଣ୍ଟେରିଅର ଲାଇଟିଂ ସହ ଭିତରେ ୧୬ଟି ସ୍ପିକର ଅଛି। କାରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟୋ ପାର୍କିଂର ସୁବିଧା ରହିଛି। ଚାଳକ ମୋବାଇଲ ସାହାଯ୍ୟରେ ଗାଡ଼ିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ କରିପାରିବେ। ବିଇ ୬ ଆଠ ରଙ୍ଗରେ ଉପଲବ୍ଧ ରହିଥିବାବେଳେ ଏହାର ଏକ୍ସ ସୋ’ରୁମ ମୂଲ୍ୟ ୧୮.୯୦ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ସେହିପରି ୯ ଇ ୭ଟି ରଙ୍ଗରେ ଉପଲବ୍ଧ ରହିଥିବାବେଳେ ସୋ’ରୁମ ଦର ୨୧.୯୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଉଭୟ କାରର ୪ଟି ଭାରିଆଣ୍ଟ ରହିଛି।

## ଦେଶର ସବୁ ପ୍ରାନ୍ତରେ ଔଷଧ ପହଞ୍ଚାଉଛି ଆମାଜନ୍ ଫାର୍ମାସୀ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଆମାଜନ୍ ଫାର୍ମାସି ଏହାର ମାର୍କେଟପ୍ଲେସ୍ ମାଧ୍ୟମରେ ଭାରତରେ ୧୦୦% ସେବାଯୋଗ୍ୟ ପିନକୋଡରେ ସଂଚୟ ଏବଂ ଭରସାଯୋଗ୍ୟ ଡୋରଷ୍ଟେପ୍ ଡେଲିଭରି ସହିତ ଗ୍ରାହକଙ୍କୁ ଘରେ ବସି ଅନଲାଇନରେ ଔଷଧ ଅର୍ଡର କରିବାର ସୁବିଧା ପ୍ରଦାନ କରୁଛି। ଯେବେକି ଗ୍ରାହକଙ୍କୁ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ସହ ଯୋଡ଼ି ବାସ୍ତବରେ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛି। ଯାଞ୍ଚ କରାଯାଇଥିବା ବିକ୍ରେତାଙ୍କ ମାଧ୍ୟମରେ, ଆପଣ ପ୍ରେସ୍କ୍ରିପସନ୍ ଔଷଧ, ଓଟିସି ଔଷଧ, ଡାକ୍ତରୀ ଉପକରଣ, ସପ୍ଲିମେଣ୍ଟ ଏବଂ ସ୍ୱାସ୍ଥ୍ୟ ଉତ୍ପାଦଗୁଡିକର ଏକ ବିଶାଳ ଚୟନ ଅନୁସନ୍ଧାନ କରିପାରିବେ। ଆମାଜନର ଦେଶବ୍ୟାପୀ ଲଜିଷ୍ଟିକ୍ ନେଟୱାର୍କ ବ୍ୟବହାର କରି ଗ୍ରାହକମାନେ ବର୍ତମାନ ବିଭିନ୍ନ ପ୍ରକାରର ଔଷଧ ପାଇପାରିବେ, ଯେଉଁଥିରେ ଶୀର୍ଷ ମେଟ୍ରୋ ଏବଂ ଟିୟର ୨ ସହର ସମେତ ୨୩ ଟି ସହରରେ ସମାନ ଦିନର ଡେଲିଭରି ଉପଲବ୍ଧ ହେବ । ଆମାଜନ ଇଣ୍ଡିଆର ଫାର୍ମାସି ନିର୍ଦ୍ଦେଶକ ହର୍ଷ ଗୋଏଲ କହିଛନ୍ତି, ଆମାଜନ ଫାର୍ମାସି ଜରିଆରେ ବିକ୍ରେତାମାନେ ଦେଶବ୍ୟାପୀ ଲଜିଷ୍ଟିକ୍ ନେଟୱାର୍କର ଲାଭ ଉଠାଇ ଦେଶବ୍ୟାପୀ ଏପରିକି ଦୁର୍ଗମ ଅଞ୍ଚଳରେ ମଧ୍ୟ ହଜାର ହଜାର ପ୍ରେସକ୍ରିପସନ୍ ଔଷଧ, ଓଟିସି ଔଷଧ ଏବଂ ସ୍ୱାସ୍ଥ୍ୟସେବା ଅତ୍ୟାବଶ୍ୟକ ସାମଗ୍ରୀ ଗ୍ରାହକଙ୍କ ଘରେ ପହଞ୍ଚାଉଛନ୍ତି।

### ଆଦାନୀ ଗ୍ରୁପ୍‌କୁ ଝଟ୍‌କା

## ଶ୍ରୀଲଙ୍କାରେ ପବନ ଶକ୍ତି ପ୍ରକଳ୍ପରୁ ଓହରିଲା ଆଦାନୀ ଗ୍ରୀନ୍

ନୂଆଦିଲ୍ଲୀ,୧୩।୨(ଏଜେନ୍ସି)



- ଏନର୍ଜି ୱିଣ୍ଡ ପାୱାର କମ୍ପ୍ଲେକ୍ସ ନିର୍ମାଣ କରିବ ନାହିଁ
- ୩୮୪୪ କୋଟିରେ ୪୮୪ ମେଗାୱାଟ୍ ପ୍ରକଳ୍ପ ନିର୍ମାଣ ହେବାର ଥିଲା

ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଆଉ ଶ୍ରୀଲଙ୍କାରେ ଏହାର ଦୁଇଟି ପ୍ରସ୍ତାବିତ ପବନ ଶକ୍ତି କମ୍ପ୍ଲେକ୍ସ ନିର୍ମାଣ କରିବ ନାହିଁ। ଏହି ୪୮୪ ମେଗାୱାଟ୍ ପ୍ରକଳ୍ପ ଶ୍ରୀଲଙ୍କାର ମନ୍ନାର ଏବଂ ପୁନାରି ଉପକୂଳବର୍ତ୍ତୀ ଅଞ୍ଚଳରେ ନିର୍ମାଣ ହେବାର ଥିଲା। ଗୁରୁବାର କମ୍ପାନୀ ଏକ ପ୍ରେସ୍ ନୋଟ୍ ମାଧ୍ୟମରେ ଏହି ସୂଚନା ଦେଇଛି। କମ୍ପାନୀ କହିଛି, ଆଦାନୀ ଗ୍ରୀନ୍ ଏନର୍ଜି ଶ୍ରୀଲଙ୍କାରେ ନବୀକରଣୀୟ ଶକ୍ତି, ପବନ ଶକ୍ତି ଏବଂ ଦୁଇଟି ପରିବହନ ପ୍ରକଳ୍ପରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସୂଚନା ଶ୍ରୀଲଙ୍କାର ସମ୍ପୃକ୍ତ ବିଭାଗକୁ ଦିଆଯାଇଛି। ଆମେ ଶ୍ରୀଲଙ୍କା ପ୍ରତି ପ୍ରତିବଦ୍ଧ ଏବଂ ଶ୍ରୀଲଙ୍କା ସରକାର ଚାହିଁଲେ ଭବିଷ୍ୟତରେ ସହଯୋଗ କରିବାକୁ ପ୍ରସ୍ତୁତ।

ସମ୍ପ୍ରତି, ଶ୍ରୀଲଙ୍କା ଆଦାନୀ ଗ୍ରୁପ୍ ସହିତ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ସମାପ୍ତ କରିବାକୁ ନିଷ୍ପତ୍ତି ନେଇଥିଲା। ସେତେବେଳେ ଶ୍ରୀଲଙ୍କା ଯୁକ୍ତି ଦର୍ଶାଇଥିଲା ଯେ ଗ୍ରୁପ ମୁଖ୍ୟ ଗୌତମ ଆଦାନୀଙ୍କ ବିରୁଦ୍ଧରେ ଆମେରିକାରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି। ସରକାର ଆଦାନୀ ପବନ ବିଦ୍ୟୁତ୍ କମ୍ପ୍ଲେକ୍ସରୁ ବିଦ୍ୟୁତ୍ କିଣିବା ପାଇଁ ୨୦୨୪ ମେ’ ରେ ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ। ଶ୍ରୀଲଙ୍କା ସରକାର ଏହି ବିଦ୍ୟୁତ୍ କମ୍ପ୍ଲେକ୍ସରୁ ପ୍ରତି କିଲୋୱାଟ୍ ୦.୦୮୨୬ ଡଲାର (ବର୍ତ୍ତମାନ ମୂଲ୍ୟ - ପ୍ରାୟ ୭.୧୮ ଟଙ୍କା) ମୂଲ୍ୟରେ ବିଦ୍ୟୁତ୍ କିଣିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ରିପୋର୍ଟ ଅନୁସାରେ, ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ପ୍ରଶାସନ ଆଦାନୀ ଗ୍ରୁପ କମ୍ପାନୀଗୁଡ଼ିକର ସ୍ଥାନୀୟ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରିଥିଲେ। ଏହି ପ୍ରକଳ୍ପକୁ ଶ୍ରୀଲଙ୍କାର ଅନେକ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ, ଯୁକ୍ତି ଦେଇଥିଲେ ଯେ ଅନେକ ଛୋଟ ନବୀକରଣୀୟ ଶକ୍ତି ପ୍ରକଳ୍ପ ଆଦାନୀଙ୍କ ମୂଲ୍ୟର ଦୁଇ-ତୃତୀୟାଂଶ ମୂଲ୍ୟରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ଏହା ବ୍ୟତୀତ ପରିବେଶଗତ ଚିନ୍ତା ଯୋଗୁଁ କମ୍ପାନୀ ବିରୁଦ୍ଧରେ ସର୍ବୋଚ୍ଚ ଅଦାଲତରେ ଏକ ପୃଥକ ମାମଲା ଚାଲିଛି।

ଅପରପକ୍ଷେ କୋଟି କୋଟି ଟଙ୍କାର ଲାଞ୍ଚ ଏବଂ ଠକେଇ ଅଭିଯୋଗରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ସମନ କରିବା ଆମେରିକା ସିକ୍ୟୁରିଟିଜ୍ ଆଣ୍ଡ କମିଶନର କ୍ଷମତା ମଧ୍ୟରେ ନାହିଁ। କିଛି ଗଣମାଧ୍ୟମ ରିପୋର୍ଟରେ ଏହି ଦାବି କରାଯାଇଛି। କୁହାଯାଇଛି ଯେ ସମନକୁ ଉପଯୁକ୍ତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପଠାଇବାକୁ ପଡିବ। ଏହି ସମୟରେ, ଗୌତମ ଆଦାନୀ ସମେତ ୮ ଜଣଙ୍କ ସହ ଜଡିତ ଏହି ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ମାମଲାର ତଦନ୍ତ ଦାବି କରି ଆଡଭୋକେଟ୍ ବିଶାଲ ତିୱାରୀ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି।

## ଆଇସିଏଆଇ ଭୁବନେଶ୍ୱର ପକ୍ଷରୁ କେନ୍ଦ୍ରୀୟ ବଜେଟର ସମୀକ୍ଷା




ଭୁବନେଶ୍ୱର, ୧୩।୨(ସମିସ)

ଭୁବନେଶ୍ୱର ଆଇସିଏଆଇ ଶାଖାଠାରେ «୨୦୨୫-କେନ୍ଦ୍ର ବଜେଟ୍’ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ଭୁବନେଶ୍ୱର ଆଇସିଏଆଇର ପୂର୍ବତନ ଅଧ୍ୟକ୍ଷ ସିଏ. ଅରୁଣ କୁମାର ସାବତ, ଅଧ୍ୟକ୍ଷ ସିଏ ଜାହ୍ନବୀ ଦେଓ, ଉପାଧ୍ୟକ୍ଷ ସିଏ ମହେନ୍ଦ୍ର ସାହୁ, ସଚିବ ସିଏ. (ଡ଼.) ଗୌତମ ଲେଙ୍କା ପରିଚାଳନା କରିଥିଲେ। ଏହି ଅବସରରେ ନାମୀ ଟିକସ ବିଶେଷଜ୍ଞ ଏବଂ ଦେଶର ଶୀର୍ଷ ଆର୍ଥିକ ଓ ଟିକସ ଆଇନ ଅଧିକୃତ ସିଏ (ଡ଼.) ଗିରିଶ ଆହୁଜାଜୀ ପ୍ରତ୍ୟୋକ୍ଷ ଟିକସ ସମ୍ବନ୍ଧରେ ବିଶେଷ ମତ ରଖିଥିଲେ। ଏହାସହ ପରୋକ୍ଷ ଟିକସ ଉପରେ ସିଏ. ତରୁଣ କୁମାର ଅଗ୍ରୱାଲ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇସିଏଆଇ କୋଷାଧ୍ୟକ୍ଷ ସିଏ ଶାଶ୍ୱତ ତ୍ରିପାଠୀ, ପୂର୍ବତନ ଅଧ୍ୟକ୍ଷ ସିଏ. ରଞ୍ଜନ ପୃଷ୍ଟି ଏବଂ ସିଏ ପ୍ରଦୀପ କୁମାର ସାହୁ, ଏମସି ସଦସ୍ୟ ସିଏ ଗଗନ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରରେ ୪୦୦ରୁ ଅଧିକ ଚାର୍ଟାର୍ଡ ଅକାଉଣ୍ଟାଣ୍ଟ ଅଂଶଗ୍ରହଣ କରି ୨୦୨୫-କେନ୍ଦ୍ର ବଜେଟର ପ୍ରଭାବ ଓ ଆବଶ୍ୟକତା ଉପରେ ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

### ଏଡେଲୱିସ୍ ଲାଇଫ୍ ଇନସ୍ୟୁରାନ୍ସ ସର୍ଭେ

## ଭବିଷ୍ୟତର ଆର୍ଥିକ ନିରାପତ୍ତାକୁ ନେଇ ୬୦% ସ୍ୟାଣ୍ଡୱିଚ୍ ପିଢ଼ି ଚିନ୍ତିତ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି)

**ଯେତେ ସଞ୍ଚୟ କଲେ ବି ତାହା ଭବିଷ୍ୟତ ପାଇଁ ଯଥେଷ୍ଟ ନୁହେଁ**



ନିଜର ପିତାମାତା ଓ ପିଲାଙ୍କୁ ସର୍ବୋତ୍ତମ ଉପହାର ଦେବା ଉପରେ ଗୁରୁତ୍ୱାରୋପ କରି ବର୍ତ୍ତମାନର ସ୍ୟାଣ୍ଡୱିଚ୍ ଜେନେରେସନ୍ ବା ପିଢ଼ି ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତ ନାହାଁନ୍ତି। ଏଡେଲୱିସ୍ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ୬୦% ଉତ୍ତରଦାତା ଯେତେ ସଞ୍ଚୟ କିମ୍ବା ନିବେଶ କରୁଛନ୍ତି, ତାହା ତାଙ୍କ ଭବିଷ୍ୟତ ପାଇଁ କେବେ ବି ଯଥେଷ୍ଟ ନୁହେଁ।

ଏଠାରେ ସୂଚନାଯୋଗ୍ୟ ଯେ, ସାଣ୍ଡ୍ୱିଚ୍ ଜେନେରେସନ୍ କହିଲେ ୩୫-୫୪ବର୍ଷ ବୟସର ବ୍ୟକ୍ତିଙ୍କୁ ଧରାଯାଇଥାଏ। ଯେଉଁମାନେ ଦୁଇ ପିଢ଼ିର ନିର୍ଭରଶୀଳ ବୟସ୍କ ପିତାମାତା ଏବଂ ନିଜର ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଜୀବନ ବୀମା କମ୍ପାନୀ ୟୁଗଭ ସହଯୋଗରେ ୧୨ଟି ସହରରେ ଏହି ପିଢ଼ିର ୪୦୦୫ ଉତ୍ତରଦାତାଙ୍କୁ ନେଇ ସେମାନଙ୍କ ମନୋଭାବ, ବିଶ୍ୱାସ ଏବଂ ଆର୍ଥିକ ପ୍ରସ୍ତୁତିର ସ୍ତର ବୁଝିବା ପାଇଁ ସର୍ଭେ କରିଥିଲା।

ଏହି ପିଢ଼ିର ମୁଖ୍ୟ ଆକାଂକ୍ଷା ପିଲାଙ୍କ ଭବିଷ୍ୟତ (ଶିକ୍ଷା ଏବଂ ବିବାହର ବ୍ୟବସ୍ଥା),ପିତାମାତାଙ୍କ ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ଏବଂ ପରିବାରର ଜୀବନଧାରଣ ମାନରେ ଉନ୍ନତି ଆଣିବା ଉପରେ ଧ୍ୟାନ କେନ୍ଦ୍ରିତ ଥାଏ। ସେମାନେ ଆର୍ଥିକ ଯୋଜନା ଉପରେ ଯଥେଷ୍ଟ ଉଚ୍ଚ ବିଶ୍ୱାସ ପ୍ରଦର୍ଶନ କରନ୍ତି। ୯୪% କହିଛନ୍ତି ଯେ ସେମାନଙ୍କର ଏକ ବିସ୍ତୃତ ଯୋଜନା ଅଛି କିମ୍ବା କିଛି ଯୋଜନା ହାତକୁ ନେଇଛନ୍ତି। ଏଥିରୁ ୭୨% ମଧ୍ୟ ବିଶ୍ୱାସ କରନ୍ତି ଯେ ସେମାନଙ୍କର ନିବେଶ ନିର୍ଦ୍ଦିଷ୍ଟ ଆକାଂକ୍ଷା ସହିତ ଜଡିତ। ତଥାପି, ୬୪% କହିଛନ୍ତି ସେମାନେ ସେମାନଙ୍କର ସ୍ୱଳ୍ପକାଳୀନ ଆବଶ୍ୟକତା ପୂରଣ କରିବା ପାଇଁ କୌଣସି ପ୍ରକାରର କ୍ରେଡିଟ୍ ବ୍ୟବହାର କରନ୍ତି ଏବଂ ୪୯% ସଞ୍ଚୟ କରନ୍ତି।

ସର୍ଭେ ଅନୁଯାୟୀ, ନଗଦ/ଆୟ ସହିତ ଋଣ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବାକୁ ଅନୁମତି ଦେଉଛି, କିନ୍ତୁ ଛୁଟି, ଘର ନବୀକରଣ ଇତ୍ୟାଦି ଅଣ-ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ କ୍ଷେତ୍ରରେ ସେମାନଙ୍କୁ ନମନୀୟତା ପ୍ରଦାନ କରୁଛି। ଦୀର୍ଘ ମିଆଦୀ ଆକାଂକ୍ଷା ପାଇଁ ୭୯% ଆର୍ଥିକ ଉପକରଣରୁ ରିଟର୍ଣ୍ଣ ବା ଲାଭ ଉପରେ ନିର୍ଭର କରିବାକୁ ଆଶା କରନ୍ତି ଏବଂ ୭୧% ନିୟମିତ ଭବିଷ୍ୟତ ଆୟ ଉପରେ ନିର୍ଭର କରନ୍ତି।

୫୦% ରୁ ଅଧିକ ଲୋକ ବିଭିନ୍ନ ବୟାନ ସହିତ ସହମତ ହୁଅନ୍ତି ଯେଉଁଥିରେ ଟଙ୍କା ସରିବା ବିଷୟରେ ଚିନ୍ତା କରିବା, ସର୍ବଦା ପଛରେ ରହିବା ପରି ଅନୁଭବ କରିବା ଏବଂ ସେମାନେ ଯଥେଷ୍ଟ ଭଲ ପ୍ରଦର୍ଶନ କରୁନାହାଁନ୍ତି ବୋଲି ଭାବିଥାନ୍ତି। କିନ୍ତୁ ସର୍ଭେରେ କିଛି ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ସାଣ୍ଡ୍ୱିଚ୍ ଜେନେରେସନ୍ ଆଗାମୀ ୧-୨ ବର୍ଷ ମଧ୍ୟରେ ଏହି ସକ୍ରିୟ ନିବେଶକୁ ଜାରି ରଖିବାକୁ କମ୍ ଇଚ୍ଛା ପ୍ରଦର୍ଶନ କରିଛନ୍ତି। ସେମାନେ ସେମାନଙ୍କର ପୁଞ୍ଜିନିବେଶ ମଧ୍ୟ ହାସଲ କରିଛନ୍ତି, ଯାହା ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ପାଇଁ ନିର୍ଦ୍ଧାରିତ ହୋଇଛି। ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ମ୍ୟୁଚୁଆଲ ଫଣ୍ଡ, ଇକ୍ୱିଟି ଏବଂ ବ୍ୟାଙ୍କ ଏଫଡି ଭଳି ଶ୍ରେଷ୍ଠ ୫ଟି ପସନ୍ଦଯୋଗ୍ୟ ଉତ୍ପାଦ ବର୍ଗରେ ବର୍ତ୍ତମାନ ଏହି ସାଣ୍ଡ୍ୱିଚ୍ ଜେନେରେସନ୍‌ର ୬୦% ରୁ କମ୍ ସକ୍ରିୟ ନିବେଶ ରହିଥିବା ସର୍ଭେରୁ ଜଣାପଡିଛି।



# ଏଣ୍ଡୋମେଟ୍ରିଓସିସ୍

**ଋତୁସ୍ରାବ ସମୟରେ ଏବଂ ଝାଡ଼ା ଓ ପରିସ୍ରା ବେଳେ ଯନ୍ତ୍ରଣା କ୍ରମାଗତ ଲାଗି ରହିବା, ଦୁର୍ବଳତା ଅନୁଭବ ଆଦିକୁ ଅଧିକାଂଶ ମହିଳା ଅଣଦେଖା କରିଥାନ୍ତି । ହେଲେ ଏହା ଏଣ୍ଡୋମେଟ୍ରିଓସିସ୍ ରୋଗର ଲକ୍ଷଣ ହୋଇପାରେ । ମଧୁମେହ ପରି ଏହି ରୋଗ ଏବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ରୋଗ ମହିଳାଙ୍କ ଗର୍ଭାଶୟରେ ପ୍ରଭାବ ପକାଉଥିବାରୁ ସେମାନଙ୍କ ଜୀବନଶୈଳୀ ମଧ୍ୟ ତଦନୁସାରେ ପ୍ରଭାବିତ ହେଉଛି । ବିଶେଷ କରି ୨୫ରୁ ୪୦ ବର୍ଷର ମହିଳାମାନଙ୍କଠାରେ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଅଧିକ ଦେଖାଯାଇଥାଏ । ତେଣୁ ଏହିସବୁ ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।**

ଏଣ୍ଡୋମେଟ୍ରିଓସିସ୍ ଏପରି ଏକ ରୋଗ, ଯାହା ମହିଳାଙ୍କ ଗର୍ଭାଶୟକୁ ପ୍ରଭାବିତ କରିଥାଏ । ଏଣ୍ଡୋମେଟ୍ରିଓସିସ୍, ଏଣ୍ଡୋମେଟ୍ରିଆଲ ଭଳି ଟିସୁ (ଏଣ୍ଡୋମେଟ୍ରିୟମ୍ : ଗର୍ଭାଶୟର ଲାଇନିଂ) ଏହା ଗର୍ଭାଶୟର ବାହାର ପାର୍ଶ୍ୱରେ ବୃଦ୍ଧି ପାଇଥାଏ । ଡିମ୍ବାଶୟ ଉପରେ ମାଂସ (ସିଷ୍ଟ) ହେବାରୁ ସେଥିରୁ ଡିମ୍ବାଣୁ ନିର୍ଗତ ହୋଇପାରେ ନାହିଁ । ଯେଉଁଥିପାଇଁ ଗର୍ଭଧାରଣରେ ସମସ୍ୟା ସୃଷ୍ଟି ହୁଏ । ଏହି ରୋଗ କିଶୋରିମାନଙ୍କଠାରୁ ଆରମ୍ଭ ହୋଇ ରଜୋନିବୃତ୍ତି ଯାଏଁ ରହିପାରେ । ତେବେ ଜରାୟୁ ମଧ୍ୟରେ ଥିବା ଅନ୍ତଃଝିଲ୍ଲୀ, ଋତୁସ୍ରାବ ସମୟରେ ରକ୍ତ ସହିତ ମିଶି ଗର୍ଭନଳୀ ଦେଇ ପେଟ ଭିତରକୁ ଯାଇଥାଏ । ଏହି ଅନ୍ତଃଝିଲ୍ଲୀରେ ଥିବା ଗ୍ରନ୍ଥିଗୁଡ଼ିକ ପେଟ ଭିତରେ ରହି ଏଣ୍ଡୋମେଟ୍ରିଓସିସ୍‌କୁ ବଢ଼ାଇ ଦିଅନ୍ତି । ବଂଶଗତ, ଦୂଷିତ ଖାଦ୍ୟ, ପ୍ରଦୂଷିତ ପରିବେଶ, ବହୁବାର ଗର୍ଭନଷ୍ଟ, ଅଧିକ ବୟସରେ ବିବାହ, ଋତୁସ୍ରାବ ସମୟରେ ସହବାସ ଆଦି ଏହି ରୋଗର କାରଣ ହୋଇପାରେ । ସେହିପରି ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଯୋଗୁଁ ୧୦% ମହିଳା ଏହି ରୋଗ ସମେତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

**ଲକ୍ଷଣ:** ଏହି ରୋଗ ହେଲେ ବିଭିନ୍ନ ଲକ୍ଷଣ ଦେଖା ଯାଇଥାଏ । ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇ ଝାଡ଼ା, ପରିସ୍ରା ଓ ସହବାସ ସମୟରେ ଏହା ଅଧିକ ବଢ଼ିଯାଏ । ପୀଡ଼ିତାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଯାଏ । ପ୍ରାୟତଃ ୩୦ରୁ ୪୦ ପ୍ରତିଶତ ମହିଳା ଯେଉଁମାନଙ୍କଠାରେ ଏହି ସମସ୍ୟା ରହିଥାଏ, ସେମାନଙ୍କ ଗର୍ଭଧାରଣ କ୍ଷମତାରେ ଡିମ୍ବାଣୁର ଗୁଣବତ୍ତା ଦୁର୍ବଳ ହୋଇଯାଏ ଓ ଗର୍ଭାଶୟ ପ୍ରଭାବିତ ହୁଏ ।

**ସୁସ୍ଥ ଜୀବନଶୈଳୀ ଜରୁରି:** ମୁଖ୍ୟତଃ ହରମୋନ୍ ଅସନ୍ତୁଳନ ଏବଂ ଆନୁବଂଶିକ କାରଣରୁ ଏହି ରୋଗ ହେଉଥିବାରୁ ସୁସ୍ଥ ଜୀବନଶୈଳୀ ଆପଣାଇ ଏହି ରୋଗର ତୀବ୍ରତାକୁ କମ୍ କରାଯାଇପାରେ । ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟପେୟ ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱାସ୍ଥ୍ୟ ଯାଞ୍ଚ କରିବା ନିହାତି ଜରୁରି ।

**ଔଷଧ ଓ ଅସ୍ତ୍ରୋପଚାର ବିକଳ୍ପ:** ଏହି ରୋଗ ପାଇଁ ଔଷଧ ଏବଂ ଅସ୍ତ୍ରୋପଚାରର ବିକଳ୍ପ ରହିଥିବାବେଳେ ପ୍ରାରମ୍ଭିକ ଅବସ୍ଥାରେ ରୋଗକୁ ଚିହ୍ନଟ କରି ଔଷଧ ସେବନ କରିବା ହିତକର । ଏହି ରୋଗ ପାଇଁ ସ୍ୱତନ୍ତ୍ର ଇଞ୍ଜେକସନ୍ ମଧ୍ୟ ରହିଛି । ଯାହାକୁ ଦେବା ଦ୍ୱାରା ପେଟର ଯନ୍ତ୍ରଣା କମ୍ ହୋଇଥାଏ । ବେଳେବେଳେ ରୋଗୀଙ୍କୁ ହରମୋନ୍ ଔଷଧ ଓ ଇଞ୍ଜେକସନ୍ ଦିଆଯାଇଥାଏ । ପେଲ୍‌ଭିକ୍ ଅଲଟ୍ରାସାଉଣ୍ଡ ଦ୍ୱାରା ଚକୋଲେଟ୍ ସିଷ୍ଟ ନିରୂପଣ କରାଯାଉଥିବା ବେଳେ ଏମ୍‌ଆରଆଇ ଦ୍ୱାରା ପେଟ ଏବଂ ଗର୍ଭାଶୟର ସମସ୍ୟାକୁ ନିରୂପଣ କରାଯାଇଥାଏ । ତେବେ ଡାକ୍ତର ରୋଗର ସ୍ଥିତି ଓ ଲକ୍ଷଣ ଅନୁଯାୟୀ ଚିକିତ୍ସା କରିଥାନ୍ତି । ଅସ୍ୱାଭାବିକ ସିଷ୍ଟକୁ ଲାପ୍ରୋସ୍କୋପିକ୍ ସାହାଯ୍ୟରେ କଢ଼ାଯାଇଥାଏ । ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର ମଧ୍ୟ କରାଯାଏ ।

# ଅଧିକ ଅଲିଭ୍ ତେଲ ବ୍ୟବହାର କ୍ଷତିକାରକ

ଅଲିଭ୍ ତେଲରେ ଭିଟାମିନ୍-ଇ, ମୋନୋଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ । ଦେହ ପାଇଁ ଏହି ତେଲ ବହୁତ ହିତକର । ଅଧିକାଂଶ ଖାଦ୍ୟ ପ୍ରସ୍ତୁତି ପାଇଁ ଏହି ତେଲ ବ୍ୟବହାର କରିଥାନ୍ତି । ତେବେ ଜାଣନ୍ତି କି, ଏହି ତେଲର ମାତ୍ରାଧିକ ବ୍ୟବହାର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ପୋଷଣ ବିଶେଷଜ୍ଞ ମୋହିନୀ ଡୋଙ୍ଗରେଙ୍କ କହିବାନୁଯାୟୀ, ଅଲିଭ୍ ତେଲକୁ ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଆବଶ୍ୟକ । ଏଥିରୁ ବ୍ୟତିକ୍ରମ ହେଲେ, ଏହା ବିଭିନ୍ନ ରୋଗ ଯଥା- ଏଲର୍ଜି, ବଦହଜମୀ, ଓଜନବୃଦ୍ଧି ଆଦିକୁ ଡାକି ଆଣିଥାଏ । ଅନ୍ୟ ରନ୍ଧା ତେଲ ତୁଳନାରେ ଅଲିଭ୍ ତେଲରେ ଅଧିକ କ୍ୟାଲୋରୀ ଥାଏ । ପାଖାପାଖି ୧୫ ମିଲି ଅଲିଭ୍ ତେଲରେ ୧୨୦ କ୍ୟାଲୋରୀ ରହିଥିବାରୁ ଏହି ତେଲକୁ ଅଧିକ ବ୍ୟବହାର ଦ୍ୱାରା ଓଜନ ବୃଦ୍ଧିର ଆଶଙ୍କା ବଢ଼ିଯାଏ । ଏହା ପାଚନତନ୍ତ୍ରକୁ ପ୍ରଭାବିତ କରିଥାଏ । ଫଳରେ ପେଟଜନିତ ସମସ୍ୟା, ବାନ୍ତି, ଝାଡ଼ା ଆଦି ହୋଇପାରେ । ଖାଦ୍ୟ ଭଲଭାବେ ହଜମ ହୋଇପାରେନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, କିଛିଜଣଙ୍କର ଅଧିକ ଅଲିଭ୍ ତେଲ ବ୍ୟବହାରରୁ ଏଲର୍ଜି, ଶରୀର କୁଣ୍ଡାଇହେବା, ଲାଲ୍ ପଡ଼ିବା ଲକ୍ଷଣ ଦେଖାଦିଏ । ତେଣୁ ନିୟମିତ ଗୋଟିଏ କିମ୍ବା ଦୁଇ ଚାମଚ ଅଲିଭ୍ ତେଲ ବ୍ୟବହାର କରାଯାଇପାରିବ । ଏହାକୁ ସାଲାଡ୍, ହାଲୁକା ପନିପରିବା ଏବଂ ସୁପ୍‌ରେ ମିଶାଇ ଖାଇପାରିବେ ।



# କସ୍‌ମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

**ସୌନ୍ଦର୍ଯ୍ୟ ବୃଦ୍ଧି ଓ ଯୁବ ସୁଲଭ ଚେହେରା ପାଇବାକୁ ଲୋକେ ଆଜିକାଲି ଅନେକ ପ୍ରକାରର ଟ୍ରିଟ୍‌ମେଣ୍ଟ କରୁଛନ୍ତି । ସେଥିରୁ ଏକ ଟ୍ରିଟ୍‌ମେଣ୍ଟ ହେଉଛି କସ୍‌ମେଟିକ୍ ସର୍ଜରୀ । ସାଧାରଣତଃ ୧୫ବର୍ଷ ବୟସ ପରେ ଏହି ସର୍ଜରୀ କରାଯାଇଥାଏ । ବକ୍ଷୋଜର ବୃଦ୍ଧି କିମ୍ବା ଛୋଟ କରିବା, ଓଠ ଓ ନାକର ସୌନ୍ଦର୍ଯ୍ୟ, ପେଟ ଓ ଜଙ୍ଘରୁ ଚର୍ବି କମ୍ କରିବାକୁ କସ୍‌ମେଟିକ୍ ସର୍ଜରୀ କରାଯାଇଥାଏ । ଅଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସ୍‌ମେଟିକ୍ ସର୍ଜରୀ କରାଯାଇପାରୁଛି । ତେବେ କସ୍‌ମେଟିକ୍ ସର୍ଜରୀ ପରେ କିପରି ତ୍ୱଚାର ଯତ୍ନ ନେବେ ସେ ବିଷୟରେ ଜାଣନ୍ତୁ ।**

କସ୍‌ମେଟିକ୍ ସର୍ଜରୀ ବିଭିନ୍ନ ପ୍ରକାର ରହିଛି । ଏହି ସର୍ଜରୀ ପୂର୍ବରୁ ପୀଡ଼ିତଙ୍କ ଶାରୀରିକ ଓ ମାନସିକ ସ୍ଥିତି ଦେଖି କରାଯାଏ । ଏଥିପାଇଁ ଜଳବାୟୁ ତଥା ପାଣିପାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ସର୍ଜରୀ ପରେ ଚର୍ମର ଯତ୍ନନେବା ଚାଲେଞ୍ଜପୂର୍ଣ୍ଣ ହୋଇଯାଇଥାଏ । ଥଣ୍ଡା ରହିଲେ ଘା' ଶୁଖୁଥିବାବେଳେ ଗରମଦିନେ ଘା' ଶୁଖିବାକୁ ଅଧିକ ସମୟ ଲାଗିଥାଏ । ଯେହେତୁ ଆମ ରାଜ୍ୟର ଜଳବାୟୁରେ ଅଧିକ ଧୂଳିକଣା, ଅଧିକ ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ, ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି ଫୁଲିପାରେ କିମ୍ବା କ୍ଷତ ହୋଇପାରେ । ତେଣୁ ଅସ୍ତ୍ରୋପଚାର ପରେ ଅନ୍ତତଃ ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ । ଏହି ସମୟରେ ଏସି କିମ୍ବା ପଙ୍ଖା ତଳେ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ବାହାରକୁ ଯିବାବେଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍‌ସ୍କ୍ରିନ୍ ବ୍ୟବହାର କରିପାରିବେ ।

**ଝାଳ ବାହାରିବାକୁ ଦିଅନ୍ତୁନି:** କସ୍‌ମେଟିକ୍ ସର୍ଜରୀ ପରେ, ଅତ୍ୟଧିକ ଝାଳ ଚର୍ମ ପାଇଁ କ୍ଷତିକାରକ । କାରଣ ଏହା ଅସ୍ତ୍ରୋପଚାର କରାଯାଇଥିବା ସ୍ଥାନକୁ ଓଦାଳିଆ ରଖେ । ଫଳରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୋଇଥାଏ । ତେଣୁ ଶରୀରରୁ ଝାଳ ନ ବାହାରିବାରୁ ଧ୍ୟାନ ଦିଅନ୍ତୁ । ଅନ୍ୟପଟେ କେବେ ବି କସ୍‌ମେଟିକ୍ ସର୍ଜରୀ ପରେ ଅଧିକ ପରିଶ୍ରମ ତଥା ବ୍ୟାୟାମ କରିବା ଉଚିତ ନୁହେଁ ବୋଲି ପ୍ଲାଷ୍ଟିକ୍ ଏବଂ କସ୍‌ମେଟିକ୍ ସର୍ଜନ ଡା. ଅକ୍ଷୟ ରାଉତ କୁହନ୍ତି ।

**ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ:** ଅଧିକାଂଶ ସର୍ଜରୀ ପରେ ସପ୍ତାହରୁ ୧୦ ଦିନ ଗାଧୋଇ ନ ଥାନ୍ତି । ଅସ୍ତ୍ରୋପଚାର ସ୍ଥାନରେ ବାରମ୍ବାର ମଲମ ଲେପନ କରୁଥାନ୍ତି, ଏହାଦ୍ୱାରା ଚର୍ମରେ ଅଧିକ କ୍ଷତି ହୁଏ । ତେଣୁ ସର୍ଜରୀର ପାଞ୍ଚଦିନ ପରେ ଗାଧୋଇବା ଆବଶ୍ୟକ । ସ୍ୱଚ୍ଛତାକୁ ଧ୍ୟାନ ଦେଇ ଜୀବାଣୁମୁକ୍ତ ରହିପାରିବେ । ଶରୀରରୁ ହାଇଡ୍ରେଟ୍ ରଖିବାକୁ ପ୍ରଚୁର ମାତ୍ରାର ପାଣି ପିଇବା ମଧ୍ୟ ଆବଶ୍ୟକ । ରସାୟନମୁକ୍ତ ଉତ୍ପାଦ ଠାରୁ ଦୂରେଇ ରହିବାକୁ ପଡ଼ିବ ।



# ପେଟ ରୋଗର ନିରୂପଣ କରିବ ଅତ୍ୟାଧୁନିକ ପ୍ରୋକ୍ଟୋସ୍କୋପ୍




ରୋଗର ସଠିକ ନିରୂପଣ ପାଇଁ ଯନ୍ତ୍ର ମାଧ୍ୟମରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରିବାକୁ ପଡ଼ିଥାଏ । ସେମିତି ଏକ ଚିକିତ୍ସା ଉପକରଣ ହେଉଛି ପ୍ରୋକ୍ଟୋସ୍କୋପ୍ । ପ୍ରୋକ୍ଟୋସ୍କୋପ୍ ଉପକରଣ ଜରିଆରେ ମଳଦ୍ୱାର ଏବଂ ଏହାର ଅନ୍ୟାନ୍ୟ ଅଂଶର ଯାଞ୍ଚ କରାଯାଇଥାଏ । ଅର୍ଶ ତଥା ପେଟଜନିତ ରୋଗର ଅସ୍ତ୍ରୋପଚାର ପୂର୍ବରୁ ଟିସୁ ଆଦିର ନମୁନା ନେବାକୁ ମଧ୍ୟ ଏହାକୁ ବ୍ୟବହାର କରାଯାଇଥାଏ । ଅବଶ୍ୟ ଏହାର ବ୍ୟବହାର ଯୋଗୁଁ ରୋଗୀଙ୍କୁ ଅଧିକ ଯନ୍ତ୍ରଣା ସହିବାକୁ ହୁଏ । ଏହା ବ୍ୟବହାର କରିବାକୁ ଡାକ୍ତରଙ୍କୁ ମଧ୍ୟ ସମସ୍ୟା ହୋଇଥାଏ । ତେଣୁ ପୀଡ଼ିତଙ୍କ ଯନ୍ତ୍ରଣାକୁ କମ୍ କରିବା ସହ ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଆଇଆଇଟି, କାନପୁରର ମେଡଟେକ ଲ୍ୟାବ୍ ପକ୍ଷରୁ ଏକ ଅତ୍ୟାଧୁନିକ ମଲ୍ଟି ପରପୋଜ୍ ପ୍ରୋକ୍ଟୋସ୍କୋପ୍ ତିଆରି କରାଯାଇଛି । ପ୍ରଫେସର ଜେ ରାଜ କୁମାରଙ୍କ ନେତୃତ୍ୱରେ ତିଆରି କରାଯାଇଥିବା ଏହି ପ୍ରୋକ୍ଟୋସ୍କୋପ୍ ବ୍ୟବହାର ଦ୍ୱାରା ରୋଗୀଙ୍କୁ ପୂର୍ବପରି ଆଉ ଯନ୍ତ୍ରଣା ସହିବାକୁ ପଡ଼ିବନି । ଏହି ଉପକରଣ ତିଆରି କରିବାକୁ କେଜିଏମ୍ୟୁର ଡା, ଅରଶଦ ଏବଂ ତାଙ୍କ ଟିମ୍‌ର ସହଯୋଗ ରହିଥିବା ଆଇଆଇଟି କାନପୁରର ପିଏଚ୍‌ଡି ଛାତ୍ର ସିଦ୍ଧାନ୍ତ ଶ୍ରୀବାସ୍ତବ କୁହନ୍ତି । ଏହି ପ୍ରୋକ୍ଟୋସ୍କୋପ୍‌ଟି ବଜାରରେ ମିଳୁଥିବା ପ୍ରୋକ୍ଟୋସ୍କୋପ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ଏଲଇଡି ଲାଇଟ୍ ଲାଗିଥିବାରୁ ଅସ୍ତ୍ରୋପଚାର ପାଇଁ ସହଜ ହେବ । ସେଲ୍‌ଫ୍ ହୋଲଡିଂ ହୋଇଥିବାରୁ ଉପକରଣ ସାମ୍ନାରେ ଏକ ଛୋଟିଆ ବେଲୁନ୍ ବାନ୍ଧି ଦିଆଯାଏ । ଫଳରେ ସର୍ଜରୀ ସମୟରେ ଡାକ୍ତରଙ୍କୁ ସୁବିଧା ମିଳେ । ଏହି ଉପକରଣର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏହା ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥାଏ, ହଲ୍‌ଚଲ ହୁଏନି, ତେଣୁ ଅସ୍ତ୍ରୋପଚାର ବେଶ୍ ସହଜରେ ହୋଇଥାଏ । ଧାତୁଯୁକ୍ତ ଏହି ଉପକରଣଟିକୁ ଏକାଧିକ ଥର ବ୍ୟବହାର କରାଯାଇପାରିବ । ତେବେ ବିଭିନ୍ନ ହସ୍‌ପିଟାଲରେ ଏହାର ସଫଳ ପରୀକ୍ଷଣ ସରିଛି । ଖୁବ୍ ଶୀଘ୍ର ଏହା ଭାରତୀୟ ବଜାରରେ ଉପଲବ୍ଧ ହେବ ।

# ଥାଇରଏଡ୍ ନିୟନ୍ତ୍ରଣ ପାଇଁ ଖାଦ୍ୟଶୈଳୀ


**ଥାଇରଏଡ୍ ଗ୍ରନ୍ଥି ଏକ ଅନ୍ତଃସ୍ରାବୀ ଗ୍ରନ୍ଥି, ଏଥିରୁ ଥାଇରଏଡ୍ ହର୍ମୋନ୍ କ୍ଷରଣ ହୁଏ । ଖାଇବା ଓ ପିଇବାରେ ଅସାବଧାନତା ଯୋଗୁଁ ଏହି ହର୍‌ମୋନ୍ ନିର୍ଦ୍ଦିଷ୍ଟ ସ୍ତରରେ ରୁହେନାହିଁ । ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିଥାଏ । ପରିବର୍ତ୍ତିତ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଶାରୀରିକ କାର୍ଯ୍ୟକଳାପରେ ଅଭାବ ଯୋଗୁଁ ଥାଇରଏଡ୍ ହର୍ମୋନ୍ ଅଧିକ କିମ୍ବା କମ୍ ହୋଇଥାଏ । ଏ କ୍ଷେତ୍ରରେ ପୀଡ଼ିତଙ୍କୁ ଡାଏଟ୍ ଉପରେ ଧ୍ୟାନ ଦେବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି ।**

- ଥାଇରଏଡ୍ କମ୍ କିମ୍ବା ବୃଦ୍ଧି ହେଲେ, ହଠାତ୍ ଓଜନ ବୃଦ୍ଧି, କେଶ ଝଡ଼ିବା, ଅନିଦ୍ରା, କମ୍‌ଜୋର, ଅବସାଦ ତ୍ୱଚା ଶୁଷ୍କ ଆଦି ଲକ୍ଷଣ ଦେଖାଯାଏ । ଥାଇରଏଡ୍ ସ୍ତର ଯାଞ୍ଚ୍ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିପାରିବେ । ଆର୍‌ଡିକୁ ଅନୁସରଣ କରି ନିଜର ଉଚ୍ଚତା ଏବଂ ଓଜନ ଅନୁସାରେ ଖାଦ୍ୟ ଗ୍ରହଣ କରିପାରିବେ । ଅତି ଅଧିକ କିମ୍ବା ଅତି କମ୍ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେଣୁ ଋତୁଅନୁଯାୟୀ ପନିପରିବା ଓ ଫଳ ଖାଇବା ଆବଶ୍ୟକ । କମ୍ ପରିମାଣର କାର୍ବୋହାଇଡ୍ରେଟ୍ ଗ୍ରହଣ ଦ୍ୱାରା ଓଜନ ଏବଂ ହରମୋନ୍ ସନ୍ତୁଳିତ ରୁହେ । ରାତ୍ରିରେ ସିଝା ପନିପରିବା ଖାଇପାରିବେ । ରାତ୍ରି ଭୋଜନରେ ହେଳା କରିବା ଅନୁଚିତ ।
- ସେହିପରି ରୁଟି ସହିତ କଳା ଚଣାର ସାଲାଡ୍ ଖାଇବା ଦ୍ୱାରା ହରମୋନ୍ ସନ୍ତୁଳିତ ରହିଥାଏ । ମେଥି ଶାଗ, ଚଣାଜାତୀୟ ଖାଦ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ, ମିଶ୍ରିତ ଶସ୍ୟର ରୁଟି, ସବୁଜପନିପରିବାର ସନ୍ତୁଳା ଖାଇପାରିବେ । ସର୍ବଦା ସନ୍ଧ୍ୟା ୭ଟା ଭିତରେ ରାତି ଭୋଜନ କରିବା ଆବଶ୍ୟକ । ଭଲ ନିଦ ପାଇଁ ଏକ ଗ୍ଲାସ୍ ଉଷୁମ ପାଣିରେ ଏକ ଚୁଟ୍‌କି ଜାଇଫଳ ଗୁଣ୍ଡ ମିଳାଇ ଏଥିରେ ୫ରୁ ୬ଟି କେଶର ପତ୍ର, ଅଧାଚାମଚ ପୋସ୍ତ, ୨ରୁ ୩ କୋଳା କଳା କିସ୍‌ମିସ ଭିଜାଇ ପିଇ ପାରିବେ ।
- ମୂଳାରେ ରାଫାନିନ୍ ଥିବାରୁ ଏହା ଥାଇରଏଡ୍ ହରମୋନ୍ କ୍ଷରଣକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ତେଣୁ ମୂଳା ସାଲାଡ୍ ଖାଇପାରିବେ । ଓମେଗା -୩ ଫ୍ୟାଟି ଏସିଡ୍, ଅଣ୍ଡା, ସବୁଜପତ୍ରଯୁକ୍ତ ଖାଦ୍ୟ ଏହା ପାଇଁ ଉତ୍ତମ ।



# ହେମାଟୁରିଆର ଆୟୁର୍ବେଦ ଉପଚାର

**ପରିସ୍ରାରେ ରକ୍ତସ୍ରାବକୁ ଡାକ୍ତରୀ ଭାଷାରେ ହେମାଟୁରିଆ କୁହାଯାଏ । ପରିସ୍ରାରେ ରକ୍ତ ପଡ଼ିବା କୌଣସି ଗମ୍ଭୀର ରୋଗର ଲକ୍ଷଣ ମଧ୍ୟ ହୋଇପାରେ । ଏହି ରୋଗର ଆୟୁର୍ବେଦ ଉପଚାର ବିଷୟରେ ଜାଣିବା ।**



ଆୟୁର୍ବେଦରେ ହେମାଟୁରିଆକୁ ଅଧୋଗ ରକ୍ତପିତ୍ତରେ ଅନ୍ତର୍ଭୁକ୍ତ କରାଯାଇଛି । ମୂତ୍ରାଶୟ ତଥା ବୃକ୍‌କରେ ପଥୁରି ହେବା, ପରିସ୍ରା ସଂକ୍ରମଣ, ରକ୍ତଜମାଟ ବାନ୍ଧିବା କ୍ଷମତା ନ ଥିବା, ପ୍ରୋଷ୍ଟେଟ ସମସ୍ୟା, ବୃକ୍‌କ ରୋଗ, କର୍କଟ ଓ ମୂତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ । ଏହି ସମସ୍ୟା ହେଲେ ପରିସ୍ରା ଜଳାପୋଡ଼ା ଏବଂ ପେଟବ୍ୟଥା ହୋଇପାରେ ।

- ଚିକିତ୍ସକଙ୍କ ପରାମର୍ଶ ନେଇ ଉଶିରାଶବ ୩୦ ମିଲି ସମପରିମାଣରେ ପାଣି ମିଶାଇ ଭୋଜନ ପରେ ଦିନକୁ ଦୁଇଥର ସେବନ କରିପାରିବେ । ପଞ୍ଚତୃଣକଷାୟ ସକାଳ ଓ ସନ୍ଧ୍ୟା ଖାଲିପେଟରେ ୫୦ ମିଲି କରି ଦିନକୁ ଦୁଇଥର ସେବନ ଆବଶ୍ୟକ ।
- ଶୋଣିତ ଅର୍ଗଳ ରସ ସକାଳ ସନ୍ଧ୍ୟା ଦୂବରସ ମିଶିରି ଗୁଣ୍ଡ ସହିତ ଖାଲି ପେଟରେ ସେବନ କଲେ ହିତକର ହୋଇଥାଏ । ପୀଡ଼ିତ ବ୍ୟକ୍ତିଙ୍କୁ ଏହି ସମୟରେ ଉଷ୍ଣ, ଅମ୍ଳ, ଲବଣ, କଟୁ ଜାତୀୟ ଦ୍ରବ୍ୟ ସେବନ ନିଷିଦ୍ଧ କରାଯାଏ । ଶୀତଳ ଅଳ୍ପ ମଧୁର, କଷାୟ ଏବଂ ତିକ୍ତରସଯୁକ୍ତ ସେବନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଏ ।



# ନିଦ୍ରାହୀନତା ଦୂର କରିବ ସ୍ଲିପ୍ ସେଣ୍ଟର

ଆଜିକାଲି ବିଭିନ୍ନ କାରଣରୁ ଅନେକ ଲୋକଙ୍କଠାରେ ଅନିଦ୍ରା ସମସ୍ୟା ଦେଖିବାକୁ ମିଳୁଛି । ଏଥିଯୋଗୁଁ ଚିନ୍ତା ଓ ମାନସିକ ଅବସାଦ ସୃଷ୍ଟି ହେଉଛି । ନିଦ ମଝିରୁ ଭାଙ୍ଗିଯିବା, ଅଚାନକ ଚେଇଁ ଉଠିବା, ଦିନରେ ଶୋଇବା ଆଦି ଅଭ୍ୟାସ ଦେଖାଯାଉଛି । ତେବେ ଏହିଭଳି ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ନିଦ ପୂରା କରିବାକୁ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦରେ ପ୍ରଥମ ଥର ପାଇଁ ଏକ ସ୍ଲିପ୍ ସେଣ୍ଟର ଖୋଲାଯାଇଛି । ଏଠାରେ ନିଦ ସହ ଜଡ଼ିତ ରୋଗର ଚିକିତ୍ସା ଯୋଗାଇ ଦିଆଯାଇଥାଏ । ଏହି ସ୍ଲିପ୍ ସେଣ୍ଟରର ସ୍ୱତନ୍ତ୍ରତା ଏହା ଯେ, ଏଠାରେ ପ୍ରଥମେ ରୋଗୀଙ୍କୁ ରାତି ସାରା ଶୁଆଇ ସେମାନଙ୍କ ଉପରେ ଗବେଷଣା କରାଯାଏ । ଏହା ପରେ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଯୋଗାଇ ଦିଆଯାଏ । ଏହି ସ୍ଲିପ୍ ସେଣ୍ଟରକୁ ଦୈନିକ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି । ସ୍ଲିପ୍ ସେଣ୍ଟରରେ ଅନିଦ୍ରା, ହାଇପରସୋମ୍‌ନିୟା, ନିଦ ସମ୍ବନ୍ଧୀୟ ବିକାର, ଘୁଙ୍ଘୁଡ଼ି ଆଦି କାରଣରୁ ନିଦ ନ ଆସିବା ରୋଗ ପାଇଁ ଚିକିତ୍ସା ବିକଳ୍ପ ରହିଛି । ଏଠାରେ ଲେବଲ ୱାନ୍ ସୋନୋଗ୍ରାଫି ମେସିନ୍ ଲଗାଯାଇଥିବାରୁ ରାତିଯାକ ରୋଗୀଙ୍କର ଭିଡିଓ ରେକର୍ଡିଂ ହୋଇଥାଏ । ଏହାପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଡାକ୍ତର ମିଳିତ ଭାବେ ଅଧ୍ୟୟନ କରିଥାନ୍ତି । ସ୍ୱାଭାବିକ ଭାବେ ରୋଗୀ କିପରି ନିଦ୍ରା ଯାଇପାରିବେ, ସେନେଇ କାଉନସେଲିଂ ସହ ଥେରାପି ଏବଂ ଔଷଧ ଦିଆଯାଏ । ଯେହେତୁ ଏହି ସ୍ଲିପ୍ ସେଣ୍ଟରରେ ସ୍ୱତନ୍ତ୍ର ଅତ୍ୟାଧୁନିକ ମେସିନ୍ ଲଗାଯାଇଛି, ତେଣୁ ନିଦର ପ୍ରତ୍ୟେକ ପର୍ଯ୍ୟାୟକୁ ସହଜରେ ଅଧ୍ୟୟନ କରାଯାଇଥାଏ । ନିଦ ନ ଆସିବା, ନିଦ ଭାଙ୍ଗିବା ଆଦି ବିଭିନ୍ନ ଅବସ୍ଥାକୁ ଭଲଭାବେ ବୁଝିବାକୁ ରୋଗୀ ଶୋଇବା ସମୟରେ ଲାଇଟ୍ ଜଳାଯାଇ କିଛି ସମୟ ପରେ ଲାଇଟ୍ ବନ୍ଦ କରିଦିଆଯାଏ । କେବଳ ରାତି ନୁହେଁ, ଦିନରେ ମଧ୍ୟରେ ରୋଗୀଙ୍କ ଶୋଇବା ଅବସ୍ଥାରୁ କିଛି କଥାକୁ ଅଧ୍ୟୟନ କରାଯାଇଥାଏ ।

# ମହିଳା ପ୍ରିମିୟର ଲିଗ୍ ଆଜିଠାରୁ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):

ବିସିସିଆଇ (ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ଆନୁକୂଲ୍ୟରେ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଫେବୃଆରୀ ୧୪ରୁ ୨୫ ତାରିଖ ଯାଏ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବପରି ମୋଟ ୫ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକ ହେଲେ ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଜ୍ୟାଣ୍ଟ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ୱାରିୟର୍ଜ। ଟି-୨୦ ଫର୍ମାଟରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଲୋକପ୍ରିୟତା ବେଶ ବୃଦ୍ଧି ପାଇଛି। ଯାହା ଫଳରେ ଅନ୍ତର୍ଜାତୀୟ ଖେଳାଳି ଏଥିରେ ଅଂଶଗ୍ରହଣ କରିବାକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି।

**ଫର୍ମାଟ ଓ ଭେନ୍ୟୁ:** ପୂର୍ବପରି ୫ଟି ଦଳକୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ଅନ୍ୟସହ ଦୁଇଥର ଲେଖାଏଁ ଖେଳିବ। ଅର୍ଥାତ୍ ଡବଲ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳ ପରେ ପଏଣ୍ଟ ତାଲିକାରେ ପ୍ରଥମ ୩ଟି ସ୍ଥାନରେ ଥିବା ଦଳ ପ୍ଲେ ଅଫ୍‌କୁ ଉନ୍ନୀତ ହେବେ। ଏହା ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ସିଧାସଳଖ ଫାଇନାଲ ଖେଳିବ। ଅନ୍ୟ ଦୁଇଦଳ ମଧ୍ୟରେ ଏଲିମିନେଟର ଖେଳାଯିବ। ଏଥିରେ ବିଜେତା ଦଳ ଫାଇନାଲକୁ ଯିବ। ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଲାଗି ୪ଟି ଭେନ୍ୟୁ ଚୟନ କରାଯାଇଛି। ଭେନ୍ୟୁଗୁଡିକ ହେଲା ବେଙ୍ଗାଲୁରୁର ଏମ୍‌ଏ ଚିନ୍ନାସ୍ୱାମୀ ଷ୍ଟାଡିୟମ୍, ଲକ୍ଷ୍ନୌର ଏକନ ଷ୍ଟାଡିୟମ୍, ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍ ଓ ଭଦୋଦରାର କୋଟାମ୍ବି ଷ୍ଟାଡିୟମ୍। ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୨୦ଟି, ପ୍ଲେ ଅଫ୍ ଓ ଫାଇନାଲରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡିକ ସ୍ପୋର୍ଟ୍ସ ୧୮ ଟିଭି ଚ୍ୟାନେଲ ଓ ଜିଓସିନେମା ଆପ୍‌ରେ ସିଧାସଳଖ ପ୍ରସାରିତ ହେବ। ଚଳିତବର୍ଷ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆୟୋଜିତ ହେବ। ଏହା ପୂର୍ବରୁ ୨୦୨୩ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚାମ୍ପିଅନ ହୋଇଥିଲା। ଏଥର ମଧ୍ୟ ଏହି ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହେବ।

## ସଂକ୍ଷେପରେ ଡବ୍ଲ୍ୟୁପିଏଲ୍

| | | |
|---|---|---|
| ଖେଳ ଆରମ୍ଭ | : | ଫେବୃଆରୀ ୧୪ |
| ଫାଇନାଲ ମ୍ୟାଚ୍ | : | ମାର୍ଚ୍ଚ ୧୫ |
| ଖେଳ ଫର୍ମାଟ୍ | : | ଟି-୨୦ |
| ଟୁର୍ଣ୍ଣାମେଣ୍ଟ ଫର୍ମାଟ | : | ରାଉଣ୍ଡ ରବିନ୍ |
| ଅଂଶଗ୍ରହଣକାରୀ ଟିମ୍ | : | ୫ |
| ମୋଟ ମ୍ୟାଚ ସଂଖ୍ୟା | : | ୨୨ |
| ମୋଟ ଭେନ୍ୟୁ ସଂଖ୍ୟା | : | ୪ |
| ଖେଳ ଆରମ୍ଭ | : | ରାତି ୭ଟା ୩୦ |
| ଟିଭି ପ୍ରସାରଣ | : | ସ୍ପୋର୍ଟ୍ସ ୧୮ |
| ଆପ୍‌ରେ ପ୍ରସାରଣ | : | ଜିଓ ସିନେମା |
| ଡିଫେଣ୍ଡିଂ ଚାମ୍ପିଅନ | : | ଆର୍‌ସିବି |




## ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୪।୨ | ଗୁଜରାଟ-ଆର୍‌ସିବି | ଭଦୋଦରା |
| ୧୫।୨ | ମୁମ୍ବାଇ-ଦିଲ୍ଲୀ | ଭଦୋଦରା |
| ୧୬।୨ | ଗୁଜରାଟ-ୟୁପି | ଭଦୋଦରା |
| ୧୭।୨ | ଆର୍‌ସିବି-ଦିଲ୍ଲୀ | ଭଦୋଦରା |
| ୧୮।୨ | ମୁମ୍ବାଇ-ଗୁଜରାଟ | ଭଦୋଦରା |
| ୧୯।୨ | ୟୁପି-ଦିଲ୍ଲୀ | ଭଦୋଦରା |
| ୨୧।୨ | ଆର୍‌ସିବି-ମୁମ୍ବାଇ | ବେଙ୍ଗାଲୁରୁ |
| ୨୨।୨ | ୟୁପି-ଦିଲ୍ଲୀ | ବେଙ୍ଗାଲୁରୁ |
| ୨୪।୨ | ୟୁପି-ଆର୍‌ସିବି | ବେଙ୍ଗାଲୁରୁ |
| ୨୫।୨ | ଦିଲ୍ଲୀ-ଗୁଜରାଟ | ବେଙ୍ଗାଲୁରୁ |
| ୨୬।୨ | ୟୁପି-ମୁମ୍ବାଇ | ବେଙ୍ଗାଲୁରୁ |
| ୨୭।୨ | ଆର୍‌ସିବି-ଗୁଜରାଟ | ବେଙ୍ଗାଲୁରୁ |
| ୨୮।୨ | ଦିଲ୍ଲୀ-ମୁମ୍ବାଇ | ବେଙ୍ଗାଲୁରୁ |
| ୦୧।୩ | ଆର୍‌ସିବି-ଦିଲ୍ଲୀ | ବେଙ୍ଗାଲୁରୁ |
| ୦୩।୩ | ୟୁପି-ଗୁଜରାଟ | ଲକ୍ଷ୍ନୌ |
| ୦୬।୩ | ୟୁପି-ମୁମ୍ବାଇ | ଲକ୍ଷ୍ନୌ |
| ୦୭।୩ | ଗୁଜରାଟ-ଦିଲ୍ଲୀ | ଲକ୍ଷ୍ନୌ |
| ୦୮।୩ | ୟୁପି-ଆର୍‌ସିବି | ଲକ୍ଷ୍ନୌ |
| ୧୦।୩ | ମୁମ୍ବାଇ-ଗୁଜରାଟ | ମୁମ୍ବାଇ |
| ୧୧।୩ | ମୁମ୍ବାଇ-ଆର୍‌ସିବି | ମୁମ୍ବାଇ |
| ୧୩।୩ | ଏଲିମିନେଟର | ମୁମ୍ବାଇ |
| ୧୫।୩ | ଫାଇନାଲ | ମୁମ୍ବାଇ |

■ ଆଇପିଏଲ୍-୨୦୨୫

## ରଜତ ଆର୍‌ସିବି ଅଧିନାୟକ

ବେଙ୍ଗାଲୁରୁ,୧୩।୨(ଏଜେନ୍ସି): ମଧ୍ୟପ୍ରଦେଶର ରଜତ ପାଟିଦାରଙ୍କୁ ୨୦୨୫ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଦଳର ବରିଷ୍ଠ ଖେଳାଳି ବିରାଟ କୋହଲି ଅଧିନାୟକ ହେବାକୁ ସ୍ପଷ୍ଟଭାବେ ମନା କରିବା



ପରେ ଆର୍‌ସିବି ଜଣେ ନୂଆ ଅଧିନାୟକଙ୍କୁ ନିଯୁକ୍ତ କରିବା ଲାଗି ବାଧ୍ୟ ହୋଇଥିଲା। ଏହି ଫ୍ରାଞ୍ଚାଇଜ୍ ପକ୍ଷରୁ ୨୭ଟି ମ୍ୟାଚ୍ ଖେଳିଥିବା ପାଟିଦାର ଅଧିନାୟକ ଭାବେ ଟିମ୍ ମ୍ୟାନେଜମେଣ୍ଟର ପସନ୍ଦ ହୋଇଥିଲେ। ଏହି ମିଡଲ ଅର୍ଡର ବ୍ୟାଟରଙ୍କୁ ହେଡ୍ କୋଚ୍ ଆଣ୍ଡି ଫ୍ଲାୱାର ଓ କୋହଲି ପ୍ରଶଂସା କରିଛନ୍ତି। ପାଟିଦାରଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଟାଇଟଲ ଜିତିବ ବୋଲି ଫ୍ଲାୱାର ଆଶା ପ୍ରକାଶ କରିଛନ୍ତି। ଆର୍‌ସିବି ପକ୍ଷରୁ ୨୭ଟି ମ୍ୟାଚ୍ ଖେଳି ପାଟିଦାର ୧୫୮.୮୫ ଷ୍ଟ୍ରାଇକ୍‌ରେଟ୍ ଓ ୩୪.୭୫ ହାରରେ ୭୯୯ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ରହିଛି। ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ବିପକ୍ଷ ୨୦୨୨ ଆଇପିଏଲ୍‌ରେ ରଜତ ପାଟିଦାର ୫୪ ବଲ୍‌ରୁ ଶତକ ହାସଲ କରି ଆର୍‌ସିବିକୁ ଜିତାଇଥିଲେ। ଏହି ଇନିଂସ ପରେ ଆର୍‌ସିବିରେ ରଜତଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିଲା।



**ପ୍ରମୁଖ ଖେଳାଳି :** ଏଥର **ଦିଲ୍ଲୀ କ୍ୟାପିଟାଲ୍ସ** ଦଳରେ ବିଦେଶୀ ଖେଳାଳିଭାବେ ଅଷ୍ଟ୍ରେଲିଆର ମେଗ ଲାନିଂ, ଜେସ୍ ଜୋନାସେନ, ଆନାବେଲ ସଦରଲାଣ୍ଡ, ଇଂଲଣ୍ଡର ଆଲିସ୍ କ୍ୟାପସୀ ଓ ଦକ୍ଷିଣ ଆଫ୍ରିକାର ମାରିଜାନ କାପଙ୍କୁ ସ୍ଥାନ ମିଳିଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ରାଧା ଯାଦବ, ଅରୁନ୍ଧତୀ ରେଡ୍ଡୀ ଓ ମିନୁ ମାନି ପ୍ରମୁଖ ଖେଳାଳିଭାବେ ସ୍ଥାନ ପାଇଛନ୍ତି। **ଗୁଜରାଟ ଜ୍ୟାଣ୍ଟ୍ସ** ଦଳରେ ବିଦେଶୀ ଖେଳାଳିଭାବେ ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନର, ଫୋଏବ୍ ଲିଚ୍‌ଫିଲ୍ଡ, ବେଥ୍ ମୁନୀ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟ ଓ ୱେଷ୍ଟଇଣ୍ଡିଜ୍‌ର ଡିଆଣ୍ଡ୍ରା ଡଟିନ ସ୍ଥାନ ପାଇଛନ୍ତି। ପ୍ରମୁଖ ଭାରତୀୟ ଖେଳାଳିଙ୍କ ମଧ୍ୟରେ ମେଘନା ସିଂ, ପ୍ରିୟା ମିଶ୍ର, ଡି ହେମଲତା, ହରଲିନ ଦେଓଲ ପ୍ରମୁଖଙ୍କୁ ସ୍ଥାନ ମିଳିଛି। **ୟୁପି ୱାରିୟର୍ଜ** ଦଳରେ ପ୍ରମୁଖ ବିଦେଶୀ ଖେଳାଳିଭାବେ ଚାମରି ଆଟାପାଟ୍ଟୁ, ଇଂଲଣ୍ଡର ସୋଫି ଇକ୍ଲେଷ୍ଟନ, ଅଷ୍ଟ୍ରେଲିଆର ଗ୍ରେସ୍ ହାରିସ୍, ତାହିଲା ମ୍ୟାକ୍‌ଗ୍ରାଥ୍ ଓ ୱେଷ୍ଟଇଣ୍ଡିଜ୍‌ର ଚିନେଲେ ହେନରୀ ରହିଛନ୍ତି। ପ୍ରମୁଖ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ୍, କିରନ ନାଭଗିରେ ଅଛନ୍ତି।

ଦୁଇ ଟାଇଟଲ ବିଜେତାଙ୍କ ମଧ୍ୟରୁ ଡିଫେଣ୍ଡିଂ ଚାମ୍ପିଅନ୍ **ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ** (ଆର୍‌ସିବି) ଦଳର ନେତୃତ୍ୱ ନେବେ ଭାରତୀୟ ଖେଳାଳି ସ୍ମୃତି ମନ୍ଧାନା। ରିଚା ଘୋଷ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ, ଆଶା ଶୋଭନାଙ୍କ ପରି ଭାରତୀୟ ଖେଳାଳି ରହିଛନ୍ତି। ବିଦେଶୀଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଏଲିସେ ପେରୀ, କିମ୍ ଗାର୍ଥ, ଜିଓର୍ଜିଆ ୱେୟରହାମ୍, ହିଥର ଗ୍ରାହାମ୍, ଇଂଲଣ୍ଡର ଡାନି ୱାଟ-ହଜ୍ ଓ ଚାର୍ଲି ଡିନ୍ ଟାଇଟଲ ବଜାୟ ରଖିବାକୁ ସଂଗ୍ରାମ କରିବେ। ପ୍ରଥମ ଚାମ୍ପିଅନ **ମୁମ୍ବାଇ ଇଣ୍ଡିଆନ୍ସ** ଦଳରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଦଳର ନେତୃତ୍ୱ ନେବେ। ଯାସ୍ତିକା ଭାଟିଆ, ସାଇକା ଇଶାକ୍, ଅମନଜୋତ୍ କୌର, ପୂଜା ଭସ୍ତ୍ରାକାର ଓ ସଞ୍ଜୀବନ ସଞ୍ଜନାଙ୍କ ପରି ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ଅଛନ୍ତି। ୱେଷ୍ଟଇଣ୍ଡିଜ୍‌ର ହ୍ୟାଲୀ ମାଥ୍ୟୁସ୍, ଇଂଲଣ୍ଡର ନାଟ ସିଭର-ବ୍ରଣ୍ଟ, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲ ଓ ଚୋଲେ ଟ୍ରାୟନ, ନ୍ୟୁଜିଲାଣ୍ଡର ଆମେଲିଆ କେର୍ ପ୍ରମୁଖ ମୁମ୍ବାଇ ଲାଗି ଶ୍ରେଷ୍ଠ ଖେଳିବାକୁ ବଦ୍ଧ ପରିକର।

■ ଆଇସିସି ଚାମ୍ପିଅନ୍ସ ଟ୍ରଫି

## କ୍ରିକେଟରଙ୍କ ସହ ଦୁବାଇ ଯିବେନି ପରିବାର ସଦସ୍ୟ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ। ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ କ୍ରିକେଟରମାନଙ୍କ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ଟ୍ରାଭେଲ ପଲିସି ବା ଭ୍ରମଣନୀତି ଲାଗୁ କରାଯାଇଛି। ଏହି ନୀତି ଅନୁସାରେ ଖେଳାଳିମାନଙ୍କ ସହ ସେମାନଙ୍କ ପରିବାର ସଦସ୍ୟମାନେ ଯାଇ ପାରିବେନାହିଁ। ଫଳରେ ଭାରତୀୟ କ୍ରିକେଟରମାନେ ସାଥିରେ ସେମାନଙ୍କ ପତ୍ନୀ, ବାନ୍ଧବୀ କିମ୍ବା ପିଲାଛୁଆଙ୍କୁ ନ ନେବା ସ୍ପଷ୍ଟ ହୋଇଛି। ନୂଆ ଭ୍ରମଣନୀତି ଅନୁସାରେ କୌଣସି ଗସ୍ତ ୪୫ କିମ୍ବା ଅଧିକ ବିଶିଷ୍ଟ ହେଲେ, ଖେଳାଳିମାନଙ୍କ ସହ ସେମାନଙ୍କ ପରିବାର ଅତିବେଶୀରେ ଦୁଇ ସପ୍ତାହ ରହିପାରିବେ।

## ବୁମ୍‌ରା, ରୋହିତଙ୍କୁ ପୁରସ୍କାର

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): କ୍ରିକେଟ ୱେବ୍‌ସାଇଟ୍ ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ଗୁରୁବାର ପୁରସ୍କାର ଘଷଣା କରିଛି। ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଅଧିନାୟକ ରୋହିତ ଶର୍ମା, ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଶମର ଯୋଶେଫ୍, ଅଷ୍ଟ୍ରେଲିଆ ଅଧିନାୟକ ତଥା ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସ ସେମାନଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ସମ୍ମାନିତ ହୋଇଛନ୍ତି। ଭାରତର ଗତ ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟରେ ବୁମରା ଓ ରୋହିତ୍ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

### ଓଡ଼ିଶା ସଚିବାଳୟ କ୍ରୀଡ଼ା ଉଦ୍‌ଯାପିତ

## ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗର ବାଜିମାତ୍

ଭୁବନେଶ୍ୱର,୧୩।୨(ସମିସ): ରାଜ୍ୟ ସଚିବାଳୟ କର୍ମଚାରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ପରିସରରେ ପୁରୁଷ ଭଲିବଲ ଓ ମହିଳା ଥ୍ରୋ ବଲ୍ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗରେ ଖାଦ୍ୟ ଯୋଗାଣ ସ ଖାଉଟି କଲ୍ୟାଣ ବିଭାଗ ବିଜୟୀ ହୋଇଛି। ପୁରୁଷ ଭଲିବଲ ଫାଇନାଲରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ୨-୧ରେ ଓ ମହିଳା ଥ୍ରୋ ବଲ୍ ଫାଇନାଲରେ ରାଜସ୍ୱ ବିଭାଗକୁ ୨-୦ରେ ହରାଇ ଖାଦ୍ୟ ଯୋଗାଣ ବିଭାଗ ଚାମ୍ପିଅନ ହୋଇଥିଲା।



■ ଆନ୍ତଃ ବିଭାଗୀୟ କ୍ୟାରମ୍


ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ତୃତୀୟ ଆନ୍ତଃବିଭାଗୀୟ କ୍ୟାରମ ପ୍ରତିଯୋଗିତା ସଚିବାଳୟ ସେବା ସଂଘ (୨) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଚାମ୍ପିଅନ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲିକ ମୁଖ୍ୟଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଶାସନ ସଚିବ ମହେଶ୍ୱର ଦାସ, ରାକେଶ ରଞ୍ଜନ ବିଶ୍ୱାଳ, ଅନନ୍ତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ବିଭାଗର ସାଂସ୍କୃତିକ ପରିଷଦ ଉପଦେଷ୍ଟା ବିପିନ ହାଁସ୍‌ଦା, ସଭାପତି ଦିବ୍ୟଜୀବନ ସାହୁ, ଉପସଭାପତି ଅମିତ ମହାନ୍ତି, ସାଧାରଣ ସମ୍ପାଦକ ଶିବପ୍ରସାଦ ହାଁସ୍‌ଦା, କୋଷାଧ୍ୟକ୍ଷ ସିକନ୍ଦର ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ।



# ଘରୋଇ ସମର୍ଥକଙ୍କ ଉପରେ ଭାରତର ଭରସା

ଭୁବନେଶ୍ୱର,୧୩।୨(ସମିସ):

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାରଠାରୁ ମହିଳା ପ୍ରୋ-ଲିଗ୍ ହକି ଆରମ୍ଭ ହେବ। ଏହି ହାଇପ୍ରୋଫାଇଲ୍ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ବେଶ ପ୍ରସ୍ତୁତି କରିଛି। ଅର୍ଜୁନ ପୁରସ୍କାର ବିଜେତା ସଲିମା ଟେଟେ ଦଳର ନେତୃତ୍ୱ ନେଉଥିଲାବେଳେ ପ୍ରତିଷ୍ଠିତ ହରେନ୍ଦ୍ର ସିଂ ଦଳକୁ ପ୍ରଶିକ୍ଷଣ ଦେଉଛନ୍ତି। ସଲିମା-ହରେନ୍ଦ୍ରଙ୍କ ଯୋଡି ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଭାବ ପକାଇବେ ବୋଲି ଆଶା କରାଯାଉଛି। ବିଶେଷ କରି ରାଞ୍ଚିରେ ଗତବର୍ଷ ଅନୁଷ୍ଠିତ ଏସିଆନ ଚାମ୍ପିଅନ୍ସ ଟ୍ରଫି ମହିଳା ହକିରେ ଚାମ୍ପିଅନ ହେବା ପରେ ମାରତୀୟ ଦଳର ଆତ୍ମବିଶ୍ୱାସ ଢ଼େର ବୃଦ୍ଧି ପାଇଛି ଓ ଏହି ବିଜୟଧାରା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବଜାୟ ରଖିବ ବୋଲି ଆଶା ରଖିଛି। କିନ୍ତୁ ସବୁଠୁ ଅଧିକ ଭରସା ହେଉଛନ୍ତି ସ୍ଥାନୀୟ ଦର୍ଶକ। ଅନ୍ୟ ଯେ କୌଣସି ଷ୍ଟାଡିୟମ୍ ଅପେକ୍ଷା କଳିଙ୍ଗର ଦର୍ଶକ ଓ ସମର୍ଥକଙ୍କ ସ୍ଥାନ ଆମ ଲାଗି ସ୍ୱତନ୍ତ୍ର। ଏମାନଙ୍କ ଉତ୍ସାହ ଓ ସମର୍ଥନ ବଳରେ ଏଠାରେ ଆମେ ଅଧିକ ସଫଳ ହେବୁ ବୋଲି ଉଭୟ ହେଡ୍ କୋଚ୍ ହରେନ୍ଦ୍ର ସିଂ ଓ ଅଧିନାୟିକା ସଲିମା ଟେଟେ ଆଶା ପ୍ରକାଶ କରିଛନ୍ତି।


ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ଏହି ଲିଗ୍‌ରେ ଭାଗ ନେଇଥିବା ଦଳଗୁଡିକ ଅନ୍ୟ ସହ ୨ଥର ଲେଖାଏଁ ଖେଳିବେ। ଏଠାରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଇଂଲଣ୍ଡ ସହ ଖେଳିବ। ଫେବୃଆରୀ ୧୫ ଓ ୧୬ରେ ଇଂଲଣ୍ଡ ସହ ଭାରତର ମୁକାବିଲା ହେବ। ଏହାର ଗୋଟିଏ ଦିନ ପରେ ଅର୍ଥାତ ଫେବୃଆରୀ ୧୮ ଓ ୧୯ରେ ସ୍ପେନ୍, ବିଶ୍ୱର ନଂ-୪ ଟିମ୍ ଜର୍ମାନୀ ସହ ଫେବୃଆରୀ ୨୧ ଓ ୨୨, ବିଶ୍ୱର ନଂ-୧ ଟିମ୍ ନେଦରଲାଣ୍ଡ ସହ ଫେବୃଆରୀ ୨୪ ଓ ୨୫ରେ ଖେଳି ଭାରତୀୟ ଲେଗ୍‌ରେ ଅଭିଯାନ ଶେଷ କରିବ।

ସଲିମା ଟେଟେଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ଉଭୟ ଅଭିଜ୍ଞ ଓ ପ୍ରତିଭାବାନ ନବାଗତ ଖେଳାଳିମାନେ ରହିଛନ୍ତି। ଗୋଲରକ୍ଷକ ସବିତା, ସୁଶିଳା ଚାନୁ, ନିକ୍କି ପ୍ରଧାନ, ବନ୍ଦନା କଟରିଆ, ଉଦିତା, ଲାଲରେମସିଆମି, ଶର୍ମିଳା ଦେବୀ ଓ ଉପଅଧିନାୟିକା ନଭନୀତ କୌର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ଯୁବ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ, ଜ୍ୟୋତି ଓ ଦୀପିକାଙ୍କ ଉପରେ ଢ଼େର ଭରସା ରହିଛି। ଏମାନେ ମଧ୍ୟ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିବେ। ଭାରତର ସମସ୍ତ ପ୍ରତିଦ୍ୱନ୍ଦ୍ୱୀ ଶକ୍ତିଶାଳୀ। ଗୋଟିଏ ଭୂଲ ଦଳ ନିକଟରୁ ମ୍ୟାଚ୍ ହାତଛଡ଼ା ହେବାର ଆଶଙ୍କା ରହିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS